୬ କୋଲକାତାକୁ ୫ ୱିକେଟ୍‌ରେ ହରାଇଲା ଗୁଜରାଟ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୭୮ ● ୧୮ ଅପ୍ରେଲ ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-78 ● 18th April 2026, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ଲୋକସଭାରେ କାଟ୍ ଖାଇଲା ସମ୍ବିଧାନ ସଂଶୋଧନ ବିଲ୍

**ନୂଆଦିଲ୍ଲୀ, ୧୭।୪**

ମହିଳା ସଂରକ୍ଷଣକୁ ତ୍ୱରାନ୍ୱିତ କରିବା ପାଇଁ ନୂତନ ଜନଗଣନା ବିନା ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ଶେଷ କରିବାକୁ ଆସିଥିବା ୩ଟି ସମ୍ବିଧାନ ସଂଶୋଧନ ବିଲ୍ ଶୁକ୍ରବାର ଲୋକସଭାରେ କାଟ୍ ଖାଇଛି। ସରକାରଙ୍କୁ ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ନ ମିଳିବାରୁ ଏ ବାବଦ ବିଲ୍ ସଂସଦରେ ପାରିତ ହେବାରେ ଫେଲ୍ ମାରିଛି। ଶୁକ୍ରବାର ଲୋକସଭାରେ ଏହି ବିଲ୍ ଉପରେ ହୋଇଥିବା ଭୋଟ ଗ୍ରହଣରେ ୨୯୮ ଜଣ ସଦସ୍ୟ ସପକ୍ଷରେ ଭୋଟ ଦେଇଥିବା ବେଳେ ୨୩୦ ଜଣ ବିପକ୍ଷରେ ଭୋଟ ଦେଇଥିଲେ। ବିଲ୍ ପାରିତ ହେବା ପାଇଁ ଶାସକ ଏନଡିଏକୁ ୩୨୬ ଭୋଟ୍'ର ଆବଶ୍ୟକତା ଥିଲା। ସୀମା ପୁନଃନିର୍ଦ୍ଧାରଣ ପାଇଁ ଏକ ନୂତନ ଜନଗଣନାର ଆବଶ୍ୟକତାକୁ ଏଡ଼ାଇବା ପାଇଁ ଏହି ବିଲ୍ ଲକ୍ଷ୍ୟ ରଖିଥିବା ବେଳେ ଏହା ଭଣ୍ଡୁର ହୋଇଥିବାରୁ ମହିଳାଙ୍କ ପାଇଁ



୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ ଅନିଶ୍ଚିତତା ଭିତରକୁ ଚାଲିଯାଇଛି। କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ଲୋକସଭାରୁ ଏହି ବିଲ୍ ପ୍ରତ୍ୟାହାର କରିବା ପରେ ଶନିବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଲୋକସଭା ମୁଲତବୀ ରଖାଯାଇଛି।

ନାରୀ ଶକ୍ତି ବନ୍ଦନ ଅଧିନିୟମ ବା ମହିଳା ସଂରକ୍ଷଣ ଆଇନରେ ସଂଶୋଧନ ଉପରେ ବିଚାର କରିବା ପାଇଁ ଗତ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦର ତିନି ଦିନିଆ ସ୍ୱତନ୍ତ୍ର ଅଧିବେଶନ ଚାଲିଥିବା ବେଳେ ମୁଖ୍ୟ ବିଲ୍ କାଟ୍ ଖାଇଥିବା ନେଇ ରାଜନୀତି ସରଗରମ ହୋଇଛି। ପ୍ରସ୍ତାବିତ ସଂଶୋଧନଗୁଡିକ ଦ୍ୱାରା ୨୦୨୯ ସୁଦ୍ଧା ମହିଳା ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାରିତାକୁ ସକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ସଂରକ୍ଷଣ ଢାଞ୍ଚାକୁ କାର୍ଯ୍ୟକାରୀ କରିବା ପାଇଁ ଲୋକସଭାର ସଂଖ୍ୟାକୁ ୫୪୩ରୁ ୮୫୦ ଆସନକୁ ବୃଦ୍ଧି କରିବାକୁ ସରକାର ପ୍ରୟାସ କରିଥିଲେ।

ଏହି ଯୋଜନାର ଏକ ଅଂଶ ଭାବରେ, ୨୦୧୧ ଜନଗଣନାକୁ ଆଧାର କରି ସୀମା ନିର୍ଦ୍ଧାରଣ କରାଯିବାକୁ ସରକାର ବିଲ୍ ଆଣିଥିଲେ ଏବଂ ବିରୋଧୀ ଦଳମାନେ ଏହାକୁ ଜୋରଦାର ବିରୋଧ କରିଥିଲେ।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ଲୋକସଭାରେ ତାଙ୍କ ଭାଷଣରେ କହିଥିଲେ ଯେ, ମହିଳାମାନଙ୍କୁ ସେମାନଙ୍କ ଅଧିକାର ଦେବା ପାଇଁ ଆମେ ଆଉ ଦଶନ୍ଧି ଅପେକ୍ଷା କରିପାରିବା ନାହିଁ। ଜନଗଣନା ଏକ ସମୟସାପେକ୍ଷ ପ୍ରକ୍ରିୟା, ତେଣୁ ଏହାକୁ ବାଇପାସ୍ କରି ସୀମା ନିର୍ଦ୍ଧାରଣ କରିବା ଜରୁରୀ। ସେ ଅଭିଯୋଗ କରିଥିଲେ ଯେ ବିରୋଧୀ ଦଳଗୁଡ଼ିକ କେବଳ ବୈଷୟିକ କାରଣ ଦର୍ଶାଇ ନାରୀ ଶକ୍ତିର ବିକାଶକୁ ରୋକୁଛନ୍ତି। ଲୋକସଭାରେ *(ପୃଷ୍ଠା ୭ରେ)*

# ବିଜୁ ପଟ୍ଟନାୟକଙ୍କ ଅଧୁରା ସ୍ୱପ୍ନକୁ ଆମ ସରକାର ପୂରଣ କରିବ

**ଭୁବନେଶ୍ୱର, ୧୭।୪**
**ନ୍ୟୁଜ୍ ବ୍ୟୁରୋ**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୨୯ ତମ ଶ୍ରାଦ୍ଧ ଦିବସ ଅବସରରେ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଜୁ ବାବୁ ଜଣେ ସ୍ୱାଧୀନତା ସଂଗ୍ରାମୀ, ଶିଳ୍ପପତି, ଓଡିଶାକୁ ଭଲ ପାଉଥିବା ରାଜନେତା । ଓଡିଶା ମାଟିର ଗୌରବ ଏବଂ ଦେଶର ସମ୍ମାନ ପାଇଁ ସିଏ ସର୍ବଦା ଲଢେଇ କରୁଥିଲେ । ଓଡ଼ିଶାର ସ୍ୱାଭିମାନ ଏବଂ ସମ୍ମାନ ପାଇଁ ସିଏ କେବେ ସାଲିସ କରିନଥିଲେ । ଓଡିଶାକୁ ସମୃଦ୍ଧ କରିବାକୁ ସ୍ୱପ୍ନ ଦେଖିଥିଲେ ବିଜୁ ପଟ୍ଟନାୟକ। ବିଜୁ ପଟ୍ଟନାୟକଙ୍କ ସଂକଳ୍ପ ଏବଂ ସ୍ୱପ୍ନକୁ ନେଇ ଆମ ସରକାର ମଧ୍ୟ ସମୃଦ୍ଧ ଓଡିଶା ଗଠନ କରିବାକୁ କାର୍ଯ୍ୟ କରୁଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡିଶାକୁ ସମୃଦ୍ଧ କରିବା ଏବଂ ଓଡିଶା ଅସ୍ମିତାକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ବିଜୁ ବାବୁଙ୍କର ଯେଉଁ ସ୍ୱପ୍ନ ଅଧୁରା ରହିଯାଇଛି, ସେହି ସପ୍ନକୁ ପୁରା କରିବାକୁ ଆମ ସରକାର ସଂକଳ୍ପ ନେଇଛନ୍ତି । *(ପୃଷ୍ଠା ୭ରେ)*



# ଝାଡ଼ଖଣ୍ଡରେ ୪ଜଣ ମାଓବାଦୀ ନିପାତ

**ରାଞ୍ଚି, ୧୭।୪**

ସୁନ୍ଦରଗଡ଼ ଜିଲ୍ଲା ସୀମାନ୍ତ ଝାଡ଼ଖଣ୍ଡର ହଜାରିବାଗ ଜିଲ୍ଲାର ପିପରଓ୍ୱାର-କେରେଡାରୀ ଅଞ୍ଚଳସ୍ଥିତ ଖପିଆ ଜଙ୍ଗଲରେ ଶୁକ୍ରବାର ସୁରକ୍ଷା ବାହିନୀ ଏବଂ ଟିଏସ୍‌ପିସି ଉଗ୍ରବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ସୁରକ୍ଷା ବାହିନୀର ଯବାନମାନେ ଉଗ୍ରବାଦୀଙ୍କ ବିରୋଧରେ କଡ଼ାକାର୍ଯ୍ୟାନୁଷ୍ଠାନ ନେଇଥିଲେ। ଏହି କାର୍ଯ୍ୟାନୁଷ୍ଠାନରେ ଉଗ୍ରବାଦୀ ସଂଗଠନର ୪ଜଣ ସଦସ୍ୟ ନିପାତ ହୋଇଥିଲେ। ନିପାତ ହୋଇଥିବା ଉଗ୍ରବାଦୀଙ୍କ ମଧ୍ୟରେ ସଂଗଠନର ଜୋନାଲ୍ କମାଣ୍ଡର ଏବଂ ୧୫ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ଶାହଦେବ ମଧ୍ୟ ସାମିଲ ଅଛି, ଯାହାକୁ ସୁରକ୍ଷା ବାହିନୀର ଯବାନମାନେ ଦୀର୍ଘଦିନରୁ ଖୋଜୁଥିଲେ।

ପୁଲିସକୁ ସୂଚନା ମିଳିଥିଲା ଯେ, ଟିଏସ୍‌ପିସିର ଉଗ୍ରବାଦୀମାନେ ଏକ ବଡ଼ଧରଣର ଷଡ଼ଯନ୍ତ୍ର କରୁଛନ୍ତି। ଏଥି ପାଇଁ ସେମାନେ ଖପିଆ କୋଟି ଝରଣା ଅଞ୍ଚଳରେ ଏକତ୍ର ହୋଇଥିଲେ। ଏହି ସୂଚନା ଆଧାରରେ କୋବ୍ରା ବାଟାଲିଅନ ଏବଂ ଚତରା ଜିଲ୍ଲା ପୁଲିସ ମିଳିତ ଭାବେ ସର୍ଚ୍ଚ ଅପରେସନ କରିଥିଲେ। ଘଟଣାସ୍ଥଳରେ ଯେତେବେଳେ ସୁରକ୍ଷା ବାହିନୀ ପହଞ୍ଚି ଥିଲେ, ଉଗ୍ରବାଦୀମାନେ ହିଂସ୍ର ହୋଇଥିଲେ ଏବଂ ଅତର୍କିତ ଭାବେ ଗୁଳି ଚଳାଇଥିଲେ। ଏହାର ଜବାବ କାର୍ଯ୍ୟାନୁଷ୍ଠାନ ବଳରେ ସୁରକ୍ଷା ବାହିନୀର ଗୁଳିମାଡ଼ରେ ୪ଜଣ ଉଗ୍ରବାଦୀ ନିପାତ ହୋଇଥିଲେ। ନିପାତ ଉଗ୍ରବାଦୀଙ୍କ ମଧ୍ୟରେ ଶାହଦେବର ପତ୍ନୀ ମଧ୍ୟ ସାମିଲ ଅଛି।

# ଖୋଲିଲା ହର୍ମୁଜ : ଘୋଷଣା କଲେ ଇରାନ ବୈଦେଶିକ ମନ୍ତ୍ରୀ

**ତେହେରାନ, ୧୭।୪**

ପଶ୍ଚିମ ଏସିଆରେ ବଢ଼ି ଚାଲିଥିବା ଯୁଦ୍ଧ ପରିସ୍ଥିତି ମଧ୍ୟରେ ଏକ ବଡ଼ ଧରଣର କୂଟନୈତିକ ସଫଳତା ମିଳିଛି। ଇସ୍ରାଏଲ ଓ ଲେବାନନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ହେବା ପରେ ଇରାନ ଏହାର ଗୁରୁତ୍ୱପୂର୍ଣ୍ଣ ଜଳପଥ 'ହର୍ମୁଜ ପ୍ରଣାଳୀ'କୁ ବାଣିଜ୍ୟିକ କାରବାର ପାଇଁ ସମ୍ପୂର୍ଣ୍ଣ ଖୋଲି ଦେଇଛି। ଇରାନର ଏହି ପଦକ୍ଷେପ କେବଳ ଏକ ସାମରିକ ବିରତି ନୁହେଁ ବରଂ ବିଶ୍ୱ ଅର୍ଥନୀତି ପାଇଁ ବଡ଼ ଆଶ୍ୱସ୍ତିର କାରଣ ହୋଇଛି। ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ତୈଳ ପରିବହନ ଏହି ପଥ ଦେଇ ହେଉଥିବାରୁ, ଇରାନର ଏହି ଆଭିମୁଖ୍ୟ ପଛରେ ଉଭୟ ରଣନୈତିକ ଚାପ ଏବଂ କୂଟନୈତିକ ବୁଝାମଣା ରହିଥିବା ବିଶ୍ଳେଷକମାନେ ମତ ଦେଉଛନ୍ତି।

ଲେବାନନ ସୀମାରେ ଅସ୍ତ୍ରବିରତି ଲାଗୁ ହେବା ସହ ଏହା ସହିତ ତାଳ ଦେଇ ଇରାନ ଅସ୍ତ୍ରବିରତି ସମୟସୀମା ଶେଷ ହେବା ପର୍ଯ୍ୟନ୍ତ



ହର୍ମୁଜ ପ୍ରଣାଳୀକୁ ଖୋଲିବାକୁ ଘୋଷଣା କରିଛି। ଗତ କିଛି ଦିନ ହେବ ଆମେରିକାର ଅବରୋଧ ଯୋଗୁଁ ଅଟକି ରହିଥିବା ଇରାନର ତୈଳ ଟ୍ୟାଙ୍କରଗୁଡ଼ିକ ଏବେ ଗନ୍ତବ୍ୟ ସ୍ଥଳକୁ ଯାତ୍ରା ଆରମ୍ଭ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ଇସ୍ରାଏଲ-ଲେବାନନ ମଧ୍ୟରେ ଏକ ଅସ୍ଥାୟୀ ବୁଝାମଣା ହୋଇଥିବାରୁ ଏହାକୁ ସମ୍ମାନ ଦେଇ ଇରାନ ମଧ୍ୟ ବଡ଼ ପଦକ୍ଷେପ ଗ୍ରହଣ କରିଛି। ଫଳରେ ଯୁଦ୍ଧ ପରିସ୍ଥିତି ଟଳିଛି। ଏହି ନିଷ୍ପତ୍ତି ପରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦରରେ ହ୍ରାସ ଘଟିବା ସହ ଅର୍ଥନୈତିକ ଅନିଶ୍ଚିତତା ଦୂର ହେବାର ଆଶା କରାଯାଉଛି।

ଆମେରିକାର ପ୍ରଚେଷ୍ଟାରେ ହୋଇଥିବା ଏହି ବୁଝାମଣା ଅନୁଯାୟୀ, ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ୧୦ ଦିନ ପାଇଁ ସମସ୍ତ ପ୍ରକାର ଆକ୍ରମଣ ବନ୍ଦ ରହିବ। ଲେବାନନ୍ ସରକାର ଦକ୍ଷିଣ ସୀମାରେ ହେଜବୁଲାର କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ଇସ୍ରାଏଲ ନିଜର ଆତ୍ମରକ୍ଷା ପାଇଁ କ୍ଷମତା ସଂରକ୍ଷିତ ରଖିଛି।

### ସାର ଉପଲବ୍ଧତା ଓ ବଣ୍ଟନ ନେଇ ଜିଲ୍ଲାପାଳଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ବୈଠକ

# କଳାବଜାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୭।୪**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଖରିଫ ଋତୁ ପାଇଁ ସାର ଉପଲବ୍ଧତା ଓ ସୁଷମ ବଣ୍ଟନ ଉପରେ ସମୀକ୍ଷା କରି ସାରର ଲାଷ୍ଟ ମାଇଲ ଡେଲିଭରୀ ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରତ୍ୟେକ ଚାଷୀ, କ୍ଷୁଦ୍ର ହୁଅନ୍ତୁ ବା ନାମମାତ୍ର, ସମସ୍ତେ ଯେପରି ଆବଶ୍ୟକତା ଅନୁଯାୟୀ ସାର ପାଇବେ, ତାକୁ ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ



ଦେଇଥିଲେ।

ସୂଚନାଯୋଗ୍ୟ ଯେ, ପଶ୍ଚିମ ଏସିଆରେ ଲାଗି ରହିଥିବା ଯୁଦ୍ଧ ଜନିତ ପରିସ୍ଥିତି ଯୋଗୁ ସାର ପ୍ରସ୍ତୁତି ବାଧାପ୍ରାପ୍ତ *(ପୃଷ୍ଠା ୭ରେ)*

# ୨୧ରେ ରାଷ୍ଟ୍ରପତିଙ୍କ ଗସ୍ତ ନେଇ ମୁଖ୍ୟ ଶାସନ ସଚିବଙ୍କ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର, ୧୭।୪**
**ନ୍ୟୁଜ୍ ବ୍ୟୁରୋ**

ଭାରତର ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କର ଆସନ୍ତା ୨୧ ତାରିଖରେ ରାଉରକେଲା ଗସ୍ତ କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଶୁକ୍ରବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମର ପ୍ରସ୍ତୁତି ଯେପରି ତ୍ରୁଟିଶୂନ୍ୟ ହେବ, ସେଥିପାଇଁ ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ଏବଂ ତଦାରଖ ଉପରେ ମୁଖ୍ୟ ଶାସନ ସଚିବ ସଂପୃକ୍ତ ବିଭାଗର ସଚିବ ତଥା ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଦେଓ ରଂଜନ କୁମାର ସିଂ, ଗୃହ, ଶିକ୍ଷ, ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା, ବିଜ୍ଞାନ ଓ କାରିଗରୀ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଚିତ୍ରା ଆରୁମୁଗମଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ବୈଠକରେ ଆଲୋଚନା ଅନୁସାରେ ରାଷ୍ଟ୍ରପତି ଏପ୍ରିଲ ୨୧ ତାରିଖ ସକାଳୁ ନୂଆ ଦିଲ୍ଲୀରୁ ବାୟୁସେନା ବିମାନରେ ବାହାରି ପୂର୍ବାହ୍ନ ୧୦.୨୫ ରେ ଝାରସୁଗୁଡ଼ା ବିମାନ ବନ୍ଦରରେ ପହଞ୍ଚିବେ । ସେଠାରୁ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ସକାଳ ୧୧.୧୦ ମି ସମୟରେ ରାଉରକେଲା *(ପୃଷ୍ଠା ୭ରେ)*

# ଶଙ୍ଖ ଭବନରେ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ

**ଭୁବନେଶ୍ୱର, ୧୭।୪**
**ନ୍ୟୁଜ୍ ବ୍ୟୁରୋ**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ଦିବସ ଶୁକ୍ରବାର ସାରା ରାଜ୍ୟରେ ପାଳିତ ହୋଇ ଯାଇଛି। ଏହି ଅବସରରେ ଶଙ୍ଖ ଭବନରେ ଆୟୋଜିତ ଶ୍ରାଦ୍ଧସଭା କାର୍ଯ୍ୟକ୍ରମରେ ଦିଲ୍ଲୀରୁ ଆଭାସୀ ଜରିଆରେ ଯୋଗ ଦେଇ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ, ମହାନ ଜନ ନାୟକ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ବିଜୁ ବାବୁଙ୍କ ଦେଶଭକ୍ତି, ସାହସ ଓ ସ୍ୱାଭିମାନ ପାଇଁ ସେ ଆଜି ଅମର ରହିଛନ୍ତି ଓ ରହିଥିବେ। ବିଜୁ ବାବୁ ମହିଳା ମାନଙ୍କ ସଶକ୍ତିକରଣର ଅଗ୍ରଦୂତ ଥିଲେ ଓ ସେମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଲାଗୁ କରି ସାରା ଦେଶରେ ଇତିହାସ ସୃଷ୍ଟି କରିଥିଲେ।



ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଜୁ ବାବୁ ଥିଲେ ଆକାଶ ପରି ବିଶାଳ । ମାଟି ପରି ସହିଷ୍ଣୁ ଓ ହିମାଳୟ ପରି ତୁଙ୍ଗ । କିନ୍ତୁ ଆପଣ ଜାଣନ୍ତି, ଓଡିଶା ରାଜନୀତିରେ କିଛି ଲୋକ ସବୁବେଳେ ଟିଟ୍ରେୟାଲ ରୋଲ୍‌ରେ ଖୁସି ହୁଅନ୍ତି । ସେମାନେ ମନେ ରଖିବା ଉଚିତ ଯେ ମୁଖାର ଆବରଣ ତଳେ ସେମାନଙ୍କ ପାପ ଦୀର୍ଘଦିନ ଧରି ଲୁଚି ପାରିବ ନାହିଁ। କିଏ କଣ କରୁଛି ଓଡିଶା ବାସୀ ଭଲ ଭାବରେ ଜାଣନ୍ତି।

ସୀମା ପୁନଃ ନିର୍ଦ୍ଧାରଣ *(ପୃଷ୍ଠା ୭ରେ)*

# ଦ୍ୱୈତ ନାଗରିକତ୍ୱ ମାମଲା ନେଇ ରାହୁଲ ଗାନ୍ଧୀଙ୍କ ନାମରେ ଏଫ୍‌ଆଇଆର୍ ନିର୍ଦ୍ଦେଶ

**ଲକ୍ଷ୍ନୌ, ୧୭।୪**

ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ ଶୁକ୍ରବାର ଦିନ ଦ୍ୱୈତ ନାଗରିକତ୍ୱ ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଏଫ୍‌ଆଇଆର୍ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଫ୍‌ଆଇଆର ପଞ୍ଜୀକରଣ ଦାବିକୁ ପ୍ରତ୍ୟାଖ୍ୟାନ କରିଥିବା ସ୍ୱତନ୍ତ୍ର ଏମ୍‌ପି-ଏମ୍‌ଏଲ୍‌ଏ ଅଦାଲତଙ୍କ ନିଷ୍ପତ୍ତି ବିରୁଦ୍ଧରେ ଏହି ଆଦେଶ ଦିଆଯାଇଛି।

ଶୁକ୍ରବାର ଦିନ, ଜଷ୍ଟିସ୍ ସୁଭାଷ ବିଦ୍ୟାର୍ଥୀ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚରେ ଦ୍ୱୈତ ନାଗରିକତ୍ୱ ସମେତ ରାହୁଲ ଗାନ୍ଧୀଙ୍କ ବିରୋଧରେ ହୋଇଥିବା ବିଭିନ୍ନ ଅଭିଯୋଗ ସମ୍ବନ୍ଧୀୟ ମାମଲାର ଶୁଣାଣି କରିଥିଲେ। କୋର୍ଟରେ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ଓକିଲ କହିଛନ୍ତି ଯେ ସମଗ୍ର ଘଟଣାର *(ପୃଷ୍ଠା ୭ରେ)*

# ଇଣ୍ଡୋନେସିଆରେ ହେଲିକପ୍ଟର ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ

**ଜାକର୍ତ୍ତା, ୧୭।୪**

ଇଣ୍ଡୋନେସିଆର ବୋର୍ଣ୍ଣିଓ ଦ୍ୱୀପରେ ଏକ ଭୟଙ୍କର ହେଲିକପ୍ଟର ଦୁର୍ଘଟଣା ଘଟି ବିମାନରେ ଥିବା ସମସ୍ତ ୮ ଜଣଙ୍କର ମୃତ୍ୟୁ ହୋଇଥିବା ଶୁକ୍ରବାର ଦିନ ଅଧିକାରୀମାନେ ନିଶ୍ଚିତ କରିଛନ୍ତି। ''ପିଟି ମାଥ୍ୟୁ ଏୟାର ନୁସାନ୍ତାରା'' ଦ୍ୱାରା ପରିଚାଳିତ ଏୟାରବସ୍ 'ଏଚ୍‌୧୩୦' ହେଲିକପ୍ଟରଟି ଗୁରୁବାର ପଶ୍ଚିମ କାଲିମଣ୍ଟାନର ମେଲାୱି ଜିଲ୍ଲାରୁ ଏକ ପାମ୍ ତେଲ ବଗିଚା ଅଭିମୁଖେ ଉଡ଼ାଣ ଭରିବାର ମାତ୍ର ୫ ମିନିଟ୍ ପରେ ନିଖୋଜ ହୋଇଯାଇଥିଲା। ଜାତୀୟ ସନ୍ଧାନ ଓ ଉଦ୍ଧାର ସଂସ୍ଥା ଓ ପରିବହନ ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ସେକାଡାଉ ଜିଲ୍ଲାର ଘଞ୍ଚ ଜଙ୍ଗଲ ମଧ୍ୟରୁ ହେଲିକପ୍ଟରର ଭଗ୍ନାବଶେଷ ସହ ୨ ଜଣ କ୍ରୁ ସଦସ୍ୟ ଏବଂ ଜଣେ ମାଲେସୀୟ ନାଗରିକଙ୍କ ସମେତ ୬ ଜଣ ଯାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି।

ଏହି ଦୁର୍ଘଟଣା ପଛର ପ୍ରକୃତ କାରଣ ଜଣାପଡ଼ିନଥିଲେ ହେଁ, ଯାନ୍ତ୍ରିକ ତ୍ରୁଟି କିମ୍ବା ଖରାପ ପାଗ କାରଣରୁ ଦୁର୍ଘଟଣା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ଇଣ୍ଡୋନେସିଆ ଭଳି ଏକ ବିଶାଳ ଦ୍ୱୀପପୁଞ୍ଜ ଦେଶରେ ପରିବହନ ପାଇଁ ବିମାନ ଓ ଜଳଯାନ ଉପରେ ଅଧିକ ନିର୍ଭର କରିବାକୁ ପଡୁଥିବା ବେଳେ, ବାରମ୍ବାର ଘଟୁଥିବା ଏହିପରି ଦୁର୍ଘଟଣା ଦେଶର ସୁରକ୍ଷା ମାନଦଣ୍ଡ ଓ ଭିତ୍ତିଭୂମି ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଅବୈଧ ନିର୍ମାଣ ନେଇ ସୁପ୍ରିମକୋର୍ଟଙ୍କ କଠୋର ମନୋଭାବ-ଦେଶବ୍ୟାପୀ ତଦନ୍ତ ନିର୍ଦ୍ଦେଶ, ମ୍ୟୁନିସିପାଲ୍ କର୍ତ୍ତୃପକ୍ଷଙ୍କ ଭୂମିକା ଉପରେ ପ୍ରଶ୍ନ



**ପ୍ରମୋଦ ପଟ୍ଟନାୟକ**
ଅବସରପ୍ରାପ୍ତ ଆଇଏଏସ୍
ନିଳାଦ୍ରୀ ବିହାର, ଭୁବନେଶ୍ୱର

ଅବୈଧ ନିର୍ମାଣ ଓ ବିଲ୍ଡିଂ ନିୟମ ଉଲ୍ଲଂଘନ ନେଇ ସୁପ୍ରିମକୋର୍ଟ ଗୁରୁତର ଚିନ୍ତା ପ୍ରକାଶ କରି ଦେଶବ୍ୟାପୀ ତଦନ୍ତ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ତା ୨୫.୩.୨୦୨୬ ରିଖରେ, ତାମିଲନାଡୁରୁ ଉପୁଜିଥିବା ଏକ ମାମଲା ସମ୍ବନ୍ଧୀୟ ଶୁଣାଣି ସମୟରେ (ଏସ୍‌ଏଲ୍‌ପି (ସି)୮୦୪୪-୪୫/ ୨୦୨୫) କୋର୍ଟଙ୍କ ଦୃଷ୍ଟିକୁ ଆସିଥିଲା ଯେ, ଚେନ୍ନାଇର ପ୍ରାଧିକୃତ ଅଧିକାରୀ କିମ୍ବା ସଂସ୍ଥାର ଅନୁମୋଦନ ବିନା ଏକ ଏ+୧ ମହଲା ଘର ନିର୍ମାଣ ହୋଇଥିବା ସତ୍ତ୍ୱେ, ମୁନିସିପାଲ୍ କର୍ପୋରେସନ୍ ଅନଧିକୃତ ନିର୍ମାଣ ସମୟରେ କୌଣସି ପଦକ୍ଷେପ ନେଇନଥିଲା। ବରଂ, ନିର୍ମାଣ ପରେ ସେହି ନିର୍ମିତ କୋଠା କୁ ଭାଙ୍ଗି ଦେବା ପାଇଁ ଚେନ୍ନାଇର ମ୍ୟୁନିସିପାଲ କର୍ପୋରେସନ ନିର୍ଦ୍ଦେଶ ଦେଇଥିଲେ।

କୋର୍ଟ ଏହାକୁ "ଚିନ୍ତାଜନକ ପରିସ୍ଥିତି" ବୋଲି ଅଭିହିତ କରି କହିଛନ୍ତି ଯେ, ଏପରି ଘଟଣା ଅଧିକାରୀମାନଙ୍କ ଅବହେଳା କିମ୍ବା ମିଳିଭଗତ ବିନା ସମ୍ଭବ ନୁହେଁ। ଏହା ମଧ୍ୟ ମାନ୍ୟବର ସୁପ୍ରିମ କୋର୍ଟଙ୍କ ଦୃଷ୍ଟିକୁ ଆସିଛି ଯେ, ତାମିଲନାଡୁ ସରକାରଙ୍କ ଅତିରିକ୍ତ ଶାସନ ସଚିବ, ଏ ପ୍ରକାରର ଅନିୟମିତତା ପାଇଁ କୌଣସି ଅଧିକାରୀଙ୍କ ବିରୁଦ୍ଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ସେତେବେଳେ, ଯେତେବେଳେ ମାନ୍ୟବର ତାମିଲନାଡୁର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ବଳବତ୍ତର ଥିଲା ଯେ ଏ ବିଷୟଟି ଆଇନ ଅନୁଯାୟୀ ବିଚାର କରାଯାଉ।

ଏହା ସହିତ, ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ, ତାମିଲନାଡୁ ରାଜ୍ୟ ସରକାରକୁ ଏହି ଘଟଣାରେ ଦାୟୀ ଅଧିକାରୀମାନଙ୍କୁ ଚିହ୍ନଟ କରି ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ମାମଲାର ବିଚାର ସମୟରେ ମାନ୍ୟବର ସୁପ୍ରିମକୋର୍ଟ ଆହୁରି ଗଭୀରତମ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ ଦେଇ ଉଲ୍ଲେଖ କରିଛନ୍ତି ଯେ, ଦେଶର *(ପୃଷ୍ଠା ୭ରେ)*

# ୨୧ ଯାଏଁ ତାତିରୁ ନାହିଁ ନିସ୍ତାର

**ଭୁବନେଶ୍ୱର, ୧୭।୪**
**ନ୍ୟୁଜ୍ ବ୍ୟୁରୋ**

ବଢୁଛି ତାତି, ଅସ୍ତବ୍ୟସ୍ତ ଜନଜୀବନ । ରାତି ପାହୁ ପାହୁ ବଢୁଛି ତାତିର ରାଜୁତି । ଅସହ୍ୟ ଗରମ, ତ୍ରାହି ତ୍ରାହି ଡାକିଲେଣି ଲୋକେ । ଅସହ୍ୟ ଗରମ କାରଣରୁ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା କରିଛନ୍ତି ବଲାଙ୍ଗୀର ଜିଲ୍ଲାପାଳ । ୨୦ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀର ଓ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ତାତି ସାଙ୍ଗକୁ ଗୁଳୁଗୁଳି ରହିବ ବୋଲି ଆଲର୍ଟ କରାଯାଇଛି।

ସମଗ୍ର ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହଜନିତ ତାତି ବଢିବାରେ ଲାଗିଛି। ଦିନରେ ଗୁଳୁଗୁଳି ଅସହ୍ୟ ହେଉଛି। ଜରୁରୀ



କାମ ନଥିଲେ ଘରୁ ବାହାରିବାକୁ ଇଚ୍ଛା ହେଉନି। ପଶ୍ଚିମ ଓଡିଶାରେ ତାତିର ପ୍ରକୋପ ଅସହ୍ୟ ହୋଇଛି ।





# ସଙ୍କଟରେ ଓଡ଼ିଆ ଶିକ୍ଷା ବ୍ୟବସ୍ଥା : ଓଡ଼ିଆ ପଢ଼ିବାକୁ ପଡ଼ିଶା ରାଜ୍ୟର ପିଲା ଅଧିକ ଆଗ୍ରହୀ

**ଚନ୍ଦନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ୮୯ ବର୍ଷ ବିତିଥିଲେ ମଧ୍ୟ ଏବେବି ସୀମାନ୍ତରେ ଓଡ଼ିଆମାନେ ଠିକଣା ଖୋଜୁଛନ୍ତି । ଓଡ଼ିଆ ଶିକ୍ଷା ବ୍ୟବସ୍ଥା କ୍ରମଶଃ ଦୁର୍ବଳ ହେବାରେ ଲାଗିଛି । ସୀମା ସମସ୍ୟା ଏବଂ ଭାଷା ପ୍ରୀତି ଆମ ଅସ୍ମିତାକୁ ସଙ୍କଟରେ ପକାଇ ଦେଉଛି । ସୀମାନ୍ତ ଅଞ୍ଚଳରେ ଓଡ଼ିଆ ଭାଷାର ଆଦର କମୁଥିବା ବେଳେ ସଂସ୍କୃତି ଓ ପରମ୍ପରା ହଜି ହଜି ଯାଉଛି । ତଥାପି ପଡ଼ିଶା ରାଜ୍ୟର ପିଲାମାନେ ଓଡ଼ିଆ ଭାଷା ପଢିବା ଆଗ୍ରହ ଆମକୁ ବେଶ ଗୌରବାନ୍ୱିତ କରୁଛି । ବାଲେଶ୍ୱର ଜିଲ୍ଲାର ଭୋଗରାଇ ଓ ଜଳେଶ୍ୱର ତହସିଲର ୯୦ଟି ଉପାନ୍ତ ଗ୍ରାମ ସହିତ ପୂର୍ବ ଓ ପଶ୍ଚିମ ମେଦୀନିପୁର ଜିଲ୍ଲାର ୮୪ଟି ଗ୍ରାମର ସୀମାକୁ ଲାଗିଛି । ସ୍ଥାୟୀ ସୀମା ଚିହ୍ନଟ ହୋଇ ନଥିବାରୁ ବାରମ୍ବାର ବିବାଦ ଦେଖା ଦେଉଥିଲେ ମଧ୍ୟ ସୀମା ଏପାରି ଓ ସେପାରି ଗାଁର ଲୋକଙ୍କ ଭଲ ପାଇବା, ଆନ୍ତରିକତା କମିନାହିଁ । ଶିକ୍ଷାର ପ୍ରସାର ପ୍ରସାର ପାଇଁ ଉଭୟ ରାଜ୍ୟ ସରକାର ବିଭିନ୍ନ ସୁବିଧା ସୁଯୋଗ ଖଞ୍ଜି ଦେଇଛନ୍ତି । ଶିକ୍ଷାର ବିକାଶ ଲାଗି ରାଜ୍ୟ ସରକାର ପିଲାଙ୍କୁ ମାଗଣାରେ ବହି, ମଧ୍ୟାହ୍ନ ଭୋଜନ, ପୋଷାକ, ଜୋତା ଆଦି ଯୋଗାଇ ଦେଉଛନ୍ତି । ଏବେ ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟ ଖାଦ୍ୟ ଦେବା ଲାଗି ବ୍ୟବସ୍ଥା ହୋଇଛି ।

ଓଡ଼ିଆ ପାଠ ପ୍ରତି ପିଲା ଓ ଅଭିଭାବକଙ୍କ ଆଗ୍ରହ କମୁଛି । ବଢି ଚାଲିଛି ବେସରକାରୀ ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟ । ମାତୃଭାଷା ପ୍ରୀତି ହଜି ଯାଉଛି । ପଶ୍ଚିମବଙ୍ଗ ସରକାର ମଧ୍ୟ ବହି, ଖାଦ୍ୟ, ପୋଷାକ, ଜୋତା ବ୍ୟତୀତ ପିଲାଙ୍କୁ ବ୍ୟାଗ୍, ଖାତା, ହରିଜନ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଶ୍ରୀ, ଉଚ୍ଚଶିକ୍ଷା ପାଇଁ କନ୍ୟାଶ୍ରୀ ଯୋଜନାରେ ଅର୍ଥ ମଧ୍ୟ ଯୋଗାଇ ଦେଉଛନ୍ତି । ତେବେ ପଶ୍ଚିମବଙ୍ଗ ସରକାର ଶିକ୍ଷା ଉପରେ ଯେତେ ଯତ୍ନଶୀଳ, ଓଡ଼ିଶା ସରକାର ନୁହନ୍ତି ବୋଲି କିଛି ଅଭିଭାବକ କହନ୍ତି । ବିଦ୍ୟାଳୟରେ ଶିକ୍ଷକ ଅଭାବ, ଆଞ୍ଚଳିକ ଭାଷା ଉପରେ ଗୁରୁତ୍ୱ କମ୍ ଦେଇ ଇଂରାଜୀକୁ ପ୍ରାଧାନ୍ୟ ଦେବା, ବିଭିନ୍ନ ଅଣ ଶୈକ୍ଷିକ କାର୍ଯ୍ୟ ଭାର ଆଦି ଶିକ୍ଷା ଦାନର ମାନକୁ ହ୍ରାସ କରୁଛି ବୋଲି ଓଡ଼ିଶାର କେତେକ ଶିକ୍ଷକ ପ୍ରତିକ୍ରିୟାରେ କହନ୍ତି ।

ଭୋଗରାଇର ଉପାନ୍ତ ଅଞ୍ଚଳରୁ ଆମ ମାତୃଭାଷା ଗୁରୁତ୍ୱ ହରାଉଛି। ଭାଷା ଗୋଟିଏ ଜାତିର ସ୍ପନ୍ଦନ ଓ ଜଣେ ବ୍ୟକ୍ତିର ସ୍ୱାଭିମାନ। ଭାଷା ଶିକ୍ଷାକୁ ସରଳ ତଥା ବୋଧଗମ୍ୟ କରିଥାଏ। କିନ୍ତୁ ଭୋଗରାଇର ଅଧିକାଂଶ ଘରେ ବିରଜା, ଖଡ଼ିରତ୍ନ, ଶ୍ରୀଜଗନ୍ନାଥ ଭଳି ଓଡ଼ିଆ ପଞ୍ଜିକା ପରିବର୍ତ୍ତେ ବେଣୀମାଧବ ଓ ପି.ଏନ ବାଗ୍‌ଚି ଭଳି ବଙ୍ଗଳା ପଞ୍ଜିକାର ଆଦର ବେଶି । ଓଡ଼ିଆଙ୍କ ଦେବତା ଜଗନ୍ନାଥ ଓ ବାର ମାସରେ ତେର ପର୍ବ ଓଡ଼ିଶା ସମେତ ବହୁ ରାଜ୍ୟରେ ଦୀର୍ଘ ବର୍ଷ ଧରି ବହୁ ଆଡ଼ମ୍ବରରେ ପାଳନ ହୋଇ ଆସୁଛି । ମାତ୍ର ଆମେ ଏହାକୁ ଅବମାନନା କରି ଆସୁଛୁ । ଭୋଗରାଇର ଅନଳିଆ ପଞ୍ଚାୟତର ଶଙ୍ଖାମେଦି ଏମିତି ଏକ ଗାଁ ଯାହା ପଶ୍ଚିମବଙ୍ଗ ଦଖଲରେ ରହିଛି । ୧୫୦ରୁ ଅଧିକ ପରିବାର ଓ ୫ଶହ ଲୋକଙ୍କୁ ନେଇ ଏହି ଗାଁ । ପ୍ରାୟ ୩ଶହ ଭୋଟର । ଓଡ଼ିଶା ସରକାରଙ୍କ ପକ୍ଷରୁ ଏହି ଗାଁରେ ବିଦ୍ୟାଳୟ, ୩ଟି ନଳକୂଅ, ରାସ୍ତା, ୧୨୦ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ କାର୍ଡ, ୨୮ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୨୦ପରିବାରକୁ ସ୍ୱଚ୍ଛ ଭାରତ ଅଭିଯାନର ଶୌଚାଳୟ ଆଦି ଯୋଗାଇ ଦିଆଯାଉଛି ।

ମାତ୍ର ସେହି ଗାଁର ପିଲାମାନେ ବଙ୍ଗଳା ଭାଷାରେ ପାଠ ପଢିବା ସହିତ ୧୯୮୪ ମସିହାରୁ ଏପର୍ଯ୍ୟନ୍ତ ଉଭୟ ଓଡ଼ିଶା ଓ ପଶ୍ଚିମବଙ୍ଗ ନିର୍ବାଚନରେ ମତଦାନ ସାବ୍ୟସ୍ତ କରି ଆସୁଛନ୍ତି । ୨୦୨୦ ନଭେମ୍ବର ୬ରେ ପଶ୍ଚିମବଙ୍ଗ ପ୍ରଶାସନ ସାହାବାଜିପୁର ଗାଁକୁ ଧସେଇ ପଶି ଜେସିବି ଲଗାଇ ଗାଁ ଲୋକଙ୍କୁ ଉଚ୍ଛେଦ ଉଦ୍ୟମ ସେମାନଙ୍କ ଦାଦାଗିରିର ପରିଚୟ ଦେଇଥିଲେ । ଗତ ୨୦୨୧ ସେପ୍ଟେମ୍ବର ୭ରେ ଉଦୟପୁର ବେଳାଭୂମିରେ ବଙ୍ଗ ପ୍ରଶାସନ ବେଆଇନ ତଟ ସୁରକ୍ଷା ପ୍ରାଚୀର ନିର୍ମାଣ କଲେ । ଅତୀତରେ ପଡ଼ୋଶୀ ରାଜ୍ୟର ପଦିମା ଗ୍ରାମକୁ ବିଦ୍ୟୁତ୍ ତାର ଟଣାଯିବାବେଳେ ଭୀଷଣ ଗଣ୍ଡଗୋଳ ହୋଇଥିଲା । ଏହାଛଡ଼ା ତାଳସାରୀ ସାମୁଦ୍ରିକ ଥାନା, ଶୌଚାଳୟ ଆଦି ନିର୍ମାଣକୁ ବିରୋଧ କରି ଆସିଛନ୍ତି ପଶ୍ଚିମବଙ୍ଗ ପ୍ରଶାସନ ।

ବ୍ୟାସକବି ଫକୀର ମୋହନ ସେନାପତି ତାଙ୍କ ଆତ୍ମଜୀବନୀରେ ଓଡ଼ିଶା ଏକ ଭାଷା ଭିତ୍ତିକ ରାଜ୍ୟ ହୋଇଥିଲେ ମଧ୍ୟ ଏହାର ୨୮୦୦ ବର୍ଗ ମାଇଲ ଅଞ୍ଚଳ ପଶ୍ଚିମବଙ୍ଗରେ ରହିଥିବାର ଉଲ୍ଲେଖ କରିଛନ୍ତି । ଆମ ରାଜ୍ୟ ସରକାର, ଉତ୍କଳ ସମ୍ମିଳନୀ, ଭାଷା ସୁରକ୍ଷା ମଞ୍ଚ ଭଳି ସଂଗଠନ ଏ ଦିଗରେ ଉଚିତ୍ ପଦକ୍ଷେପ ନ ନେଲେ ଷଢେଇକଳା, ଖରସୁଆଁ ଭଳି ଶଙ୍ଖାମେଦିକୁ ସବୁଦିନ ପାଇଁ ହରାଇବାକୁ ପଡ଼ିବ ଏବଂ ଚନ୍ଦନେଶ୍ୱର ଅଞ୍ଚଳରୁ ଓଡ଼ିଆ ଭାଷାର ଦିନେ ନା ଦିନେ ବିଲୁପ୍ତି ଘଟିବ ଏଥିରେ କୌଣସି ସନ୍ଦେହ ନାହିଁ । ତେଣୁ ୯୦ତମ ଉତ୍କଳ ଦିବସ ପାଳନ ଅବସରରେ ଆମେ ଶପଥ ନେବା ଆଜିଠାରୁ ଆମେ ମାତୃଭୂମି ଓ ମାତୃଭାଷାର ସୁରକ୍ଷା ପାଇଁ ଓଡ଼ିଆକୁ ଅଧିକ ଗୁରୁତ୍ୱ ଦେବା।

# ବଡ଼ଦାଣ୍ଡରେ ମିଳୁନି ପର୍ଯ୍ୟଟକଙ୍କୁ ଜଳଖିଆ : ଭକ୍ତ ହନ୍ତସନ୍ତ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ଶ୍ରୀମନ୍ଦିରକୁ ପ୍ରତିଦିନ ପଚାଶ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଦର୍ଶନ ପାଇଁ ଆସୁଛନ୍ତି । ମନ୍ଦିରରୁ ଦର୍ଶନ କରି ଫେରିବା ପରେ ସିଂହଦ୍ୱାର ନିକଟରେ ଚା ଓ ଜଳଖିଆ ନମିଳିବାରୁ ଭୋକ ପେଟରେ ପର୍ଯ୍ୟଟକ ଚାଲି ଚାଲି ବଡଦାଣ୍ଡ ସାରା ଖୋଜି ହତାଶ ହେଉଛନ୍ତି । ବଡ଼ଦାଣ୍ଡରେ ଉଠା ଦୋକାନୀ ଉଠିଯିବା ପରେ ପର୍ଯ୍ୟଟକ, ତୀର୍ଥଯାତ୍ରୀ ମାନେ ଚା ଓ ଜଳଖିଆ ପାଉନାହାନ୍ତି । ରନ୍ଧନ ଗ୍ୟାସ୍‌ର ଦର ବଢିବା ଓ ନମିଳିବା ଯୋଗୁ ୨୦ ଟଙ୍କାର ଜଳଖିଆ ୫୦ ଟଙ୍କା ଦେବାକୁ ପଡୁଛି । କୃଷ୍ଣ ସିନେମା ହଲ ଛକ, ମରଚିକୋଟ ଛକ, ମାର୍କେଟ ଛକ, ମାଉସୀମା ଛକ, ବଳଗଣ୍ଡି ଛକ, ମେଡିକାଲ ଛକ ସମେତ ବିଭିନ୍ନ ସାହି ଗଳିକନ୍ଦିରେ ଜଳଖିଆ ମିଳିବା କଷ୍ଟସାଧ ହୋଇପଡ଼ିଛି । ସ୍ଥାନୀୟ ବାସିନ୍ଦା ମଧ୍ୟ ୨୦ ଟଙ୍କାର ଜଳଖିଆ ପାଇଁ ବାଇକରେ ୫୦ ଟଙ୍କାର ପେଟ୍ରୋଲ ଖର୍ଚ୍ଚ କରୁଛନ୍ତି । ପୂର୍ବରୁ ଥିବା ଭଲ ଜଳଖିଆ ଦୋକାନୀ ତାଙ୍କ ସ୍ଥାନ ଛାଡ଼ି ଅନ୍ୟ ଗଳି କନ୍ଦିରେ ପସରା ଖୋଲି ଥିବାରୁ ସହରବାସୀ ମଧ୍ୟ ଖୋଜି ପାଇବା କଷ୍ଟ ସାଧ ହେଉଛି । ପୂର୍ବରୁ ବଡ଼ବରା ୫ ଟଙ୍କିଆ ଏବେ ୮ ଟଙ୍କାରେ ମିଳୁଥିବା ବେଳେ ଏବେ ତା'ର ସାଇଜ ଛୋଟ ହୋଇଯାଇଛି । ପୂର୍ବ ମଟର ତରକାରୀ ବହଳିଆ ଥିବାବେଳେ ଏବେ ତାହା ପତଳା ଓ ପାଣିଆ ମିଳୁଛି । ଉପମା କଥା ନକହିବା ଭଲ। ଏବେ ୫ ଟଙ୍କିଆ ହାପକପ୍ ଚା ୧୦ ଟଙ୍କା ଓ ୧୦ ଟଙ୍କିଆ ଫୁଲ କପ୍ ଚା ୨୦ ଟଙ୍କାରେ ବିକ୍ରି ହେଉଛି । ପର୍ଯ୍ୟଟକ ରହୁଥିବା ହୋଟେଲରେ ମଧ୍ୟ ଖାଇବା ମିଳୁନାହିଁ । ପର୍ଯ୍ୟଟକମାନେ ମିଲ୍ସ ଖାଇବା ପାଇଁ ଏଣେତେଣେ ବୁଲୁଛନ୍ତି । କଚେରି ଛକରେ ବରଗଛ ମୂଳେ ବସୁଥିବା ଚୁଡାଭଜା ବୁଢି ମାଉସୀ ଚୁଡାଭଜା ଠୁଙ୍ଗା ପ୍ରତି ୧୦ ଟଙ୍କା ଥିବାବେଳେ



ଏବେ ତାହା ୧୫ ଟଙ୍କାରେ ବିକ୍ରି ହେଉଛି । କିନ୍ତୁ ଠୁଙ୍ଗାର ଆକାର ଛୋଟ ସାଇଜ ହୋଇଯାଇଛି । କଚେରିରେ ଓକିଲ ମହକିଲ ମୋହରିର ଓ ସାଧାରଣ ବ୍ୟକ୍ତି ମାନେ ଚୁଡାଭଜା ଦର ଦେଖି ମାଉସୀ ସହ କଥା କଟାକଟି ହେଉଥିବା ଦେଖିବାକୁ ମିଳୁଛି । ସିଙ୍ଗଡା, ଆଳୁଚପ, ଗୁଲୁଗୁଲା, ବାଇଗଣି ଚପ୍ ଏବେ ଆକାରରେ ଛୋଟ ହୋଇଗଲାଣି କିନ୍ତୁ ଦର ବଢିଯାଇଛି । ଷାଠିଏ ପଉଟି ଭୋଗ ଗ୍ରହଣ କରୁଥିବା ଶ୍ରୀଜଗନ୍ନାଥଙ୍କ ଧାମରେ ତୀର୍ଥଯାତ୍ରୀମାନେ କମ୍ ଖାଇ ଅଧା ପେଟରେ ବୁଲିବା ବୁଦ୍ଧିଜୀବୀ ମାନଙ୍କୁ ବ୍ୟଥିତ କରିଛି ।

## ବିଏମ୍‌ସିର ସଫଳତା

# ଅଢ଼େଇ ମାସରେ ବନ୍ଧ୍ୟାକରଣ ହେଲେଣି ୧୨୫୨ କୁକୁର

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସହରରେ ତ୍ୱରାନ୍ୱିତ ହୋଇଛି ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଅଭିଯାନ । ଏବିସି ବା ଆନିମଲ୍ ବାର୍ଥ କଣ୍ଟ୍ରୋଲ୍ ଅଭିଯାନରେ ବ୍ରହ୍ମପୁର ମହାନଗର ନିଗମରେ ଗତ ଜାନୁଆରୀ ମଧ୍ୟ ଭାଗରେ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ମିଳିଛି ବଡ଼ ସଫଳତା । ମାତ୍ର ଅଢ଼େଇ ମାସରେ ବର୍ତ୍ତମାନ ସୁଦ୍ଧା ସହରର ବିଭିନ୍ନ ୱାର୍ଡ଼ରେ ମୋଟ ୧୨୫୨ଟି ବୁଲା କୁକୁରଙ୍କ ବନ୍ଧ୍ୟାକରଣ ସଫଳତାର ସହିତ ସମ୍ପନ୍ନ ହୋଇଛି । ମିଳିଥିବା ସୂଚନା ପ୍ରକାରେ ଗତ ଜାନୁଆରୀ ମାସରେ ମାତ୍ର ୧୫ ଦିନରେ ୨୬୭ଟି କୁକୁରଙ୍କ ବନ୍ଧ୍ୟାକରଣ ହୋଇଥିବା ବେଳେ ଫେବୃଆରୀରେ ୪୭୧ଟି ଏବଂ ମାର୍ଚ୍ଚ ସୁଦ୍ଧା ସହରରେ ୫୧୪ଟି ଏହିଭଳି ଗତ ଅଢ଼େଇ ମାସରେ ସହରର ବିଭିନ୍ନ ୱାର୍ଡ଼ରେ ମୋଟ ୧୨୫୨ଟି ବୁଲା କୁକୁରଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଥିବା ଜଣାପଡ଼ିଛି । ସେଥିମଧ୍ୟରୁ ୭୪୨ଟି ପୁରୁଷ ଓ ୫୧୦ଟି ମହିଳା କୁକୁର ଥିବା ଜଣାପଡ଼ିଛି । ବୁଲା କୁକୁରଙ୍କ ବନ୍ଧ୍ୟାକରଣ ପରେ ସେମାନଙ୍କୁ ଅନ୍ତତଃ ୩ ରୁ ୪ ଦିନ ରଖି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପରଖା ଯାଉଛି । ପରେ ସେମାନଙ୍କୁ ସେମାନଙ୍କ ନିଜ ଅଞ୍ଚଳରେ ପୁନଃ ଛଡ଼ାଯାଉଛି । ଅଭିଯାନ ଆରମ୍ଭ ପୂର୍ବରୁ ହୋଇଥିବା ସର୍ଭେ ଅନୁଯାୟୀ ସହରରେ ପ୍ରାୟ ୫ ହଜାରରୁ ଅଧିକ ବୁଲା କୁକୁର ରହିଛନ୍ତି । ସମସ୍ତଙ୍କ



ବନ୍ଧ୍ୟାକରଣ ପାଇଁ ଏକ ବର୍ଷର ସମୟସୀମା ଧାର୍ଯ୍ୟ କରାଯାଇଥିବା ବେଳେ ମାତ୍ର ଅଢ଼େଇ ମାସର ଶତକଡ଼ା ୩୦ ପ୍ରତିଶତରୁ ଅଧିକ କୁକୁରଙ୍କ ବନ୍ଧ୍ୟାକରଣ କରାଯାଇ ପାରିଛି । ଫଳରେ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସହରର ସମସ୍ତ ବୁଲା କୁକୁରଙ୍କ ବନ୍ଧ୍ୟାକରଣ କରାଯାଇପାରିବ ବୋଲି ଆଶା କରିଛନ୍ତି ଆଶ୍ରା ସଂସ୍ଥାର ପ୍ରକଳ୍ପ ସଂଯୋଜକ ଅମିତ୍ ଚୋଗଲେ । କେବଳ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ନୁହେଁ ବରଂ ସେମାନଙ୍କୁ ଧରାଯିବା ପରେ ସେମାନଙ୍କ ଠାରେ ଦେଖାଦେଉଥିବା ବିଭିନ୍ନ ଚର୍ମରୋଗ ଓ ଜଳାତଙ୍କ ରୋଗର ନିରାକରଣ ପାଇଁ ମଧ୍ୟ ଆବଶ୍ୟକ ଚିକିତ୍ସା ଓ ଟୀକା ଦିଆଯାଉଛି । ଦୈନିକ ୨୦ ରୁ ୨୫ଟି ହିସାବରେ ମାସିକ ଅନୁନ୍ୟ ୫ଶହ ବୁଲା କୁକୁରଙ୍କୁ ଧରାଯାଇ ସେମାନଙ୍କ ବନ୍ଧ୍ୟାକରଣ ପାଇଁ ଟାର୍ଗେଟ୍ କରାଯାଇଥିବା ବେଳେ ଦିନକୁ ଦିନ ଏହି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏଥିପାଇଁ ମହାରାଷ୍ଟ୍ରର ଆଶ୍ରା ନାମକ ସଂସ୍ଥା ସହିତ ବିଇଏମ୍‌ସି ପକ୍ଷରୁ ଚୁକ୍ତିନାମା ସ୍ୱାକ୍ଷରିତ କରାଯାଇଛି । ସମ୍ପୃକ୍ତ ସଂସ୍ଥା ପୁଣେ ସହରରେ ପୂର୍ବରୁ ସଫଳତାର ସହିତ କାର୍ଯ୍ୟ କରିଥିବା ତଥା ସ୍ୱତନ୍ତ୍ର ତାଲିମ୍‌ପ୍ରାପ୍ତ କୁକୁର ଧରାଳି ବା ଡଗ୍ କ୍ୟାଚରଙ୍କୁ ଏଥିରେ ନିୟୋଜିତ କରିଛି । ଏବିସି କାର୍ଯ୍ୟକ୍ରମ ଜରିଆରେ ସହରରେ ଜାରି ରହିଥିବା ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଅଭିଯାନ ଦ୍ୱାରା କେବଳ ସେମାନଙ୍କ ବଂଶ ନିୟନ୍ତ୍ରଣ ହେବ ଏହା ନୁହେଁ ବରଂ ଏହା ଦ୍ୱାରା ସଡ଼କ ଦୁର୍ଘଟଣା ସଂଖ୍ୟା ମଧ୍ୟ ହ୍ରାସ ପାଇପାରିବ । ଏଣୁ ଏହି ଅଭିଯାନରେ ବିଇଏମ୍‌ସିର ପଦକ୍ଷେପକୁ ଓ ଏଥିରେ ନିୟୋଜିତ ଆଶ୍ରା ସଂସ୍ଥାର କର୍ମଚାରୀଙ୍କୁ ସହଯୋଗ କରିବାକୁ ସହରବାସୀଙ୍କୁ ବିଇଏମ୍‌ସି କମିଶନର ସୁଶ୍ରୀ ଏସ୍. ଶଯ୍ୟା ରେଡ୍ଡି ନିବେଦନ କରିଛନ୍ତି । ସେପଟେ ସହରରେ ଥିବା ସମସ୍ତ କୁକୁରଙ୍କ ବନ୍ଧ୍ୟାକରଣ ପରେ ପୁନଃ ସର୍ଭେ କରାଯିବ ଓ ସେମାନଙ୍କ ସଂଖ୍ୟା ନିରୁପଣ କରାଯିବ । କାରଣ ବର୍ତ୍ତମାନ ଚାଲିଥିବା ଅଭିଯାନରେ ଦୁର୍ବଳ ଓ ଗର୍ଭବତୀ ତଥା ଛୁଆ ଜନ୍ମ କରିଥିବା କୁକୁରଙ୍କୁ ବନ୍ଧ୍ୟାକରଣରୁ ବାଦ ଦିଆଯାଇଛି । ପରବର୍ତ୍ତୀ ସମୟରେ ସେମାନଙ୍କ ସଂଖ୍ୟା ଜଣାପଡ଼ିବା ପରେ ପୁନଃ ଅଭିଯାନକୁ ତ୍ୱରାନ୍ୱିତ କରାଯିବ ବୋଲି ସ୍ପଷ୍ଟ ସୂଚନା ଦେଇଛନ୍ତି କମିଶନର ଶ୍ରୀମତି ରେଡ୍ଡି ।

# ବାଇକ୍ ଚୋର ଗିରଫ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ବେଜଙ୍ଗୀୱାଡା ଗ୍ରାମ ନିକଟରୁ ଚୋରି ହୋଇଥିବା ଏକ ବାଇକ୍ ଚୋରି ଘଟଣାରେ କାଲିମେଳା ପୁଲିସ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଚୋରି ବାଇକଟିକୁ ଉଦ୍ଧାର କରିଛି ।

ସୂଚନା ମୁତାବକ ବେଜଙ୍ଗୀୱାଡା ସ୍କୁଲର ଶିକ୍ଷକ ସହଦେବ ସାହୁ ବେଜଙ୍ଗୀୱାଡା ଠାରେ ଏକ ଭଡ଼ା ଘରେ ରହୁଥିବା ବେଳେ ଘର ଆଗରେ ନିଜର ବାଇକ ରଖିଥିଲେ । ବାଇକଟି ଗତ ରବିବାର ରାତିରେ ଚୋରି ହୋଇଯାଇ ଥିଲା । ଶିକ୍ଷକ ସହଦେବ ଏ ବାବଦରେ କାଲିମେଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ମୂଳେ ପୁଲିସ ତଦନ୍ତ ଆରମ୍ଭ କରି ବେଜଙ୍ଗୀୱାଡା ଗ୍ରାମର ଡି ପ୍ରକାଶ ରାଓକୁ ଗିରଫ କରିଥିବା ବେଳେ ତାଙ୍କ ଠାରୁ ଏକ ହୋଣ୍ଡା ଲିଭୋ ବାଇକ ଏବଂ ୫୦,୦୦୦ ଟଙ୍କା ଜବତ କରିଥିଲେ।

# ବିଶ୍ୱ ଶାନ୍ତି ପ୍ରତିଷ୍ଠାରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ



**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଯାଜପୁର ତରଫରୁ ମା' ବିରଜାଙ୍କ ମନ୍ଦିର ସନ୍ନିକଟ ବିରଜା କଲ୍ୟାଣ ମଣ୍ଡପ ଠାରେ ପ୍ରମୁଖ ନାଗରିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯାଜପୁର ଜିଲ୍ଲା ସଂଘ ଚାଳକ ବଟକୃଷ୍ଣ ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ପ୍ରମୁଖ ଅତିଥି ତଥା ବକ୍ତା ଭାବରେ ବଙ୍ଗଳା, ଓଡ଼ିଶା, ଆଣ୍ଡାମାନ ନିକୋବରକୁ ନେଇ ଗଠିତ ପୂର୍ବ କ୍ଷେତ୍ର ସମ୍ପର୍କ ପ୍ରମୁଖ ବିଦ୍ୟୁତ ମୁଖାର୍ଜୀ ଯୋଗଦେଇ 'ସଂଘ ଶତାବ୍ଦୀର ଯାତ୍ରା: ଏକନବ ଦିଗନ୍ତ' ଆଲୋଚନା ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ । ତାଙ୍କ ବକ୍ତବ୍ୟରେ କହିଲେ ଯେ, ଦେଶ ସ୍ୱାଧୀନ ପରେ ବହୁ ଅଞ୍ଚଳ ସଂଘର ଉଦ୍ୟମରେ ଭାରତରେ ସାମିଲ ହୋଇଛନ୍ତି । ବିଶ୍ୱର ଶାନ୍ତି ଭାରତ ଉପରେ ନିର୍ଭର କରେ, ରାଷ୍ଟ୍ର ସର୍ବୋପରି ତତ୍ତ୍ୱରେ ସଂଘ ବିଶ୍ୱାସ କରେ। ଦେଶର ବିଭିନ୍ନ ସ୍ଥାନରେ ସଂଘର ସ୍ୱୟଂ ସେବକମାନେ ସେବା କାର୍ଯ୍ୟ କରୁଛନ୍ତି ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ସମ୍ପର୍କ ପ୍ରମୁଖ ଜୟ ଗୋପାଳ ବୈଶାଖଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଜିଲ୍ଲା କାର୍ଯ୍ୟବାହ ଅମିୟ କୁମାର ସାମଲ, ଯାଜପୁର ଜିଲ୍ଲା ସଦଭାବନା ପ୍ରମୁଖ ବିଶ୍ୱନାଥ ଶୁକ୍ଳ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ବିଶାଳ ଆଲୋଚନା ସଭାରେ ଯାଜପୁର ଜିଲ୍ଲାର ବହୁ ବରିଷ୍ଠ ନାଗରିକ, ମାନ୍ୟଗଣ୍ୟ ବ୍ୟକ୍ତି ଓ ସାମ୍ବାଦିକମାନେ ଯୋଗ ଦେଇଥିଲେ।

# ଖଣ୍ଡଗିରି ଦେବସଭା ଏବେ ଜଳଶୂନ୍ୟ : ପଚା ପାଣିରେ ଗାଧୋଉଛନ୍ତି ସାଧୁସନ୍ଥ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଐତିହ୍ୟସମ୍ପନ୍ନ ଖଣ୍ଡଗିରି ମୁଣ୍ଡିଆ ଉପରେ ଥିବା ଦେବସଭା ଏବେ ଜଳଶୂନ୍ୟ ହୋଇପଡ଼ିଛି । ସେଠାରେ ପାଣି ମିଳୁନି । ପାଇପ୍ ଓ ଟ୍ୟାପ୍ ସଂଯୋଗ ଥିଲେ ମଧ୍ୟ ସେଥିରେ ପାଣି ଆସୁନି । ଖଣ୍ଡଗିରି ମେଳା ସରିବା ପରେ ବି ଏବେ ଦେବସଭାରେ ୧୦ରୁ ଊର୍ଦ୍ଧ୍ୱ ସାଧୁସନ୍ଥ ଡେରା ପକାଇଛନ୍ତି । ଯେଉଁମାନେ ସଠାରେ ମହାଶିବରାତ୍ରିଠୁ ନେଇ ଶ୍ରୀରାମ ନବମୀ ପାଳନ କରିଛନ୍ତି । ଆଗକୁ ସେଠାରେ ମହାବିଷୁବ ପଣାସଂକ୍ରାନ୍ତି ତଥା ଶ୍ରୀହନୁମାନ ଜୟନ୍ତୀ ଆୟୋଜନ ହେବାକୁ ଯାଉଛି । ହେଲେ ଏବେ ସେଠାରେ ପାଣି ନଥିବାରୁ ସାଧୁସନ୍ଥ ତଥା ସେଠାକୁ ଆସୁଥିବା ପର୍ଯ୍ୟଟକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ପାଣି ନଥିବାରୁ



ସାଧୁମାନେ ଶ୍ୟାମକୁଣ୍ଡରେ ଥିବା ପଚା ଜଳରେ ଗାଧୁଆପାଧୁଆ କରୁଛନ୍ତି । ଗତ ଖଣ୍ଡଗିରି ମେଳା ବେଳେ ଦେବସଭାକୁ ୱାଟ୍‌କୋ ପକ୍ଷରୁ ପାଣି ସଂଯୋଗ କରାଯାଇଥିଲା । ହେଲେ ମେଳା ସରୁସରୁ ଦେବସଭାକୁ ଯାଇଥିବା ପାଣି ସଂଯୋଗକୁ ବନ୍ଦ କରିଦିଆଯାଇଥିଲା । ଏହାକୁ ଦେଖି ସେଠାରେ ଥିବା ବାହାର ରାଜ୍ୟର ସାଧୁସନ୍ଥମାନେ ଅସନ୍ତୋଷ ପ୍ରକାଶ କରି ତଳକୁ ଚାଲିଆସିଥିଲେ । ଆଉ ଯେଉଁମାନେ ସେଠାରେ ରହୁଥିଲେ, ସେମାନେ ଏବେ ପାଣି ପାଇଁ ତଳକୁ ଆସୁଛନ୍ତି । ପ୍ରାୟ ଦୁଇମାସ ହୋଇଗଲାଣି କୌଣସି ଅଧିକାରୀ ଏଦିଗରେ ଦୃଷ୍ଟି ଦେଉନଥିବା ବାବାଜି ଭକ୍ତଚରଣ ଦାସ ଅଭିଯୋଗ କରିଛନ୍ତି । ଏନେଇ ସାଧୁସନ୍ଥମାନେ ମା ବାରଭୂଜା ମନ୍ଦିର ପରିଚାଳନା କମିଟି ଓ ଖଣ୍ଡଗିରି ମେଳା ଆୟୋଜକ ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦର କର୍ମକର୍ତ୍ତାଙ୍କୁ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ପୂର୍ବତନ କର୍ପୋରେଟର ତଥା ମନ୍ଦିର ପରିଚାଳନା କମିଟିର ରଘୁନାଥ ମହାନ୍ତି କହିଛନ୍ତି, ପ୍ରଶାସନର ଅପାରଗତା ପାଇଁ ଆଜି ଖଣ୍ଡଗିରି ବଦନାମ୍ ହେଉଛି । ଖଣ୍ଡଗିରି ମେଳା ବେଳେ ବିଏମସିଠୁ ନେଇ ଏଏସଆଇ ଓ ୱାଟ୍‌କୋ ଅଧିକାରୀଙ୍କୁ ଭେଟି ଆମେ ଦାବିପତ୍ର ଦେଲୁ । ମେଳାର ଦିନକପୂର୍ବରୁ ଦେବସଭାକୁ ପାଣି ଦିଆଯାଇଥିଲା । ମେଳା ସରିବାର ଦିନକପରେ ସଂଯୋଗ କଟାଗଲା । ଆସନ୍ତାଦିନରେ ଏକ ପ୍ରତିନିଧି ଦଳ ୱାଟ୍‌କୋ ଅଧିକାରୀଙ୍କୁ ଭେଟିବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

# ଗୋମାତାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଲା ଶିବସେନା

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଶିବସେନା ଦଳ ପକ୍ଷରୁ ଗୋମାତାଙ୍କୁ ରାଜ୍ୟ ମାତା ଭାବରେ ଘୋଷଣା କରି ତାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାପାଇଁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ମାର୍ଫତରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଗୋ ହତ୍ୟା କରୁଥିବା ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡ ଦେବା ସହ ଗୋଚାଲାଣକାରୀଙ୍କୁ ଦଶବର୍ଷ କାରାଦଣ୍ଡ ଓ ଦଶଲକ୍ଷ ଟଙ୍କାର ଜରିମାନା ଆଦାୟ କରିବା ସହ ଅସହାୟ ବୁଲା ଗୋରୁଗାଈଙ୍କ ଥଇଥାନ କରିବା ପାଇଁ ଉନ୍ନତ ଧରଣର ଗୋଶାଳା ନିର୍ମାଣ କରିବା ତଥା ଗୋରକ୍ଷକଙ୍କ ସୁରକ୍ଷା ସହ ଗୋ ସୁରକ୍ଷା ସହିଦ ପରିବାରଙ୍କୁ ୩୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ତଥା ଓଡ଼ିଶାର ସମସ୍ତ ଗୋଚର ଜମି ଜବରଦଖଲ ମୁକ୍ତ କରିବା ପାଇଁ ଓ ସମସ୍ତ ମୃତ ଗୋମାତାଙ୍କ ଚମଡ଼ା ଓ ମାଂସକୁ ବିକ୍ରି କରାନଯାଇ ସସମ୍ମାନେ ଗୋମାତାଙ୍କ ଶବସତ୍କାର କରିବା ପ୍ରଭୃତି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ଶିବସେନା ସଭାପତି ଶିବ ପ୍ରସାଦ ଦାଶ, ସଂପାଦକ ଶମ୍ଭୁ ପ୍ରସାଦ ହୋତା, ଏସ୍‌ସି ସେଲ୍ ସଭାପତି ରାଜୁ ଜଗଦଲା, ଓବିସି ମୋର୍ଚ୍ଚା ସଭାପତି ସରୋଜ କୁମାର ବାରିକ ଗୋ ସୁରକ୍ଷା ଆଶିଷ କୁମାର ଷଡ଼ଙ୍ଗୀ, ଗୋବିନ୍ଦ ଚନ୍ଦ୍ର ନାୟକ, ଚନ୍ଦନ ଦେହେରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅତ୍ୟାଧୁନିକ ବସ୍ ଟର୍ମିନାଲ ନିର୍ମାଣ କାର୍ଯ୍ୟକୁ ୨ ବର୍ଷ ବିତିଲା ତଥାପି ଯାତ୍ରୀଙ୍କ ହଟହଟା ହଟୁନି



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବସ୍‌ଷ୍ଟାଣ୍ଡକୁ ବସ୍ ଆସିବାର ୧୦ ମିନିଟ ଆଗରୁ କମାଣ୍ଡ୍ ଆଣ୍ଡ୍ କଣ୍ଟ୍ରୋଲରୁମକୁ ନିର୍ଦ୍ଦେଶ ଯିବ। ଏନେଇ ଫାୟାରଷ୍ଟେସନ ଏବଂ ଖଣ୍ଡଗିରିରେ ଲାଗିଥାନ୍ତା ରେଡିଓ ଫ୍ରିକ୍ୟୁଏନ୍ସି ଆଇଡେଣ୍ଟି ଫିକେସନ (ଆରଏଫ୍‌ଆଇଡି) । ବସ୍ ବେ' ସ୍ୱୟଂ ଚାଳିତ ହୋଇଥାନ୍ତା । ଅତ୍ୟାଧୁନିକ ବସ୍ ଟର୍ମିନାଲର ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଲାଗି ଦୁଇବର୍ଷ ବିତିଗଲାଣି । ଏହି ବ୍ୟବସ୍ଥା ନ ଥିବାରୁ ବସ୍‌ଷ୍ଟାଣ୍ଡ ବାହାରେ ଯାତ୍ରୀଙ୍କୁ ଛାଡ଼ି ବସ୍ ଛୁ ମାରୁଛି । ୨୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଏସ୍‌ଏବିଟି (ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ୍) ଯେଉଁ ଆଧୁନିକ ସେବା ଯୋଗାଇବ ବୋଲି ଲାଗି ଆଶା କରାଯାଉଥିଲା ତାହା ପୂର୍ଣ୍ଣ ହୋଇପାରୁନାହିଁ ।

ବରମୁଣ୍ଡା ବସ୍ ଟର୍ମିନାଲ ଏଆଇ ଦ୍ୱାରା ପରିଚାଳନା ହୋଇଥାନ୍ତା । ବସ୍ ବେ'ରେ ଗାଡ଼ି ୧୦ ମିନିଟ ଅଟକି ାନ୍ତା । ପରବର୍ତ୍ତୀ ଗାଡ଼ି ରୁଟ୍ ଜାଣିବାକୁ ବସ୍‌ଷ୍ଟାଣ୍ଡର ଦୁଇଟି ପ୍ରବେଶ ପଥ ଖଣ୍ଡଗିରି ଓ ଫାୟାର ଷ୍ଟେସନରେ ଆରଏଫ୍‌ଆଇଡି ଲଗାଇବାକୁ ଯୋଜନା ହୋଇଥିଲା । ଏପର୍ଯ୍ୟନ୍ତ ଲଗାଯାଇ ପାରିଲାନି । ଏହାର ଫାଇଦା ନେଉଛନ୍ତି ଘରୋଇ ବସ୍ । ବସ୍ ଟର୍ମିନାଲ ଭିତରକୁ ପଶୁନାହାନ୍ତି । ଯାତ୍ରୀମାନେ ଅଟୋରେ ଦୁଇ ଗୁଣା ଭଡ଼ା ଦେଇ ବସ୍‌ଷ୍ଟାଣ୍ଡକୁ ଯାଉଛନ୍ତି । ବସ୍ ଟର୍ମିନାଲ ସମ୍ପ୍ରସାରଣରେ ବାଧକ ସାଜିଛି ଘରୋଇ ସଂସ୍ଥା ଅଧୀନରେ ଥିବା ୩.୫ ଏକରର ଜମି । ଉକ୍ତ ଜାଗା ବଦଳରେ ବିଡିଏ ଯାଁଲା ନିକଟରେ ଥିବା ଘରୋଇ ସଂସ୍ଥାକୁ ୩ ଗୁଣା ଜାଗା ଦେଇଛି । ତଥାପି ସମ୍ପ୍ରସାରଣ କାର୍ଯ୍ୟ ଆଗେଇ ପାରୁନି । ତେଣୁ ଆଇଡିଆଲ୍ ବସ୍ ପାର୍କିଂ ନିର୍ମାଣ ହୋଇ ପାରୁନି । ଭୁବନେଶ୍ୱର ଘରୋଇ ବସ୍ ମାଲିକ ସଂଘର ସଭାପତି ଉପେନ୍ଦ୍ର ପ୍ରଧାନ କହିଛନ୍ତି, ଏଥିପାଇଁ ବସ୍ ପରିଚାଳନା ପୂର୍ଣ୍ଣମାତ୍ରାରେ ହୋଇ ପାରୁନି । ବିଡିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବସ୍‌ଗୁଡିକ ବସ୍ ଟର୍ମିନାଲ ଚାର୍ଜ ଫାଙ୍କିବାକୁ ଭିତରକୁ ଆସୁନାହାନ୍ତି ।

ବିଡିଏ ଅନୁରୋଧକ୍ରମେ କମିଶନରେଟ ପୁଲିସ ପକ୍ଷରୁ ୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇ ଥିଲା । ହେଲେ ନିର୍ବାଚନ ପରେ ଏହି ଫୋର୍ସକୁ ଫେରାଇ ନିଆଗଲା । ଫଳରେ ଏବେ ବସ୍ ପରିଚାଳନା କରିବାରେ ଅସୁବିଧା ଉପୁଜୁଛି । ରାସ୍ତାରେ ଗାଡ଼ି ଅଟକିଲେ ଏହାକୁ ଏନ୍‌ଫୋର୍ସମେଣ୍ଟ ଟିମ୍ ଘଉଡ଼ାଉଥିଲା । ବର୍ତ୍ତମାନ ବସ୍ ଟର୍ମିନାଲ ଅସୁରକ୍ଷିତ ହୋଇପଡ଼ିଛି ।

# ଅବ୍ୟବସ୍ଥା ଘେରରେ ଗୁଣ୍ଡୁଣିଆ ପଞ୍ଚାୟତ : ତଦନ୍ତ ଦାବି

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ପଞ୍ଚାୟତ ଗଠନ ହେବାର ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ଏଠାରେ କାର୍ଯ୍ୟରତ ପିଇଓ ମାନଙ୍କ କାର୍ଯ୍ୟରେ ଅବହେଳା ହେଉ ଅବା ଅନୁଦାନ ହଡ଼ପ ନିତି ଯୋଗୁଁ ହେଉ ଗୁଣ୍ଡୁଣିଆ ପଞ୍ଚାୟତ ବିଭିନ୍ନ ଅବ୍ୟବସ୍ଥା ଘେରରେ ଛନ୍ଦି ହୋଇ ରହିଥିବା ଦେଖିବାକୁ ମିଳିଛି ।

ଖବର ଅନୁସାରେ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡସ୍ଥ ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଗୁଣ୍ଡୁଣିଆ ପଞ୍ଚାୟତ କାର୍ଯ୍ୟାଳୟର ବିଭିନ୍ନ ଅବ୍ୟବସ୍ଥା। ପଞ୍ଚାୟତ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏଥିରେ ନା ଅଛି ସାଧାରଣ ଲୋକଙ୍କ ପାଇଁ ପାଇଖାନା ଗୃହ ନା ଅଛି ପିଇବା ପାଣିର ବ୍ୟବସ୍ଥା। ପଞ୍ଚାୟତରେ ଜଳ ଯୋଗାଣ ବ୍ୟବସ୍ଥା ଭୁଶୁଡି ପଡ଼ିଥିବାବେଳେ କାର୍ଯ୍ୟାଳୟ ପରିସରରେ ନଳକୂପଟିଏ ମଧ୍ୟ ନାହିଁ । ପଞ୍ଚାୟତ କାର୍ଯ୍ୟାଳୟରେ ଜଳ ଯୋଗାଣ ପାଇଁ ପୂର୍ବରୁ ବସିଥିବା ପାଣି ଟାଙ୍କି ନିର୍ମାଣରେ ନିମ୍ନମାନର କାମ ହୋଇଥିବା ଯୋଗୁଁ ତାହା ଦୀର୍ଘ ଦିନରୁ ଅଚଳ ହୋଇ ପଡ଼ିରହିଛି । ଫଳରେ ବିଭିନ୍ନ କାମରେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ପିଇବା ପାଣି ମୁନ୍ଦାଏ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ତା ସହିତ ପଞ୍ଚାୟତରେ ପଞ୍ଚାୟତ ମାନଚିତ୍ର ନ ଥିବା ବେଳେ ଜରୁରୀ କାଳୀନ ସେବା ନମ୍ବର କିମ୍ବା କୌଣସି ସୂଚନା ଲେଖାଯାଇ ନାହିଁ । ଏମିତିକି ପଞ୍ଚାୟତ ମୁଖ୍ୟ ଫାଟକରେ ପଞ୍ଚାୟତର ନାମ ଫଳକ ମଧ୍ୟ ଲଗା ଯାଇନାହିଁ । ମୁଖ୍ୟ ଦ୍ୱାରରେ ନାମ ଫଳକ କିମ୍ବା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କୌଣସି ସୂଚନା ଫଳକ ନ ଥିବାରୁ ସାଧାରଣତ ଜାଣି ନ ଥିବା ଲୋକ ଏହା ଏକ ପଞ୍ଚାୟତ କାର୍ଯ୍ୟାଳୟ ବୋଲି ମଧ୍ୟ ଜାଣି ପାରିବ ନାହିଁ । ତା ସହିତ ପଞ୍ଚାୟତ କାର୍ଯ୍ୟାଳୟର ପରିମଳ ବ୍ୟବସ୍ଥା ନ କହିବା ଭଲ । କାର୍ଯ୍ୟାଳୟ ପରିସରରେ ଅଳିଆ ଆବର୍ଜନା ଦୀର୍ଘ ଦିନ ଧରି ପଡ଼ିରହୁଥିବା ବେଳେ ପାଚେରୀ କଡ଼ରେ ବିଭିନ୍ନ ନଟା ବୁଦା ହୋଇ ଜଙ୍ଗଲରେ ପରିଣତ ହେଲାଣି । ସାଧାରଣ ପଞ୍ଚାୟତବାସୀଙ୍କ ପାଇଁ କୌଣସି ଶୌଚାଳୟ ବ୍ୟବସ୍ଥା ନାହିଁ । ଯଦିଓ ଗୋଟିଏ ପୁରୁଣା ପାଇଖାନା ଗୃହ ଅଛି ତାହା ଅପରିଷ୍କାର ଭାବେ ପଡ଼ିରହିଛି । ଫଳରେ ଏଠାକୁ ଆସୁଥିବା ମହିଳାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି ।

ଅନ୍ୟପକ୍ଷେ ପଞ୍ଚାୟତରେ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ମଧ୍ୟ ବହୁ ଘୋଟାଲା ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି । ଜଳଛତ୍ର ଠାରୁ ନେଇ କମ୍ପ୍ୟୁଟର କିଣା ପର୍ଯ୍ୟନ୍ତ ଘୋଟଲା ହୋଇଥିବା ଅଭିଯୋଗ ହେଉଛି । କାର୍ଯ୍ୟାଳୟ ପାଇଁ ମାତ୍ର ଗୋଟାଏ କମ୍ପ୍ୟୁଟର ଓ ଗୋଟାଏ ପ୍ରିଣ୍ଟର୍ସ ମେସିନ କିଣା ଯାଇଥିବା ବେଳେ ଏହି ବାବଦକୁ ଗତ ତା ୧୫.୧.୨୦୨୬ରିଖ ଦିନ ଦୁଇଟି କିସ୍ତିରେ ଦୁଇ ଲକ୍ଷ ଷାଠିଏ ହଜାର ଟଙ୍କା ଉଠା ଯାଇଥିବା ବିଶ୍ୱସ୍ଥ ସୂତ୍ରରୁ ଜଣାପଡିଛି । ଯାହା ପଞ୍ଚାୟତ କାର୍ଯ୍ୟାଳୟରେ ଚାଲିଥିବା ମହା ଘୋଟାଲାକୁ ପଦାରେ ପକାଇଛି । ଏ ସମ୍ପର୍କରେ ଗୁଣ୍ଡୁଣିଆ ପଞ୍ଚାୟତ ପିଇଓ ଇତିଶ୍ରୀ ମହାରଣାଙ୍କୁ ପଚାରିବାରୁ ସେ କମ୍ପ୍ୟୁଟର କିଣା ଉପରେ କୌଣସି ଉତ୍ତର ରଖି ପାରି ନ ଥିବାବେଳେ ପଞ୍ଚାୟତ ଗୃହର ମରାମତି ସହିତ ପରିମଳ ବ୍ୟବସ୍ଥା ପାଇଁ କାମ ଚାଲିଛି ବୋଲି କହିଥିଲେ । ତେବେ ଏଠି ଆଉ ଗୋଟାଏ ପ୍ରଶ୍ନ ଉଠୁଛି ଯଦି ପଞ୍ଚାୟତ ଗୃହର ମରାମତି କାମ ଚାଲିଛି ତେବେ ସେ ସମ୍ପର୍କରେ କୌଣସି ସୂଚନା ଫଳକ ମରାଯାଇ ନାହିଁ କାହିଁକି ? ସରକାରୀ ଅନୁଦାନରେ ଯେ କୌଣସି ଉନ୍ନୟନ କାର୍ଯ୍ୟ ଆରମ୍ଭରୁ ସୂଚନା ଫଳକ ଲାଗିବାର କଡା ନିୟମ ରହିଥିବା ବେଳେ ଏଠାରେ ତାହା ଖୋଲା ଖୋଲି ଉଲ୍ଲଂଘନ କରିଥିବା ଦେଖିବାକୁ ମିଳିଛି । ପୁଣି ପଞ୍ଚାୟତ କାର୍ଯ୍ୟାଳୟର ମରାମତି କାର୍ଯ୍ୟ ସରି ନ ଥିବା ବେଳେ ତା ଉପରେ ରଙ୍ଗମରା ବାବଦକୁ ଦୁଇ ଲକ୍ଷ ଟଙ୍କାର ଅନୁଦାନ ଦିଆସରିଛି । ସୂଚନା ଫଳକ ଅନୁସାରେ ୧୫ ସିଏଫସି ଯୋଜନାରୁ ଆର୍ଥିକ ବର୍ଷ ୨୦୨୫-୨୬ରେ ଏହି ଅନୁଦାନ ପ୍ରଦାନ କରା ଯାଇଛି । ସେହିପରି ପଞ୍ଚାୟତ କାର୍ଯ୍ୟାଳୟ ଗେଟ ନିର୍ମାଣ କାର୍ଯ୍ୟରେ ମଧ୍ୟ ବହୁ ଅନିୟମିତତା ଦେଖିବାକୁ ମିଳିଛି । ପଞ୍ଚାୟତର ଦୁଇଟି ମୁଖ୍ୟ ଦ୍ୱାର ଥିବା ବେଳେ ଏହି ଦ୍ୱାରଗୁଡିକରେ ଅତି ନିମ୍ନ ମାନର ନିର୍ମାଣ କାର୍ଯ୍ୟ ହୋଇଥିବା ଦେଖିବାକୁ ମିଳିଛି । ଗୋଟାଏ ଗ୍ରିଲ୍ ଗେଟ୍ ଓଲଟା ଲଗା ଯାଇଥିବା ବେଳେ ଗ୍ରିଲ ଗେଟ୍‌ଗୁଡିକ ଠିକ ଭାବେ ବସାଯାଇ ନାହିଁ । ଗେଟରେ ତାଲା ପକାଇବା ପରେ ମଧ୍ୟ ଗେଟ୍‌ଗୁଡ଼ିକ ଖୋଲି ଯାଉଥିବାରୁ ବହୁ ସମୟରେ ପଞ୍ଚାୟତ କାର୍ଯ୍ୟାଳୟ ପରିସର ଭିତରେ ଅସାମାଜିକ ମଦୁଆଙ୍କ ଆଡ୍ଡା ଜମୁଥିବା ମଧ୍ୟ ଅଭିଯୋଗ ହେଉଛି । ତେବେ ଖୋଦ ମୁଖ୍ୟମନ୍ତ୍ରୀଙ୍କ ବ୍ଲକରେ ଥିବା ପଞ୍ଚାୟତର ଯଦି ଏହି ଅବସ୍ଥା ଅନ୍ୟ ବ୍ଲକ ଗୁଡିକର ଅବସ୍ଥା କଣ ହେଉଥିବ ବୋଲି ସ୍ଥାନୀୟ ଲୋକେ ଦୁଃଖର ସହିତ କହିଛନ୍ତି । ତେଣୁ ଏହି ଗୁଣ୍ଡୁଣିଆ ପଞ୍ଚାୟତ ଉପରେ ଜିଲ୍ଲାପ୍ରଶାସନ ପକ୍ଷରୁ ବିଧିବଦ୍ଧ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ଗୁଣ୍ଡୁଣିଆ ପଞ୍ଚାୟତ ଦାୟିତ୍ୱରେ ଥିବା ଜେଇଙ୍କୁ ଯୋଗାଯୋଗ କରିବାରୁ ମରାମତି କାମ ଚାଲିଛି, ଗେଟ୍‌ଗୁଡିକୁ ଖୋଲିକି ପୁଣି ଥରେ ଲଗା ଯିବ ବୋଲି କହିଥିବା ବେଳେ ଝୁମ୍ପୁରା ବିଡିଓ ହୃଦାନନ୍ଦ ଅଦ୍ଧାଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରା ଯାଇଥିଲେ ମଧ୍ୟ ଫୋନ ଉଠାଇ ନ ଥିବାରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ଅପ୍ରେଲ ୨୦୨୬ ଶନିବାର





# ନୂତନ ବିକଳ୍ପ ଭୂତଳ ବିଦ୍ୟୁତ୍ ଲାଇନ୍ ଦ୍ୱାରା ସମ୍ବଲପୁର ସହରରେ କମିବ ବିଦ୍ୟୁତ୍ ବିଭ୍ରାଟ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ବିଦ୍ୟୁତ୍ ଯୋଗାଣରେ ନିର୍ଭରଯୋଗ୍ୟତା ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ସମ୍ବଲପୁର ସହରର ଜେଲ୍ ଛକ ପ୍ରାଇମେରୀ ସବ୍-ଷ୍ଟେସନ୍ (ପିଏସ୍ଏସ୍)କୁ ବଡ଼ବଜାର ପ୍ରାଇମେରୀ ସବ୍-ଷ୍ଟେସନ୍ (ପିଏସ୍ଏସ୍) ସହିତ ସଂଯୋଗ କରୁଥିବା ଏକ ନୂତନ ବିକଳ୍ପ ୩୩ କେ.ଭି. ଭୂତଳ ବିଦ୍ୟୁତ୍ ଲାଇନ୍ ସଫଳତାର ସହ ସ୍ଥାପନ କରାଯାଇ କାର୍ଯ୍ୟକ୍ଷମ କରାଯାଇଛି । ସମ୍ବଲପୁର ସହରର ପ୍ରାଥମିକ ବିଦ୍ୟୁତ୍ ଯୋଗାଣ ଉତ୍ସ ମଧ୍ୟରୁ ଅନ୍ୟତମ ବଡ଼ବଜାର ପ୍ରାଇମେରୀ ସବ୍-ଷ୍ଟେସନ୍ (ପିଏସ୍ଏସ୍)ଟି ଗଣେଶନଗର ଗ୍ରୀଡ୍ ସବ୍-ଷ୍ଟେସନ୍ (ଜିଏସ୍ଏସ୍)ଠାରୁ ବିଦ୍ୟୁତ୍ ଯୋଗାଣ ଲାଗି ଏକମାତ୍ର ଫିଡର ଲାଇନ୍ ୩୩ କେ.ଭି. ଚେରୁଆପଡ଼ା ଫିଡର ଉପରେ ନିର୍ଭରଶୀଳ ଥିଲା । ଏହି ଫିଡର ଲାଇନ୍‌ଟି ମଧ୍ୟ ଚେରୁଆପଡ଼ା ପିଏସ୍ଏସ୍, କାଇଁସିର ପିଏସ୍ଏସ୍ ଏବଂ ଅନେକ ଅତିରିକ୍ତ ଉଚ୍ଚ-କ୍ଷମତା ସମ୍ପର୍ଣ୍ଣ (ଇଏଚ୍‌ଟି) ଗ୍ରାହକଙ୍କୁ ବିଦ୍ୟୁତ୍ ଯୋଗାଣ କରୁଥିଲା । ଫଳସ୍ୱରୂପ, ଏହି ଲାଇନ୍‌ରେ କୌଣସି



ରକ୍ଷଣାବେକ୍ଷଣ କାର୍ଯ୍ୟ କିମ୍ବା ତ୍ରୁଟି ସମୟରେ ପ୍ରାୟତଃ ସମ୍ବଲପୁର ସହରର ଏକ ବୃହତ ଅଞ୍ଚଳ ବଡ଼ବଜାର, ସମଲେଶ୍ୱରୀ ମନ୍ଦିର ଅଞ୍ଚଳ ଏବଂ ବ୍ୟବସାୟୀକ ଅଞ୍ଚଳରେ ବିଦ୍ୟୁତ୍ ବିଚ୍ଛିନ୍ନତା ଦେଖାଯାଇଥାଏ । ଏହି ଚ୍ୟାଲେଞ୍ଜର ମୁକାବିଲା ପାଇଁ, ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଜେଲ୍ ଛକ ପିଏସ୍ଏସ୍ ଏବଂ ବଡ଼ବଜାର ପିଏସ୍ଏସ୍ ମଧ୍ୟରେ ୩.୨ କିଲୋମିଟରର ଭୂତଳ କେବୁଲ୍ ବିଛାଇ ଏକ ବିକଳ୍ପ (ଘ-୧) ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ପ୍ରସ୍ତୁତ କରାଯାଇଛି । ଯାହାଫଳରେ ବଡ଼ବଜାର ପ୍ରାଇମେରୀ ସବ୍-ଷ୍ଟେସନ୍ (ପିଏସ୍ଏସ୍)କୁ ଯଦି ମୁଖ୍ୟ ସ୍ରୋତରୁ ବିଦ୍ୟୁତ୍ ଯୋଗାଣ ବିଫଳ ହୁଏ, ତେବେ ଏହି ନୂତନ ବିକଳ୍ପ ୩୩ କେ.ଭି. ଭୂତଳ କେବୁଲ୍ ଦ୍ୱାରା ଏବେ ଏହି ପିଏସ୍ଏସ୍‌ଟିକୁ ତୁରନ୍ତ ବିଦ୍ୟୁତ୍ ଯୋଗାଣ କରାଯାଇପାରିବ । ଯାହା ବିଦ୍ୟୁତ୍ ବିଭ୍ରାଟକୁ ଯଥେଷ୍ଟ ହ୍ରାସ କରିବା ସହ ଯୋଗାଣ ନିର୍ଭରଯୋଗ୍ୟତାକୁ ଉନ୍ନତ କରିବ । ଏହି ପ୍ରକଳ୍ପଟି ୩.୩୭ କୋଟି ଟଙ୍କା ବିନିମୟରେ କାର୍ଯ୍ୟକାରୀ ହୋଇଛି । ଯାହା ଉଚ୍ଚ-ଟେନ୍‌ସନ୍ (HT) ଉପଭୋକ୍ତା ସମେତ ବଡ଼ବଜାର, ମୋତିଝରଣ, ଚେରୁଆପଡ଼ା ଏବଂ ବାଲିବନ୍ଧା ଅଞ୍ଚଳର ପ୍ରାୟ ୧୫,୦୦୦ ଗ୍ରାହକଙ୍କୁ ଉପକୃତ କରିବ । ଏହି ନୂତନ ଭୂତଳ ଲାଇନୟ କାର୍ଯ୍ୟକ୍ଷମ ହେବା ସହିତ, ସମ୍ବଲପୁରର ବାସିନ୍ଦା ଏବଂ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ଏବେ ବିଦ୍ୟୁତ୍ ବିଭ୍ରାଟ ସମୟରେ ଆହୁରି ଦ୍ରୁତ ପୁନରୁଦ୍ଧାର ବ୍ୟବସ୍ଥା ଏବଂ ଅଧିକ ସ୍ଥିର ବିଦ୍ୟୁତ୍ ଯୋଗାଣ ପାଇପାରିବେ ।

# ସିବିଏସ୍‌ଇ ପରୀକ୍ଷାରେ ଗୁରୁକୂଳ ଇଣ୍ଟରନ୍ୟାସ୍‌ନାଲ୍‌ର ଶତ ପ୍ରତିଶତ ସଫଳତା:ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ତଥା ଦକ୍ଷିଣ ଓଡ଼ିଶାର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗୁରୁକୂଳ ଇଣ୍ଟରନ୍ୟାସ୍‌ନାଲ୍ ପବ୍ଲିକ୍ ସ୍କୁଲ ସଫଳତାର ଧାରା ବଜାୟ ରଖିବା କ୍ରମରେ ଚଳିତ ବର୍ଷ ମଧ୍ୟ ସିବିଏସ୍‌ଇ୨ ଦଶମ ଶ୍ରେଣୀ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ଅର୍ଜନ କରିଛି । ଏହି ପରୀକ୍ଷାରେ ସାଇ ଅଂଶୁମାନ ଆଚାର୍ଯ୍ୟ ୯୮ ପ୍ରତିଶତ ରଖିଥିବା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଶୁଭଶ୍ରୀ ବେହେରା ୯୫ ପ୍ରତିଶତ, ପ୍ରବୀଣ ମୁଦୁଲି ୯୪.୮ ପ୍ରତିଶତ, ଏ. ଅଭିନୟ ୯୪.୬ ପ୍ରତିଶତ, ଚନ୍ଦ୍ରଶେଖର ପଣ୍ଡା ୯୩.୪ ପ୍ରତିଶତ, ପି. ହର୍ଷିତା ପାତ୍ର ୯୩ ପ୍ରତିଶତ, ଦେବାଶିଷ ଦାସ ୯୨.୮ ପ୍ରତିଶତ, ଆୟୁଷ ଲେଙ୍କା ୯୨.୬ ପ୍ରତିଶତ, ସୁଇଟି ଶାହା ୯୨ ପ୍ରତିଶତ, ଏ. ପାବନି ୯୧.୬ ପ୍ରତିଶତ ଏବଂ ବିନମୟୀ ସାହୁ ୯୦ ପ୍ରତିଶତ ହାସଲ କରିଛନ୍ତି । ଏହି ବର୍ଷ ସର୍ବମୋଟ୍ ୨୧୫ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୦ ଜଣ ୯୦ ପ୍ରତିଶତରୁ ଅଧିକ ଅଙ୍କ ଓ ୬୫ ଜଣ ୮୦ ପ୍ରତିଶତରୁ ଅଧିକ ଅଙ୍କ ପାଇ ବିଦ୍ୟାଳୟ ପାଇଁ ଗୌରବର ମାଇଲ୍‌ଷ୍ଟୋନ୍ ସ୍ଥାପନ କରିଛନ୍ତି । ଏହି ଅବସରରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ଗୁରୁକୂଳ ଇଣ୍ଟରନ୍ୟାସ୍‌ନାଲ୍‌ର ସଭାପତି ପ୍ରଶାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜନ କରାଯାଇଥିଲା । ଏଥିରେ ଅଧକ୍ଷା ମଧୁଛନ୍ଦା ମିଶ୍ର, ଜଗନ୍ନାଥ ପ୍ରସାଦର ପୂର୍ବତନ ବିଧାୟକ ତଥା ବିଦ୍ୟାଳୟ ଉପଦେଷ୍ଟା ସୀମାଞ୍ଚଳ ବେହେରା, ଉପାଧକ୍ଷା ଚୁମୁକି ପାତ୍ର ସମେତ ସମସ୍ତ ବିଦ୍ୟାଳୟର କର୍ମକର୍ତ୍ତା ଉପସ୍ଥିତ ଥିଲେ । ବିଦ୍ୟାଳୟର ଏହି ସଫଳତା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଦେଇଥିବା ତଥା ଉପଦେଷ୍ଟା ଶ୍ରୀ ବେହେରା କହିଛନ୍ତି ।

# ଚୋରା ମହୁଲି ମଦ ଜବତ:୫ ଗିରଫ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଅବକାରୀ ଥାନା ଓ କଟକ ମୋବାଇଲ୍ ସ୍କାର୍ଡ ତରଫରୁ ମିଳିତ ଭାବେ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ବିପୁଳ ପରିମାଣର ଚୋରା ମହୁଲି ମଦ ଜବତ କରାଯାଇଛି । ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସେମାନେ ହେଲେ ଡାଳିଯୋଡା ବ୍ରହ୍ମପୁର ଗ୍ରାମର ବନମାଳି ଭୋଇ, ପଦଗାଁର କାର୍ତ୍ତୀକ ରାଉତ ଓ ସନ୍ତୋଷ ଗୋଛାୟତ, ସଫା ଗ୍ରାମର ସନ୍ତୋଷ ପାଣ୍ଡବ ଓ ପ୍ରଦୀପ୍ତ ଦାସ । ସେମାନଙ୍କ ନିକଟରୁ ୨୬୫ ଲିଟର ବେଆଇନ୍ ମହୁଲି ମଦ ଜବତ କରାଯାଇଛି । ଚୌଦ୍ୱାର ଅବକାରୀ ଥାନା ଇନ୍‌ସପେକ୍ଟର ଭକ୍ତ ବତ୍ସଳ ବର୍ମା, ଅକ୍ଷୟ ଜେନା, ଆଶୁତୋଷ ଜେନା, ଜୟପ୍ରକାଶ ବେହୁରା, ଦେବବ୍ରତ ଓଝା, ଅଜୟ ଜେନା, ରାଜକୃଷ୍ଣ ବିଶ୍ୱାଳ, ମୋନାଲିସା ଦାସ, ଲକ୍ଷ୍ମଣ ବେହେରା ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ ।

# ସ୍କୁଲ୍ ଓ ଅଙ୍ଗନୱାଡ଼ି ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସକାଳେ ସକାଳେ ଲଛିପୁର, ଲୁପୁରସିଂହା, ରୁଗୁଡ଼ି ପାଲି ସମେତ ଏ ଅଞ୍ଚଳର ଅନେକ ଅଙ୍ଗନୱାଡ଼ି ସେଣ୍ଟର ଓ ବିଦ୍ୟାଳୟ ଅଚାନକ୍ ପରିଦର୍ଶନ କରିଥିଲେ ସୁବର୍ଣ୍ଣପୁର ଜିଲ୍ଲାପାଳ । ଏ ସବୁର ପରିଚାଳନା ବିଷୟରେ କର୍ମଚାରୀଙ୍କୁ ବୁଝିବା ସହ ପିଲାଙ୍କ ସହ ସିଧା ସଳଖ କଥା ହୋଇ ସବୁ ବୁଝିଲେ । ଲୁପୁରସିଂହା ଅଙ୍ଗନୱାଡ଼ିରେ ଚାଲିଥିବା ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରକୁ ଦେଖି ଖୁସି ହୋଇଥିଲେ । ବିଭିନ୍ନ ଗାଁ ଗସ୍ତ ସାରି ସକାଳ ୯ଟା ବେଳେ ରାସ୍ତାରେ ଜିଲ୍ଲାପାଳ ସୋନପୁର ଫେରୁଥିବା ଓ ତାଙ୍କ ତତ୍ପରତା ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଥିଲେ । ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ଅଙ୍ଗନୱାଡ଼ି କର୍ମଚାରୀ ପ୍ୟାକ୍ସ କର୍ମଚାରୀ ଛାନିଆଁ ହୋଇଯାଇଥିଲେ । ପ୍ରତିଦିନ ଜିଲ୍ଲାପାଳଙ୍କ ଏଭଳି କିଛି ନା କିଛି ଅଞ୍ଚଳ ଗାଁକୁ ପରିଦର୍ଶନ ଯୋଗୁଁ ସରକାରୀ କର୍ମଚାରୀ ଚଳ ଚଞ୍ଚଳ ହୋଇ ଉଠିଥିବା ଜଣାଯାଇଛି । ଆକ୍ସନ୍ ଠାରୁ କ୍ଷେତ୍ର ପରିଦର୍ଶନ, ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଡିସ୍କସନ୍ ମହୋଷଧି ଠାରୁ ଅଧିକ କାର୍ଯ୍ୟ କରେ ବୋଲି ଜିଲ୍ଲାପାଳ ବେଳେ ବେଳେ ସଭାରେ ଅଫିସର ମାନଙ୍କୁ କହନ୍ତି ।

# ପାରିବାରିକ ବିବାଦରୁ ଯୁବକଙ୍କ ମୃତ୍ୟୁ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମରେ ପାରିବାରିକ ବିବାଦରୁ ଯୁବକ ସୁକାନ୍ତ ମଲିକ (୩୦)ଙ୍କର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ଗୁରୁବାର ସନ୍ଧ୍ୟାରେ ଏହି ଗ୍ରାମର କାଳନ୍ଦୀ ମଲିକ ଓ ସୁକାନ୍ତ ମଲିକ ପରିବାର ମଧ୍ୟରେ ପୂର୍ବ ବିବାଦ ପାଇଁ ପାଟିତୁଣ୍ଡ ହୋଇଥିଲା । ରାତିରେ ଏହି ବିବାଦ ଉଗ୍ରରୂପ ନେଇଥିଲା । କାଳନ୍ଦୀ ମଲିକ ପରିବାର ଲୋକେ ସଂଘବଦ୍ଧ ଭାବେ ସୁକାନ୍ତକୁ ଆକ୍ରମଣକରି ଲହୁଲୁହାଣ କରିଥିଲେ । ଗୁରୁତର ଅବସ୍ଥାରେ ସୁକାନ୍ତକୁ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ପରିବାର ପକ୍ଷରୁ ଧର୍ମଶାଳା ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି କାଳନ୍ଦୀ ପରିବାର ଲୋକଙ୍କୁ ଥାନାକୁ ଆଣି ତଦନ୍ତ ଆରମ୍ଭ କରିଛି ।

# କଣ୍ଟାବାଞ୍ଜିରେ ଇଞ୍ଜିନିୟରିଂ ଓ କୃଷି ମହାବିଦ୍ୟାଳୟ ସ୍ଥାପନ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

କଣ୍ଟାବାଞ୍ଜି ଅଞ୍ଚଳର ସମଗ୍ର ଶିକ୍ଷାଗତ ଉନ୍ନତିକୁ ଲକ୍ଷ୍ୟ କରି ପ୍ରସ୍ତାବିତ ଇଞ୍ଜିନିୟରିଂ କଲେଜ ଓ ସରକାରୀ କୃଷି ମହାବିଦ୍ୟାଳୟ ସ୍ଥାପନ ଦାବିରେ ପ୍ରେସ୍ କ୍ଲବ କଣ୍ଟାବାଞ୍ଜି ନେତୃତ୍ୱରେ କଣ୍ଟାବାଞ୍ଜି ସହର ବିଭିନ୍ନ ସଂଗଠନ ତରଫରୁ ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନା ଅନୁସାରେ ଚଳିତ ରାଜ୍ୟ ବଜେଟ୍‌ରେ ବଲାଙ୍ଗିର ଜିଲ୍ଲା ପାଇଁ ଇଞ୍ଜିନିୟରିଂ କଲେଜ ଓ ସରକାରୀ କୃଷି ମହାବିଦ୍ୟାଳୟ ଅନୁମୋଦନ ହୋଇଛି । ନିଶ୍ଚିତ ଭାବେ ଶିକ୍ଷା କ୍ଷେତ୍ର ବଲାଙ୍ଗିର ଜିଲ୍ଲା ଆଉ ଏକ ପାଦ ଆଗକୁ ଯିବ । ତେବେ ପ୍ରେସ୍ କ୍ଲବ ସଦସ୍ୟମାନେ ଏହି ଦୁଇଟି ଶିକ୍ଷା ସଂସ୍ଥା କଣ୍ଟାବାଞ୍ଜି ଅଞ୍ଚଳରେ ସ୍ଥାପନ କରିବାକୁ ଦାବି କରିଛନ୍ତି ।



ଯାହାଦ୍ୱାରା ଅଞ୍ଚଳର ଶିକ୍ଷାଗତ ଅସମତା ଦୂର ହେବ । ପ୍ରେସ୍ କ୍ଲବ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କଣ୍ଟାବାଞ୍ଜି ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉଚ୍ଚ ପ୍ରାଯୁକ୍ତିକ ଓ କୃଷି ଶିକ୍ଷାରେ ପଛୁଆ ଅଛି । ଏଠାର ଅନେକ ଯୁବକ ଉଚ୍ଚ ଶିକ୍ଷା ଓ ଚାକିରି ପାଇଁ ଅନ୍ୟ ରାଜ୍ୟକୁ ନିର୍ଭର କରିଥାନ୍ତି । ଯଦି ଏହି ଦୁଇଟି ସଂସ୍ଥା କଣ୍ଟାବାଞ୍ଜିରେ ସ୍ଥାପିତ ହୁଏ ତେବେ ସ୍ଥାନୀୟ ଯୁବକମାନେ ଉତ୍ତମ ସୁଯୋଗ ପାଇବେ । କଣ୍ଟାବାଞ୍ଜି ପଶ୍ଚିମ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ର ଓ ପ୍ରମୁଖ ରେଳ ଜଂସନ୍ ଯାହାଦ୍ୱାରା ପାର୍ଶ୍ୱବର୍ତ୍ତୀ ଜିଲ୍ଲା ଓ ରାଜ୍ୟ ସହ ଭଲ ସଂଯୋଗ ସୁବିଧା ଉପଲବ୍ଧ ଅଛି । ସେହିପରି ଅଞ୍ଚଳଟି କୃଷି ପ୍ରଧାନ ହେବାରୁ ଏଠାରେ କୃଷି ମହାବିଦ୍ୟାଳୟ ସ୍ଥାପନ କଲେ କୃଷକମାନେ ଗବେଷଣା, ଆଧୁନିକ କୃଷି ପ୍ରଣାଳୀ ଓ କୌଶଳ ବିକାଶରେ ସିଧାସଳଖ ଲାଭାନ୍ୱିତ ହେବେ । ପ୍ରେସ୍ କ୍ଲବ ପକ୍ଷରୁ ଭୂମି ଉପଲବ୍ଧତା ଓ ଜନସମର୍ଥନ ପାଇଁ ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧି ମାନଙ୍କର ପୂର୍ଣ୍ଣ ସହଯୋଗ ରହିବ ବୋଲି ଆଶ୍ୱାସନ ଦିଆଯାଇଛି । ଦାବିପତ୍ର ଦେବା ସମୟରେ ପ୍ରେସ୍ କ୍ଲବ କଣ୍ଟାବାଞ୍ଜି, ଟ୍ରକ୍ ମାଲିକ ସଂଘ, ରେଲୱେ ଅଟୋ ୟୁନିଅନ, ରାଇଟ୍ ଟୁ ଫାଇଟ୍ କଣ୍ଟାବାଞ୍ଜି, ଶ୍ରୀ ଗୁରୁ ସିଂହ ସଭା, ରେଲୱେ ଯାତ୍ରି ସଂଘ, ଶ୍ରୀ ଶ୍ରୀ ବୁଢ଼ାଦେଓ ଗଣ ସାଂସ୍କୃତିକ ସମାଜ ଚଟୁଆନକା, କଞ୍ଜୁମର ଫୋରମ୍ କଣ୍ଟାବାଞ୍ଜି, ଜବାହାର ଲାଲ ନେହେରୁ ଆଦିବାସୀ କ୍ଲବ ଚଟୁଆନକା, କର୍ମକର୍ତ୍ତା ଉପସ୍ଥିତ ରହି ଦାବିପତ୍ର ଦେଇଥିଲେ । ଉପରୋକ୍ତ ସମସ୍ତ ସଂଗଠନ ଆଶା ବ୍ୟକ୍ତ କରିଛନ୍ତି ଯେ, ସରକାର ଜନ ଭାବନାକୁ ସମ୍ମାନ ଦେଇ କଣ୍ଟାବାଞ୍ଜିରେ ଏହି ଦୁଇଟି ଶିକ୍ଷା ସଂସ୍ଥା ସ୍ଥାପନକୁ ପ୍ରାଧାନ୍ୟ ଦେବେ ।

# ହଷ୍ଟେଲ୍ ରୁମ୍‌ର ଛାତ୍ରଙ୍କ ଝୁଲନ୍ତା ଶବ ଉଦ୍ଧାର

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ବାପାଙ୍କ କାନ୍ଦ ବୋବାଳିରେ ଫାଟି ପଡୁଛି ହଷ୍ଟେଲ୍ ପରିସର, ଯାହାପାଇଁ ମୁଠାଏ ସପ୍ନ ଦେଖିଥିଲେ ବିଦ୍ୟାଳୟରେ ପାଠ ପଢିବା ପାଇଁ ଛାଡିଥିଲେ କିନ୍ତୁ ଆଜି ନିଜ ଅଲିଅଳି ପୁଅର ଝୁଲନ୍ତା ଶବ ରୁମ୍ ଭିତରେ ଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ଖବର ଦେଇଥିଲେ । ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଭାମିନି ଆଶ୍ରମ ବିଦ୍ୟାଳୟର ଛାତ୍ର ନିବାସରେ ଅଷ୍ଟମ ଶ୍ରେଣୀ ଛାତ୍ର ପ୍ରଶାନ୍ତ ଭତ୍ରା, ଛାତ୍ରଙ୍କ ବାପା ପରମେଶ୍ୱର ଭତ୍ରାଙ୍କ ଅନୁଯାୟୀ ଛାତ୍ର ଜଣକ ମାତ୍ର ଦୁଇ ଦିନ ତଳେ ଛାତ୍ର ନିବାସକୁ ଆସିଥିଲେ ମୃତ୍ୟୁର କାରଣ ଅସ୍ପଷ୍ଟ । ପୂର୍ବରୁ ପ୍ରଶାନ୍ତ ଉମରକୋଟ ଆଦର୍ଶ ବିଦ୍ୟାଳୟରେ ପଢୁଥିଲେ । ଆଦର୍ଶ ବିଦ୍ୟାଳୟକୁ ସବୁଦିନ ସାଇକଲ୍‌ରେ ଯିବା ଆସିବା ଅସୁବିଧା ହେଉଥିଲା ତେଣୁ ପ୍ରଶାନ୍ତ ଭାମିନି ବିଦ୍ୟାଳୟରେ ଛାତ୍ର ନିବାସରେ ରହି ପଢିବାକୁ ଚାହିଁଥିଲେ । ଏଣୁ ଭାମିନିରେ ଅଷ୍ଟମ ଶ୍ରେଣୀରେ ଜଏନ୍ ହୋଇ ଦୁଇଦିନ ତଳେ ଛାତ୍ର ନିବାସକୁ ଆସିଥିଲେ, ପୂର୍ବଦିନ ସନ୍ଧ୍ୟାରେ ବାପାଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ । ହଷ୍ଟେଲ୍‌ରେ ବହୁତ ଖୁସିରେ ଥିବା ପ୍ରକାଶ କରିଥିଲେ କିନ୍ତୁ ହଠାତ୍ ପୁଅର ମୃତ୍ୟୁ ଖବର ପାଇ ଆବାକ୍ ହୋଇଯାଇଛନ୍ତି ।



# ୨୭ରୁ ବୈଶାଖ ମେଳା:ଟିଟିଲାଗଡ଼ରୁ ହରିଶଙ୍କର ମୁଖ୍ୟମନ୍ତ୍ରୀ ବସ୍ ସେବା କାର୍ଯ୍ୟକ୍ଷମ କରାଯାଉ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଐତିହ୍ୟ ପୀଠ ହରି ଓ ଶଙ୍କର ମିଳନ ସ୍ଥଳି ଗନ୍ଧମାର୍ଦ୍ଦନ ପାଦ ଦେଶରେ ବୈଶାଖ ମେଳା ପାଇଁ ପ୍ରଶାସନର ପ୍ରସ୍ତୁତି ଚାଲିଥିବା ବେଳେ ଏପ୍ରିଲ ୨୭ ରୁ ମଇ ୧ ପର୍ଯ୍ୟନ୍ତ ୫ ଦିନ ଯାଇ ବୈଶାଳ ମେଳା ଅନୁଷ୍ଠିତ ହେବ । ରାଜ୍ୟ ବାହାରୁ ଭକ୍ତ ଛୁଟିବ । ଏହି ଉଦ୍ଦେଶ୍ୟରେ ଯାତ୍ରୀଙ୍କ ସୁବିଧା ପାଇଁ ବସ୍ ସେବା ପାଇଁ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ପତ୍ରରେ ବୈଶାଖ ମେଳାରେ ସ୍ୱତନ୍ତ୍ର ଅର୍ଥ ପ୍ରଦାନ, ପ୍ରଚାର ପ୍ରସାର, ପର୍ଯ୍ୟଟନ ବିଭାଗ ଓ ରାଜ୍ୟ ସରକାରଙ୍କ ସଂଗ୍ରାହଳୟ ସ୍ଥାପନ କରିବା ପାଇଁ ଦାବି କରିଛନ୍ତି । ୧୪ ଗୋଟି ବ୍ଲକରେ ୫ ଦିନ ପାଇଁ ରାଜ୍ୟ ପରିବହନ ବିଭାଗ ଦ୍ୱାରା ସ୍ୱତନ୍ତ୍ର ବସ୍ ଚଳାଇବା ପାଇଁ ଦାବି ଏବଂ ବଲାଙ୍ଗିର ସହରରୁ ହରିଶଙ୍କରକୁ ବସ୍ ଚଳାଚଳ ବନ୍ଦ ହୋଇଯାଇଛି । ଏହା ପୁନଃର୍ବାର ଚଳାଇବା ପାଇଁ ଦାବି, ଭକ୍ତ ଓ ପର୍ଯ୍ୟଟନ ମାନଙ୍କର ସୁଅ ଛୁଟୁଥିବା ଏହା ପୁନର୍ବାର ବିଚାର କରି ଚଳାଇବା ପାଇଁ ଦାବି, ଟିଟିଲାଗଡରୁ ହରିଶଙ୍କର ମୁଖ୍ୟମନ୍ତ୍ରୀ ସେବା ବସ୍ ଛାତ୍ର ଛାତ୍ରୀ ଓ ମହିଳାମାନଙ୍କ ପାଇଁ ପୁନଃର୍ବାର ଜିଲ୍ଲା ପ୍ରଶାସନ ଓ ପରିବହନ ବିଭାଗ ବୈଶାଳ ମେଳା ପୂର୍ବରୁ ଚଳାଇବା ପାଇଁ ଦାବି । ଏ ବିଷୟରେ ଜିଲ୍ଲା ପ୍ରଶାସନ ସୂଚନା ପ୍ରଦାନ କରିଛି ଯେ ଆଗାମୀ ୧୮ ତାରିଖ ଦିନ ରାଜ୍ୟ ପରିବହନ ଜିଲ୍ଲା ପ୍ରଶାସନ ଓ ଘରୋଇ ମାଲିକ ସଂଘ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି । ଏହି ଦାବି ସମୟରେ ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଶମ୍ଭୁ ପ୍ରସାଦ ଶତପଥି, ରିଣ୍ଟୁ ସାହୁ, ସମ୍ପାଦକ ପ୍ରଶାନ୍ତ ମହାକୁର ଓ ଅଶୋକ କୁମାର ମେହେର ଉପସ୍ଥିତ ଥିଲେ ।

# ଅଭାବୀ ସମ୍ବଳରେ ଧାମନଗର ପୋଲିସ:ତଦନ୍ତ ବୋଝ ତଳେ ଚାପି ହେଉଛନ୍ତି ଅଧିକାରୀ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲାର ଧାମନଗର ଥାନା ଏବେ ଅପରାଧ ନିୟନ୍ତ୍ରଣ ଓ ତଦନ୍ତ ପ୍ରକ୍ରିୟା ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ସଂଘର୍ଷ କରୁଛି । ଧାମନଗର ବ୍ଲକର ଆନନ୍ଦପୁର ଠାରୁ ଭଗବାନପୁର ଏବଂ ଭଣ୍ଡାରିପୋଖରୀର କିଛି ଅଂଶ ସମେତ ବିସ୍ତୃତ ଅଞ୍ଚଳର ସୁରକ୍ଷା ଦାୟିତ୍ୱ ଏହି ଥାନା ଉପରେ ରହିଛି । ମାତ୍ର ଆବଶ୍ୟକତା ତୁଳନାରେ କର୍ମଚାରୀ ସଂଖ୍ୟା କମ୍ ଥିବାରୁ ଜଣେ ଜଣେ ଅଧିକାରୀ ଏକାଧିକ ମାମଲାର ତଦନ୍ତ ବୋଝରେ ଚାପି ହୋଇ ରହୁଛନ୍ତି । ପରିସଂଖ୍ୟାନ ଅନୁଯାୟୀ, ୨୦୨୧ରେ ମାମଲା ସଂଖ୍ୟା ୩୪୭ ଥିବାବେଳେ ୨୦୨୪ରେ ଏହା ୫୭୧କୁ ବୃଦ୍ଧି ପାଇଛି । ଚଳିତ ୨୦୨୬ ବର୍ଷରେ ମାତ୍ର ସାଢ଼େ ତିନି ମାସ ମଧ୍ୟରେ ୧୬୩ଟି ମାମଲା ରୁଜୁ ହୋଇସାରିଲାଣି । ଏଥିମଧ୍ୟରେ ଗୋଟିଏ ହତ୍ୟା, ୫ଟି ହତ୍ୟା ଉଦ୍ୟମ ଏବଂ ୪୦ଟି ଅଶ୍ଳୀଳ ବ୍ୟବହାର ଭଳି ମାମଲା ରହିଛି । ଏହା ବ୍ୟତୀତ ୧୫ଟି ମାମଲାକୁ 'ସମ୍ବେଦନଶୀଳ' ଶ୍ରେଣୀଭୁକ୍ତ କରାଯାଇଛି । ୧୨ କିଲୋମିଟର ଲମ୍ବ ଜାତୀୟ ରାଜପଥରେ ଦୈନିକ ଦୁର୍ଘଟଣା, ରାହାଜାନି ଏବଂ ଅନ୍ତରାଜ୍ୟ ଡକାୟତି ପୋଲିସ ପାଇଁ ଏକ ବଡ଼ ମୁଣ୍ଡବିନ୍ଧାର କାରଣ ସାଜିଛି । ଥାନାରେ କାର୍ଯ୍ୟରତ ଅଧିକାରୀମାନେ ଅପରାଧ ନିୟନ୍ତ୍ରଣ ପାଇଁ କେତେ ତତ୍ପର, ତାହା ଅଭିଯୋଗକାରୀ ତାଲିକାରୁ ସ୍ପଷ୍ଟ ହେଉଛି । ଏସ୍ଆଇ ନାରାୟଣ ନାୟକ ସର୍ବାଧିକ ୧୫ଟି ମାମଲାରେ ଅଭିଯୋଗକାରୀ ଥିବାବେଳେ ମହେଶ୍ୱର ପ୍ରଧାନ ଓ ନରେନ୍ଦ୍ର କୁମାର ରାଉତ ପ୍ରତ୍ୟେକ ୧୪ଟି ମାମଲା ଦାୟର କରିଛନ୍ତି । ସୁଜିତ କୁମାର ରାଉତ ୧୦ଟି, ଲରେନ୍ସ କୁଜୁର ୧୦ଟି, ରଶ୍ମିତା ମଲ୍ଲିକ ୮ଟି ଓ କଳ୍ପନା ରାଉତ ୫ଟି ମାମଲାର ଅଭିଯୋଗକାରୀ ଅଛନ୍ତି । ଏଗୁଡ଼ିକ ମୁଖ୍ୟତଃ ଅବକାରୀ ଓ ଗାଡ଼ି ଚେକିଂ ସହ ଜଡ଼ିତ । କିନ୍ତୁ ବିଡ଼ମ୍ବନା ହେଉଛି, ଏହି ଅଧିକାରୀମାନଙ୍କୁ ପୁଣି ଅନ୍ୟାନ୍ୟ ସଂଗୀନ ମାମଲାର ତଦନ୍ତ ଦାୟିତ୍ୱ ତୁଲାଇବାକୁ ପଡୁଛି । ସାଧାରଣ ମାମଲା ପାଇଁ ୬୦ ଦିନ ଓ ସଂଗୀନ ମାମଲା ପାଇଁ ୯୦ ଦିନର ସମୟସୀମା ମଧ୍ୟରେ ଚାର୍ଜସିଟ୍ ଦେବା ନିୟମ ଥିବାରୁ, କର୍ମଚାରୀ ଅଭାବରୁ ସେମାନେ ଅତ୍ୟଧିକ ଚାପରେ ରହୁଛନ୍ତି । ଫରେନ୍ସିକ ରିପୋର୍ଟ ଓ ସାଇବର ପ୍ରମାଣ ସଂଗ୍ରହରେ ବିଳମ୍ବ ହେଲେ ଏହି ଚାପ ଦ୍ୱିଗୁଣିତ ହୋଇଯାଉଛି । ଥାନାରେ ଜଣେ ଆଇଆଇସିଙ୍କ ସମେତ ୪ ଜଣ ସବ୍-ଇନ୍ସପେକ୍ଟର ପଦବୀ ମଞ୍ଜୁର ହୋଇଥିବାବେଳେ ମାତ୍ର ୩ ଜଣ (୨ ପୁରୁଷ ଓ ଜଣେ ମହିଳା) ଅଛନ୍ତି । ସେହିପରି ୫ ଜଣ ଏଏସ୍ଆଇ ପଦବୀରୁ ମାତ୍ର ୪ ଜଣ ଅଛନ୍ତି, ଯେଉଁଥିରୁ ଜଣେ ବଦଳି ହୋଇ ଚାଲିଯିବେ । ମଞ୍ଜୁର ଥିବା ୧ ହାବିଲଦାର ପଦବୀ ଖାଲିପଡ଼ିଛି । ୧୦ ଜଣ କନେଷ୍ଟବଳ ଓ ମାତ୍ର ୫ ଜଣ ଗୃହରକ୍ଷୀଙ୍କୁ ନେଇ ୧୨ ହଜାରରୁ ଅଧିକ ସଂଖ୍ୟାଲଘୁ ବସବାସ କରୁଥିବା ଏବଂ 'ଉର୍ସ' ଭଳି ଆନ୍ତର୍ଜାତୀୟ ଉତ୍ସବ ପାଳନ ହେଉଥିବା ଅଞ୍ଚଳରେ ଶାନ୍ତି ରକ୍ଷା କରିବା ଏକ ଆହ୍ୱାନ । ଥାନାର ଭିତ୍ତିଭୂମି ଅବସ୍ଥା ଅତି ଦୟନୀୟ । ଆଇଆଇସି ଓ ଏସ୍‌ଡିପିଓଙ୍କ ବ୍ୟତୀତ ଅନ୍ୟ ଅଧିକାରୀଙ୍କ ପାଇଁ କ୍ୱାର୍ଟର ନାହିଁ । ବାରାକ ଅଭାବରୁ ଏପିଆର୍ କର୍ମଚାରୀମାନେ ମହିଳା ଓ ଶିଶୁ ଡେସ୍କ ଗୃହରେ ଅତ୍ୟନ୍ତ କଷ୍ଟରେ ରହୁଛନ୍ତି । ଥାନା ପରିସର ଖୋଲାମେଲା ଥିବାରୁ ବୁଲା ଗୋରୁଙ୍କ ପ୍ରାଦୁର୍ଭାବ ଯୋଗୁଁ ସବୁଆଡ଼େ ଗୋବର ଓ ଅଳିଆ ଭର୍ତ୍ତି ହୋଇ ରହୁଛି । ଧାମନଗର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଥାନାରେ ପଦବୀ ପୂରଣ ସହ ଭିତ୍ତିଭୂମିର ଉନ୍ନତି କରାଗଲେ ପୋଲିସ ସେବା ଆହୁରି ସୁଦୃଢ଼ ହୋଇପାରନ୍ତା ।



# ଶିକ୍ଷୟିତ୍ରୀ ସସ୍ମିତା ସ୍ୱାଇଁ 'କୋଣାର୍କ ରତ୍ନ' ସମ୍ମାନରେ ସମ୍ମାନିତ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ବାଲିକୁଦା ବ୍ଲକ ନାଗପୁର ପଞ୍ଚାୟତ ଠାକୁର ପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ସସ୍ମିତା ସ୍ୱାଇଁଙ୍କୁ ପୁରୀ ଜିଲ୍ଲାର କୋଣାର୍କ କଲ୍ୟାଣ ମଣ୍ଡପ ଠାରେ କୋଣାର୍କ ଲୋକକଳା ମହୋତ୍ସବର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୋଣାର୍କ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାନସଭା ସଚିବ ଦାଶରଥି ଶତପଥୀ, ବରେଣ୍ୟ ଅତିଥି ଡ଼ଃ ତ୍ରିଲୋଚନ ବରାଳ, ମୁଖ୍ୟବକ୍ତା ଟେକ୍ନିକାଲ୍ ନିର୍ଦ୍ଦେଶକ ଦୂରଦର୍ଶନ ବାସୁଦେବ ହେମରମ, ସମ୍ମାନିତ ଅତିଥି କୃତିବାସ ରଥ, ବ୍ୟଙ୍ଗ କବି ଡ଼ଃ ସମ୍ପଦ କୁମାର ରଥ ଓ ଅନ୍ୟ ଅତିଥି ମାନଙ୍କ ଗହଣରେ ଏହି ସମ୍ମାନ ଗ୍ରହଣ କରିଥିଲେ ଶ୍ରୀମତୀ ସ୍ୱାଇଁ । ଏହି ସମ୍ମାନରେ ସମ୍ମାନିତ ହେବା ପରେ ଶ୍ରୀମତୀ ସ୍ୱାଇଁଙ୍କୁ ଜିଲ୍ଲା ତଥା ବାଲିକୁଦା ବ୍ଲକର ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇଥିବା ବେଳେ ଆଇନଜୀବୀ ଡ଼ଃ ବିରନାରାୟଣ ପାତ୍ର, ଶିକ୍ଷକ ନେତା ରମାକାନ୍ତ ବାରିକ, ପ୍ରଧାନ ଶିକ୍ଷକ ସରୋଜକାନ୍ତ ସ୍ୱାଇଁ, ସାରସ୍ୱତ ମଞ୍ଚ, ବାଲିକୁଦା ଶାଖା ସଭାପତି ସ୍ମିତା ଦାସ, ସମ୍ପାଦକ ରାମଚନ୍ଦ୍ର ଶତପଥୀ, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ସନ୍ତୋଷ କୁମାର ବିଶ୍ୱାଳ, ଶିକ୍ଷାବିତ୍ ନିରଞ୍ଜନ ପଣ୍ଡାଙ୍କ ସମେତ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀମତୀ ସ୍ୱାଇଁ ସ୍ୱର୍ଗତ ଅଭିନେତା ଦୁଃଖିରାମ ସ୍ୱାଇଁଙ୍କ ଝିଆରୀ ହୋଇଥିବା ବେଳେ ସ୍ୱର୍ଗତ ପ୍ରଧାନ ଶିକ୍ଷକ ତାରକ ସ୍ୱାଇଁଙ୍କ ଝିଅ ଅଟନ୍ତି । ଶିକ୍ଷକତା ବ୍ୟତୀତ ସାରସ୍ୱତ ମଞ୍ଚର ନିୟମିତ ସଦସ୍ୟା ଓ ସ୍ୱାମୀ ସହକାରୀ ଯନ୍ତ୍ରୀ ଗ୍ରାମ ଉନ୍ନୟନ ବିଭାଗ ଶୈଳେନ୍ଦ୍ର ବିଶ୍ୱାଳଙ୍କ ସହ ମିଶି ବିଭିନ୍ନ ଜନ କଲ୍ୟାଣ କାମରେ ନିଜକୁ ନିୟୋଜିତ ରଖିଥାନ୍ତି । ଏଣୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ସମ୍ମାନିତ କରାଯାଇଛି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ୱତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୮।୦୪।୨୦୨୬, ବୈଶାଖ ଦି୫ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୨୮।୪୩ ଚନ୍ଦ୍ରୋଦୟ- ପ୍ରାଘ ୬।୦୩।୪୮**

**ପ୍ରତିପଦା-** ଦିଘ ୨।୧୩ ପର୍ଯ୍ୟନ୍ତ । ଅଶ୍ୱିନୀ ନକ୍ଷତ୍ର ଦିଘ ୯।୪୫ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ଦି ୨।୧୩ ଗତେ ବୋଇତାଳୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୪ ଗତେ ଦିଘ ୧।୦୩ ମଧ୍ୟେ । **ପର୍ବୋତ୍ସବ-** ଦ୍ୱିତୀୟା ଚନ୍ଦ୍ର ଦର୍ଶନ, ପୂଜା ଓ ଅର୍ଘ୍ୟ ଦାନ ।



**ମେଷ:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ସାଧନାରେ ସିଦ୍ଧି ଲାଭ କରିବେ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆୟର ପରିମାଣ ବଢ଼ିବ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବାର ସୂଚନା ।



**ବୃଷ:** ହଠାତ୍ ଶୁଭ ଖବର ପାଇ ଆନନ୍ଦିତ ହେବେ । ଦେବ ଦର୍ଶନ ସହିତ ସେବା ପୂଜାର ସୁଯୋଗ ମଧ୍ୟ ଜୁଟିପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଅସନ୍ତୋଷ ଦେଖାଦେଇପାରେ ।



**ମିଥୁନ:** ଆୟର ପରିମାଣ ବଢ଼ିବ । ବ୍ୟବସାୟରେ ଲାଭବାନ୍ ହେବେ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଦେହ ଭଲ ରହିବ । ମାଲିମୋକଦ୍ଦମାରେ ଶୁଣାଣି ନିଜ ସାପେକ୍ଷ ଜନିତ ହେବ ।



**କର୍କଟ:** ଘରେ ଶାନ୍ତିର ବାତାବରଣ ଖେଳିବ । ରୋଜଗାର ଭଲ ହେବ । କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ । ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଦେବ ଦର୍ଶନ କରିପାରନ୍ତି । ମନ ଭଲ ରହିବ ।



**ସିଂହ:** ଶରୀରରେ ଅସୁସ୍ଥତା ଦେଖାଦେବ । ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ବ୍ୟୟର ମାତ୍ରା ଅଧିକ ହେବ । ଘରେ ଅସନ୍ତୋଷ ଦେଖାଦେବ । ବନ୍ଧୁଙ୍କ ଠାରୁ ସହଯୋଗ ପାଇ ଉପକୃତ ହେବେ ।



**କନ୍ୟା:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । କିଛି ନୂତନ କାର୍ଯ୍ୟ ଆରମ୍ଭ ମଧ୍ୟ ହୋଇପାରେ । ଆୟ ମଧ୍ୟମ ଧରଣର ହେବ । ଗୃହେ ଆନନ୍ଦ ଦେଖାଦେବ । ଦୂରକୁ ମଧ୍ୟ ଯାତ୍ରା କରିବେ ।



**ତୁଳା:** ବନ୍ଧୁ ମିଳନର ସୁଯୋଗ ସୃଷ୍ଟି ହେବ । ଆମୋଦ ପ୍ରମୋଦର ସୁଅ ଛୁଟିବ । ରେଜାଗାର ଭଲ ହେବ । ପାରିବାରିକ ଜୀବନ ସୁଖମୟ ହେବ । ମହିଳାମାନେ କର୍ମ ତତ୍ପର ହେବେ ।



**ବିଛା:** ପରୋପକାର କରି ଆତ୍ମତୃପ୍ତି ଲାଭ କରିବେ । ବ୍ୟବସାୟରେ ଆଶାଜନକ ଫଳ ପାଇ ଉପକୃତ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଆନନ୍ଦ ଦେଖାଦେବ । ଶରୀର ସୁସ୍ଥ ରହିବ ।



**ଧନୁ:** ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ଖର୍ଚ୍ଚର ପରିମାଣ ସାମାନ୍ୟ ବଢ଼ିବ । ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ହେବେ । ମନ ଅସ୍ଥିର ରହିବ । କଚେରୀ ମାମଲାରେ ଶୁଣାଣି ବିଳମ୍ବ ହେବ ।



**ମକର:** ଆଜି ଆପଣଙ୍କର ଦିନଟି ହସ ଖୁସିରେ ବିତିବ । ଧନ ଲାଭ ହେବାର ସମ୍ଭାବନା । ଚାକିରି କ୍ଷେତ୍ରରେ ସହକର୍ମୀଙ୍କ ସାନ୍ନିଧ୍ୟ ଲାଭ କରିବେ । ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି । ଗୃହେ ଶାନ୍ତି ।



**କୁମ୍ଭ:** ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଅଟକି ରହିଥିବା କାର୍ଯ୍ୟ ଆପଣଙ୍କର ସମ୍ପୂର୍ଣ୍ଣ ହେବ । ଆୟ ଓ ବ୍ୟୟ ସମାନ ରହିବ । ମହିଳାମାନେ ସୁଖୀ ହେବେ । ଦୂରକୁ ଯାତ୍ରା କରିବାର ସମ୍ଭାବନା ।



**ମୀନ:** ଆୟର ପରିମାଣ ବଢ଼ିବ । ଶତ୍ରୁ ନାଶ ହେବେ । ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସାନ୍ନିଧ୍ୟ ଲାଭ କରିବେ । ଘରେ ସୁଖ ଶାନ୍ତି ବିରାଜମାନ କରିବ । ଦେବ ଦର୍ଶନ କରିବାର ସୁଯୋଗ ସୃଷ୍ଟି ହୋଇପାରେ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ୱତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୯।୦୪।୨୦୨୬, ବୈଶାଖ ଦି୬ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୨୮।୫୯ ଚନ୍ଦ୍ରୋଦୟ- ପ୍ରାଘ ୬।୨୩।୨୧**

**ଦ୍ୱିତୀୟା-** ଦିଘ ୧୦।୫୧ ପର୍ଯ୍ୟନ୍ତ । ଦ୍ୱିଜା ନକ୍ଷତ୍ର ପ୍ରାଘ ୭।୧୧ ଗତେ କୃତ୍ତିକା ନକ୍ଷତ୍ର କ୍ଷୟ, **ମେଷ ଚନ୍ଦ୍ର-** ଦିଘ ୧୨।୩୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର । ଦିଘ ୧୨।୩୩ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର, ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । ଦିଘ ୧୨।୩୩ ଗତେ ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଏବଂ ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତାଳୁ ଦିଘ ୧୦।୫୧ ଗତେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୫।୩୦ ଗତେ ଦିଘ ୯।୪୧ ମଧ୍ୟେ । ଦିଘ ୧।୨୨ ଗତେ ଦିଘ ୧।୫୩ ମଧ୍ୟେ । **ପର୍ବୋତ୍ସବ-** ପର୍ଶୁରାମ ଜୟନ୍ତୀ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା



# ଇରାନ ଆମେରିକା ୨ୟ ପର୍ଯ୍ୟାୟ ଆଲୋଚନା-ଇସଲାମାବାଦରେ

ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ କୂଟନୀତି ତୀବ୍ର ହୋଉଥିବା ମନେ ହେଉଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହିତ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପାଇଁ ଇସାରା ଦେଇଛନ୍ତି । ସେ କହିଛନ୍ତି, ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ପୂର୍ବରୁ ସେ ବ୍ୟକ୍ତିଗତ ଭାବେ ପାକିସ୍ତାନ ଗସ୍ତ କରିପାରନ୍ତି। ଟ୍ରମ୍ପ ଦାବି କରିଛନ୍ତି ଯେ, ଇରାନ ଅନେକ ପ୍ରମୁଖ ସର୍ତ୍ତରେ ରାଜି ହୋଇଛି । ଇରାନ ସହିତ ଶାନ୍ତି ଆଲୋଚନା ଦୂର ନୁହେଁ । ଯଦି ଇସଲାମାବାଦରେ ଏକ ଚୁକ୍ତି ସ୍ୱାକ୍ଷରିତ ହୁଏ ସେ ନିଜେ ପାକିସ୍ତାନ ଗସ୍ତ କରିବାକୁ ପ୍ରସ୍ତୁତ ବୋଲି କହିଛନ୍ତି। ଟ୍ରମ୍ପଙ୍କ ଏହି ବିବୃତ୍ତି ଏପରି ସମୟରେ ଆସିଛି ଯେତେବେଳେ ଆମେରିକା ଏବଂ ଇରାନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ପ୍ରସ୍ତୁତି ଚାଲିଛି । ହ୍ୱାଇଟ୍ ହାଉସରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ ଟ୍ରମ୍ପ କହିଥିଲେ, 'ଯଦି ଚୁକ୍ତି ଇସଲାମାବାଦରେ ହୁଏ, ତେବେ ମୁଁ ଯାଇପାରେ। ସେମାନେ (ପାକିସ୍ତାନ) ଚାହାଁନ୍ତି ମୁଁ ଯାଏ ବୋଲି । ଆମେରିକା ରାଷ୍ଟ୍ରପତି ଆମେରିକା ଏବଂ ଇରାନ ମଧ୍ୟରେ ଆଲୋଚନାକୁ ସୁଗମ କରିବାରେ ପାକିସ୍ତାନର ଭୂମିକାକୁ ମଧ୍ୟ ପ୍ରଶଂସା କରିଛନ୍ତି, ଏହାର ଅଂଶଗ୍ରହଣକୁ 'ଉତ୍ତମ ବୋଲି କହିଛନ୍ତି । ଟ୍ରମ୍ପ ଶାହବାଜ ସରିଫ ଏବଂ ମୁନିରଙ୍କୁ ପ୍ରଶଂସା କରି କହିଛନ୍ତି, 'ଫିଲ୍ଡ ମାର୍ଶାଲ ବହୁତ ଭଲ, ଶାହବାଜ ସରିଫ ମଧ୍ୟ ବହୁତ ଭଲ, ତେଣୁ ହୁଏତ ମୁଁ ଯିବି । ପାକିସ୍ତାନ ମଧ୍ୟସ୍ଥତା ଭାବରେ ଭଲ କାମ କରିଛି ତାର ଭୂମିକା ବହୁତ ଗଠନମୂଳକ ହୋଇଛି। 'ୟୁରାନିୟମ ହସ୍ତାନ୍ତର କରିବାକୁ ଇରାନ ରାଜି'- ହ୍ୱାଇଟ୍ ହାଉସରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ଏକ ବଡ଼ ଦାବି କରି କହିଛନ୍ତି, '' ଇରାନ ୟୁରାନିୟମ ଭଣ୍ଡାର ହସ୍ତାନ୍ତର କରିବାକୁ ରାଜି ହୋଇଛି । ଉଭୟ ପକ୍ଷ ଏକ ଚୁକ୍ତିରେ ପହଞ୍ଚିବାର ନିକଟତର ହୋଇଛନ୍ତି ଯାହା ଛଅ ସପ୍ତାହ ଧରି ଚାଲିଥିବା ସଂଘର୍ଷର ଅନ୍ତ କରିପାରିବ । ଇରାନ ଯେମିତି କେବେ ବି ଆଣବିକ ଅସ୍ତ୍ର ନ ପାଏ ତାହା ସୁନିଶ୍ଚିତ କରିବୁ । ଇରାନ ନ୍ୟୁକ୍ଲିୟର ପ୍ରୋଗ୍ରାମ ଉପରେ ୨୦ ବର୍ଷର ସ୍ଥଗିତ ପ୍ରସ୍ତାବ ଦେଇଥିଲା ।। ଯଦିଓ ବିଶ୍ୱାସ କରିବା କଷ୍ଟ କିନ୍ତୁ ଇରାନ ସହିତ ଆମର ଭଲ ସମ୍ପର୍କ ଅଛି। ମୁଁ ଭାବୁଛି ଏହା ପ୍ରାୟ ୪ ସପ୍ତାହର ବୋମାମାଡ ଏବଂ ଦୃଢ ଅବରୋଧର ମିଶ୍ରଣର ପରିଣାମ ।''ଇରାନ-ଆମେରିକା ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପାଇଁ ପ୍ରୟାସ ଜୋରଦାର ହୋଇଛି । ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିର ଗୁରୁବାର ତେହେରାନରେ ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫଙ୍କୁ ଭେଟିଛନ୍ତି । ଅଲ ଜାଜିରା ଅନୁଯାୟୀ, ଆମେରିକା ଏବଂ ଇରାନ ମଧ୍ୟରେ ଏକ ସମ୍ଭାବ୍ୟ ଚୁକ୍ତିନାମାରେ ପହଞ୍ଚିବା ପାଇଁ ପ୍ରୟାସ ମଧ୍ୟରେ ଏହି ଗସ୍ତ ହୋଇଛି ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

## ବିଶ୍ୱରୂପ ଦର୍ଶନ

-----------------

### ଆଖିଠାର



ଧୂସର ଆକାଶୁ
  ଧୂମକେତୁ ଧରାଶାୟୀ ହେବ
କେ ଧରିବ ତାକୁ
  ଧୃଷ୍ଟତା କେବଳ
ଧାବମାନ ଛତ୍ରଭଙ୍ଗ ସର୍ବେ
  କେବଳ
ଧରିତ୍ରୀ ଧରିବ କୋଳେ
  ଧର୍ମନିରପେକ୍ଷ କହି କହି
  ସର୍ବେ ଧପ୍ପାବାଜ
କୋହ ଉଠୁଛି
  କିନ୍ତୁ ଝରୁନି ଲୋତକ
ମୁଖରେ ମୁଖରେ ଧର୍ମଭାବ
  ପେଟରେ ହଳାହଳ ବିଷ
ପୁରାଣକୁ ଆଖି ଆଗେ ଥୋଇ
  ଆତ୍ମାକୁ, ଅବିନାଶ ଅମର କହି
ଚାନ୍ଦା ଆଦାୟରେ ବ୍ୟସ୍ତ
  ମନ୍ଦିର ତୋଳିବାରେ ବ୍ୟସ୍ତ
ଶ୍ରମଛାଡି ଆଶ୍ରମ ଗଢିବାରେ ବ୍ୟସ୍ତ
  ବୋଝ ଉପରେ ନଳିତା ବିଡା
ସମସ୍ତେ କୁହନ୍ତି ପ୍ରବଚନ ଦିଅନ୍ତି
  ରାମ କହିଥିଲେ କୃଷ୍ଣ କହିଥିଲେ
  କିଏ ସେ ଚିହ୍ନାଉଛି,
କିଏ ଚିପ ମାରି ଦେଖାଉଛି
  କାହିଁ ଏବେ କ'ଣ ରାମକୃଷ୍ଣ ନାହାନ୍ତି ।
ନା କଳିଯୁଗ ଉଦ୍ଧାର ପାଇଁ ଜନ୍ମ ହୋଇନାହାନ୍ତି ?
  ନିଶ୍ଚୟ ସେ
ଗିରି -ଗୋବର୍ଦ୍ଧନ ଟେକିଲା ପରି
  ଧୂମକେତୁ ଧରିବେ ।
ଧରଣୀର ଭାରା ଉଶ୍ୱାସ କରିବେ ।
ଛଦ୍ମବେଶୀର ଛଦ୍ମବେଶ
  ଜଗତ ଦେଖିବ ।

............

## ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

# ଏସ୍.ଏ. କଲିମଙ୍କ ଅକ୍ଷୟ ଆଦର୍ଶ ସ୍ମରଣୀୟ



ଅର୍ଚ୍ଚିତା ଦାଶ
ଜଗନ୍ନାଥ ବିହାର, ନୂଆଗାଁ



ମଣିଷ ଜନ୍ମ ନେଇଥାଏ, ଜୀବନ ବ୍ୟତୀତ କରେ, ଏବଂ ଦିନେ ଏହି ପୃଥିବୀକୁ ଛାଡ଼ି ଚାଲିଯାଏ — ଏହା ପ୍ରକୃତିର ନିୟମ। କିନ୍ତୁ କେତେକ ମହାନ ବ୍ୟକ୍ତିତ୍ୱ ଏହି ସାଧାରଣ ନିୟମକୁ ଅତିକ୍ରମ କରି ଯାଆନ୍ତି। ସେମାନେ ଶରୀରରେ ନଥିଲେ ମଧ ଚିନ୍ତାଧାରାରେ ଅମର ହୋଇ ରୁହନ୍ତି, ସେମାନଙ୍କର କାର୍ଯ୍ୟ ଏବଂ ଆଦର୍ଶ ସମୟର ସୀମାକୁ ଭାଙ୍ଗି ଦେଇଥାଏ। ଏସ୍.ଏ. କଲିମ ସେହିପରି ଜଣେ ମହାନ ମଣିଷ — ଯିଏ କେବଳ ଜୀବନ ବ୍ୟତୀତ କରିନଥିଲେ,ସେ ନିଜ ଜୀବନକୁ ନୁହେଁ, ସମଗ୍ର ସମାଜକୁ ଆଲୋକିତ କରି ଯାଇଛନ୍ତି । ସେ ନିଜ ନାମକୁ କେବଳ ଇତିହାସର ପୃଷ୍ଠାରେ ନୁହେଁ, ଲୋକମାନଙ୍କ ହୃଦୟରେ ସ୍ଥାନ ତିଆରି କରି ଯାଇଛନ୍ତି। ଏସ୍.ଏ. କଲିମ ସେହିପରି ଜଣେ ଅପୂର୍ବ ବ୍ୟକ୍ତିତ୍ୱ — ଏକ ଅମର ନାମ, ଏକ ଅଦ୍ୱିତୀୟ ଆଦର୍ଶ, ଏବଂ ଓଡ଼ିଶାର ସାମ୍ବାଦିକତା ଜଗତର ଏକ ଦୀପସ୍ତମ୍ଭ। ତିରିଶି ବର୍ଷ ଧରି ତାଙ୍କର ସମଗ୍ର ଜୀବନ ଓଡ଼ିଆ ସମ୍ବାଦପତ୍ର ପାଇଁ ନିର୍ମୋହଭାବେ ଅର୍ପିତ ଥିଲା। ସେହି ତିରିଶି ବର୍ଷ କେବଳ ସମୟର ଗଣନା ନୁହେଁ, ଏହା ଥିଲା ତାଙ୍କର ତ୍ୟାଗ, ସଂଘର୍ଷ, ସମର୍ପଣ ଓ ନିଷ୍ଠାର ଏକ ମହାଗାଥା। ଯେଉଁଠାରେ ଅନେକେ ସାମ୍ବାଦିକତାକୁ ପେଶା ଭାବେ ଦେଖନ୍ତି, ସେଠାରେ ଏସ୍.ଏ. କଲିମ ଏହାକୁ ଧର୍ମ ଭାବେ ଗ୍ରହଣ କରିଥିଲେ। ସେ ପ୍ରତ୍ୟେକ ଖବରକୁ କେବଳ ଲିଖନ କରିନଥିଲେ, ସେଥିରେ ଜୀବନର ସତ୍ୟକୁ ଖୋଜିଥିଲେ, ତାହାକୁ ଲୋକମାନଙ୍କ ସମ୍ମୁଖରେ ନିଷ୍ଠାର ସହିତ ପ୍ରସ୍ତୁତ କରିଥିଲେ।

ତାଙ୍କର କଲମ ଥିଲା ତାଙ୍କର ଶକ୍ତି, ଏବଂ ସତ୍ୟ ଥିଲା ସେହି କଲମର ଆତ୍ମା। ସେ ଏମିତି ଏକ ସମୟରେ ସାମ୍ବାଦିକତା କରୁଥିଲେ, ଯେଉଁଠାରେ ଚାପ, ପ୍ରଲୋଭନ ଓ ଭୟ ସାଧାରଣ ଘଟଣା ଥିଲା। କିନ୍ତୁ ସେ କେବେ ମୁଣ୍ଡ ନୁଆଁଇନଥିଲେ। ସେ ସଦା ସତ୍ୟ ପକ୍ଷରେ ଦୃଢ଼ ହୋଇ ଧାଉଁଥିଲେ। ତାଙ୍କର ପ୍ରତ୍ୟେକ ଶବ୍ଦ ଥିଲା ନିଷ୍ଠାର ପ୍ରତୀକ, ପ୍ରତ୍ୟେକ ଲେଖା ଥିଲା ସାହସର ପ୍ରମାଣ। କିନ୍ତୁ ଏସ୍.ଏ. କଲିମଙ୍କର ମହାନତା କେବଳ ତାଙ୍କର ପେଶାରେ ସୀମିତ ନଥିଲା। ସେ ଥିଲେ ଜଣେ ମଣିଷ ଗଢୁଥିବା ମଣିଷ। ତାଙ୍କର ଜୀବନର ସବୁଠୁ ବଡ଼ ଅବଦାନ ହେଉଛି ସେ ଅନେକ ଯୁବକଙ୍କୁ ସଠିକ ଦିଗ ଦେଇଥିଲେ। ଅନେକ ଯୁବକ ଯେଉଁମାନେ ଜୀବନରେ ଦିଗହୀନ ଥିଲେ, ସେମାନେ ତାଙ୍କର ମାର୍ଗଦର୍ଶନରେ ନୂତନ ଆଲୋକ ପାଇଥିଲେ। ସେ କେବଳ ତାଙ୍କୁ ଶିକ୍ଷା ଦେଇନଥିଲେ, ସେମାନଙ୍କୁ ଜୀବନ ଜୀବନ୍ତ କରିବା ଶିଖାଇ ଥିଲେ । ତାଙ୍କ ପାଇଁ ସଫଳତାର ଅର୍ଥ ନିଜର ଉନ୍ନତି ନୁହେଁ, ଅନ୍ୟମାନଙ୍କୁ ଉନ୍ନତ କରିବା ଥିଲା।

ତାଙ୍କର ହୃଦୟ ଥିଲା ଅତ୍ୟନ୍ତ କୋମଳ ଓ ଦୟାଳୁ। ସେ ଦୁଃଖୀ, ଦରିଦ୍ର ଓ ଆବଶ୍ୟକତାର୍ଥୀଙ୍କ ପାଇଁ ସଦା ଏକ ଆଶ୍ରୟ ଥିଲେ। ସେ କେବେ ନିଜ ସହାୟତାକୁ ପ୍ରଚାର କରିନଥିଲେ, କିନ୍ତୁ ଅନେକ ଜୀବନ ତାଙ୍କର ନିରବ ଦାନଶୀଳତାରେ ପରିବର୍ତ୍ତିତ ହୋଇଥିଲା। ତାଙ୍କର ମନରେ କେବେ ବିଭେଦ ଥିଲା ନାହିଁ। ସେ ସମସ୍ତ ଧର୍ମକୁ ସମାନ ଭାବରେ ଦେଖୁଥିଲେ। ସେ ବିଶ୍ୱାସ କରୁଥିଲେ — ଭଗବାନ ଜଣେ, ପଥ ଅଲଗା ହୋଇପାରେ, କିନ୍ତୁ ଲକ୍ଷ୍ୟ ସମାନ।

ପରିବାରରେ ସେ ଥିଲେ ଏକ ଦୃଢ଼ ଭିତ୍ତି। ଜଣେ ଆଦର୍ଶ ପତି, ଜଣେ ସ୍ନେହମୟ ପିତା, ଏବଂ ଜଣେ ଦାୟିତ୍ୱଶୀଳ ପରିବାରର ନାୟକ। ସେ ନିଜ ପରିବାରର ପ୍ରତ୍ୟେକ ଆବଶ୍ୟକତା ପୂରଣ କରିଥିଲେ। ସେମାନଙ୍କ ସୁଖ ଥିଲା ତାଙ୍କର ପ୍ରଥମ ପ୍ରାଥମିକତା।

ସତ୍ୟ ଥିଲା ତାଙ୍କର ଜୀବନର ଆଧାରଶିଳା। ସେ କେବେ ମିଥ୍ୟାକୁ ସ୍ୱୀକାର କରିନଥିଲେ। ମିଥ୍ୟାକୁ ସେ ଘୃଣା କରୁଥିଲେ, ଏବଂ ସତ୍ୟକୁ ସେ ପ୍ରେମ କରୁଥିଲେ। ତାଙ୍କ ପାଇଁ ସତ୍ୟ କେବଳ ଏକ ଶବ୍ଦ ନୁହେଁ, ଏହା ଥିଲା ତାଙ୍କର ଶ୍ୱାସ। ତାଙ୍କର ପେଶା ଜୀବନର ଶେଷ ପର୍ଯ୍ୟାୟରେ, ସେ 'ସମ୍ବାଦ କଳିକା'ର ବାର୍ତ୍ତା ସମ୍ପାଦକ ଭାବେ ଦୀର୍ଘ ବର୍ଷ ଧରି ସେବା ଦେଇଥିଲେ। ସେହି ସମୟରେ ମଧ ତାଙ୍କର ଉତ୍ସାହ କେବେ କମିନଥିଲା। ସେ ନୂତନ ପିଢ଼ିକୁ ଗଢ଼ିବାରେ ଲାଗିଥିଲେ, ସାମ୍ବାଦିକତାର ମୂଲ୍ୟବୋଧକୁ ସୁରକ୍ଷିତ ରଖିଥିଲେ। କିନ୍ତୁ ଜୀବନ କେବେ କେବେ ଅତ୍ୟନ୍ତ ନିର୍ଦ୍ଦୟ ହୋଇଯାଏ। ୨୦୨୫ ମସିହା ଏପ୍ରିଲ ୧୮ ତାରିଖ ସନ୍ଧ୍ୟାବେଳେ — ପବିତ୍ର ଶୁକ୍ରବାରର ଦିନ — ହଠାତ୍ ହୃଦ୍‌ରୋଗ ଆକ୍ରମଣ ତାଙ୍କୁ ଆମ ସମସ୍ତଙ୍କ ଠାରୁ ଛଡ଼ାଇ ନେଇଗଲା। ତାଙ୍କୁ ତୁରନ୍ତ କାପିଟାଲ ହସ୍ପିଟାଲକୁ ନିଆଯାଇଥିଲା, କିନ୍ତୁ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ସେହି ଖବର ମାତ୍ର ଏକ ମଣିଷର ମୃତ୍ୟୁର ଖବର ନ ଥିଲା, ଏହା ଥିଲା ଏକ ମହାନ ଆତ୍ମାର ଶେଷ। ଆଜି ସେ ଆମ ମଧ୍ୟରେ ନାହାନ୍ତି, କିନ୍ତୁ ତାଙ୍କର ସ୍ମୃତି, ତାଙ୍କର ଆଦର୍ଶ, ତାଙ୍କର ଶିକ୍ଷା ଆମ ସହିତ ଅଛି। ସେ ଆଜିବି ପ୍ରତ୍ୟେକ ସତ୍ୟ ଖବରରେ ଜୀବନ୍ତ, ପ୍ରତ୍ୟେକ ସାହସିକ କଲମରେ ଜୀବନ୍ତ, ପ୍ରତ୍ୟେକ ସତ୍ୟନିଷ୍ଠ ସାମ୍ବାଦିକଙ୍କ ମନରେ ଜୀବନ୍ତ। ସେ ଥିଲେ ସର୍ବକାଳୀନ ଶ୍ରେଷ୍ଠ ସାମ୍ବାଦିକ, ଏକ ମହାନ ଦିଗଦର୍ଶକ, ଏବଂ ଏକ ଅମର ପ୍ରେରଣା।

ଆମେ ଆଜି ତାଙ୍କୁ ହାରାଇଛୁ, କିନ୍ତୁ ତାଙ୍କର ଆଲୋକକୁ କେବେ ହରାଇବୁ ନାହିଁ। ଏସ୍.ଏ. କଲିମ ନାମଟି କେବଳ ଏକ ନାମ ନୁହେଁ — ଏହା ଏକ ଆଦର୍ଶ, ଏକ ଦୃଢ଼ତା, ଏକ ସତ୍ୟର ପରିଚୟ। ତାଙ୍କର କଣ୍ଠସ୍ୱର ଆଜିବି ଗୁଞ୍ଜରିତ ହେଉଛି। ତାଙ୍କର ପଥ ଆଜିବି ଆମକୁ ନୂଆ ଆଶା ଦେଖାଉଛି... ଏବଂ ତାଙ୍କର ସ୍ମୃତି... ସଦାକାଳ ପାଇଁ ଅମର ରହିବ।

# ମନେ ରହିବେ ଏସ୍. ଏ. କଲିମ୍



ବିବେକାନନ୍ଦ ଜେନା
ବରିଷ୍ଠ ସାମ୍ବାଦିକ
ମୋ-୯୪୩୮୩୩୬୩୧୭

ଅନଉ ଅନଉ ଗୋଟିଏ ବର୍ଷ ପାରହୋଇଗଲାଣି। କିଛି ଜଣାପଡ଼ିଲା ନାହିଁ। ଆଉ ଏବେ ଅନୁଭବ ହେଉଛି, ଜଣାପଡୁଛି ସିଏ ଅଛନ୍ତି ଆମ ଗହଣରେ। ନିଇତି ଏଇଠିକି ଆସୁଛନ୍ତି, ବସୁଛନ୍ତି ଆମ କାମସବୁ ଦେଖୁଛନ୍ତି। ଅନୁଭବ ହେଉଛି ଯେମିତି ସିଏ ସବୁକାମ ସହଜରେ ସୁରୁଖୁରୁରେ ଅଦୃଶ୍ୟ ଶକ୍ତିବଳରେ କରାଇନେବା ପଛରେ ଠିଆ ହୋଇଛନ୍ତି। ଆମେ କହୁଛୁ -ଲେଖୁଛୁ ଆଜି ଶେଖ୍ ଅବଦୁଲ୍ କଲିମ୍ (ଏସ୍.ଏ.କଲିମ୍) ସଂପର୍କରେ। ତାଙ୍କରି କଥା ମନପକଉଛୁ ଆଜି ବର୍ଷାନ୍ତର ଅବକାଶରେ। ୨୦୨୫ ମସିହା ଆଜିର ଦିନରେ ଏପ୍ରିଲ ମାସ ୧୮ତାରିଖ (ଗୁଡ୍ ଫ୍ରାଇଡ଼େ) ରାତିରେ ହୃଦ୍‌ଘାତରେ ସିଏ ଆମ ସମସ୍ତଙ୍କୁ ଛାଡ଼ି ଆରପାରିକୁ ଚାଲିଗଲେ। ଦୁଃଖ ବେଶୀ ହୁଏ ଛାଡ଼ିଗଲେ ତାଙ୍କର ପତ୍ନୀ ଏଲି ଏବଂ ଏକମାତ୍ର ପୁଅକୁ। ଓଡ଼ିଶାର ଅନ୍ୟତମ ଦୈନିକ ଓଡ଼ିଆ ଖବରକାଗଜ 'ସମ୍ବାଦକଳିକା' ର ବାର୍ତ୍ତା ସଂପାଦକ ଭାବେ ଆରମ୍ଭରୁ ନିଜକୁ ଏକ ଶକ୍ତିଶାଳୀ ଖମ୍ବଭାବେ ଠିଆ କରାଇ ଆସିଥିବା କଲିମ୍‌ବାବୁ ଆକସ୍ମିକଭାବେ ଅକାଳରେ, ଅବେଳାରେ ହୃଦ୍‌ଘାତରେ ଚାଲିଯିବା ଖବରଟା ସେଇଦିନ ରାତିରେ ଶୁଣିବା କ୍ଷଣି ଆମେ କେବଳ ଯେ ମର୍ମାହତ ହୋଇଥିଲୁ ତା ନୁହେଁ ଭାଙ୍ଗିପଡ଼ିଲୁ ମଧ୍ୟ। ମୃତ୍ୟୁରଖବର ପାଇ ସେଦିନ ବର୍ଷାରାତିରେ ଅଫିସ୍ କାମ ସାରି କ୍ୟାପିଟାଲ୍ ହସପିଟାଲ୍‌କୁ ଶେଷ ଦର୍ଶନ ପାଇ ସହକର୍ମୀ ଖୁଣ୍ଟିଆ ବାବୁଙ୍କ ସହ ଗଲୁ, ହେଲେ ସେଠାରେ ଆମେ ପହଞ୍ଚିଲା ବେଳକୁ କଲିମ୍‌ବାବୁଙ୍କ ମରଶରୀରକୁ ପରିବାର ଲୋକେ ତାଙ୍କ ଭଡ଼ାଘର ବାଟ ଦେଇ ଗାଁକୁ ନେଇଯାଇଥିବା ଶୁଣିବା ପରେ ବେଶୀ ଦୁଃଖ ଲାଗିଲା, କାହିଁକି ଆମେ ତାଙ୍କର ଶେଷ ଦର୍ଶନ କରିବାର ସୁଯୋଗ ବି ପାଇଲୁ ନାହିଁ। କଲିମ୍‌ବାବୁଙ୍କ ମୃତ୍ୟୁର ପରଦିନ ସକାଳେ 'ସମ୍ବାଦ କଳିକା' କାର୍ଯ୍ୟାଳୟ ପରିସରରେ ସମ୍ପାଦକ ଜୟାଶୀଷ ରାୟଙ୍କ ସଭାପତିତ୍ୱରେ ଶୋକ ସଭାରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା 'ସମ୍ବାଦ କଳିକା' ଖବର କାଗଜକୁ ରାଜ୍ୟରେ ଅନ୍ୟତମ ଅଗ୍ରଣୀ ଦୈନିକ ଖବର କାଗଜ ଭାବେ ଠିଆ କରାଇବାରେ କଲିମବାବୁଙ୍କର ପ୍ରମୁଖ ତଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଅବଦାନକୁ ସ୍ମରଣ କରି ସମ୍ପାଦକ ଶ୍ରୀରାୟଙ୍କ ସମସ୍ତ କର୍ମଚାରୀ ତାଙ୍କର ସ୍ମୃତିଚାରଣ କହିଥିଲେ। ବିନା କଲିମବାବୁରେ ସମ୍ବାଦକଳିକା ଖବରକାଗଜ ଆଗକୁ କେମିତି ଚାଲିବ ସେନେଇ ଶୋକସଭାରେ ସିଦ୍ଧାନ୍ତ ନିଆଗଲା ଯେ ସମସ୍ତ କାର୍ଯ୍ୟରତ ସାମ୍ବାଦିକ ଓ କର୍ମଚାରୀ ନିଷ୍ଠାପର ଭାବେ ସମର୍ପିତ ମନୋଭାବ ନେଇ ପରସ୍ପର ସମନ୍ୱୟ ରକ୍ଷା ପୂର୍ବକ କାମ କରିବେ। ସମସ୍ତଙ୍କୁ ସାଙ୍ଗରେ ନେଇ କଲିମ୍‌ବାବୁ ଯେମିତି କାଗଜ ଚଳାଉଥିଲେ - କାମ କରୁଥିଲେ ଠିକ୍ ସେପରିଭାବେ କାମ ଚାଲିବ।

ବିଶ୍ୱବ୍ରହ୍ମାଣ୍ଡ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ଓ ଆଶୀର୍ବାଦରୁ କର୍ମଚାରୀମାନଙ୍କ ମଧ୍ୟରେ ସେଇ ଅତୁଟ ବନ୍ଧନ - ଭାଇଚାରା ସହଯୋଗିତା- ସମନ୍ୱୟ ଓ ନିଷ୍ଠାର ସହ ସମର୍ପିତ ଭାବେ କାମ କରିବାକୁ ନେଇଥିବା ସଂକଳ୍ପ ଯୋଗୁଁହିଁ ଆଜି ଏହି ଖବରକାଗଜ ବଞ୍ଚି ରହିଛି ଏବଂ ଆଗକୁ ମଧ୍ୟ ଭଲରେ ବଞ୍ଚି ରହିବ। ସେ ବିଶ୍ୱାସ ସମସ୍ତଙ୍କର ରହିଛି।

ଆଜି ବର୍ଷକ ପରେ ଆମେ କଲିମ ବାବୁଙ୍କୁ ମନେ ପକାଇବା ବେଳେ ସମଗ୍ର ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ସମ୍ପର୍କରେ ସ୍ୱତଃସ୍ମରଣକୁ ଆସିଯାଇଛି ଅନେକ କଥା। ତାଙ୍କର ଖବର ପ୍ରକାଶନର ଶୈଳୀ ଥିଲା ସ୍ୱତନ୍ତ୍ର ଓ ଅତି ନିଆରା। ଖବରର ଶିରୋନାମା, ମୁଖ୍ୟ ଧାଡ଼ି, ଅଗ୍ରଲେଖ ଆଉ ସ୍ତମ୍ଭରେ ଥିବା ଦିଗ୍‌ଦର୍ଶନ ବା ସନ୍ଦେଶ ଅନନ୍ୟ। ସିଏ ଆମଠୁ ବୟସରେ ଯଥେଷ୍ଟ ସାନ ଥିଲେ। ଆମକୁ ଭାଇ ବୋଲି ସମ୍ବୋଧନ କରୁଥିଲେ। ଆଉ ଆମେବି ତାଙ୍କୁ ସମ୍ବାଦକଳିକାର ନିଉଜ୍ ଏଡ଼ିଟରଭାବେ ସମ୍ମାନ ଜଣାଉଥିଲୁ। ସରଳ ଓ ନମ୍ର ସ୍ୱଭାବଧାରୀ କଲିମ୍‌ବାବୁ ସମସ୍ତଙ୍କ ସାଙ୍ଗରେ ସୁ-ସମ୍ପର୍କ ରଖିଥିଲେ। ସମସ୍ତେ ତାଙ୍କୁ ଭଲ ପାଉଥିଲେ। ସିଏ ଜଣେ ନିଷ୍କପଟ, ଦରଦୀ, ପରୋପକାରୀ ତଥା ଭଲ ମଣିଷ ଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ସେ 'ସମ୍ବାଦ କଳିକା' ଖବର କାଗଜରେ ଏବଂ କାଗଜ ପାଇଁ ବିଶ୍ୱାସର ସହିତ କାର୍ଯ୍ୟ କରିଥିଲେ। ତାଙ୍କ ଅକାଳ ବିୟୋଗ ପରେ 'ସମ୍ବାଦ କଳିକା' ସମ୍ପାଦକ ଓ କର୍ତ୍ତୃପକ୍ଷ ତାଙ୍କ ପରିବାର ପାଇଁ ଅନୁକମ୍ପା ମୂଳକ ସହାୟତାର ହାତ ବଢ଼ାଇଲେ। କଲିମ୍ ବାବୁଙ୍କ ଏକମାତ୍ର ପୁଅର ପାଠପଢ଼ା ଅବ୍ୟାହତ ରଖିବାଲାଗି ଆର୍ଥିକ ସହାୟତା ଏବଂ ପତ୍ନୀଙ୍କ ପାଇଁ ଖବରକାଗଜର ସମ୍ପାଦକୀୟ ବିଭାଗରେ କାର୍ଯ୍ୟକରିବାର ସୁଯୋଗ ଦେଲେ। ଏହାହିଁ ଥିଲା 'ସମ୍ବାଦକଳିକା' କର୍ତ୍ତୃପକ୍ଷଙ୍କ ବଡ଼ପଣ ଓ ବଦାନ୍ୟ ପୂଣ୍ୟକାର୍ଯ୍ୟ। ଏହାକୁ ଅନୁଷ୍ଠାନର ସମସ୍ତ କର୍ମଚାରୀ ଅକୁଣ୍ଠ ସମର୍ଥନ ଓ ସ୍ୱାଗତ ଜଣାଇଥିଲେ।

ଆଜି ତାଙ୍କ ପ୍ରଥମ ପୂଣ୍ୟତିଥି (ଶ୍ରାଦ୍ଧ ଦିବସ) ଅବସରରେ ତାଙ୍କୁ କେବଳ ସମ୍ବାଦ କଳିକା ଖବରକାଗଜର ସାମ୍ବାଦିକ, ସମ୍ପାଦକ ଓ କର୍ମଚାରୀ ନୁହନ୍ତ ସିଏ ତାଙ୍କ ସହ ମିଶିଥିବା ଓ କାମକରିଥିବା ପ୍ରତ୍ୟେକ ସାମ୍ବାଦିକ, ଲେଖକ, ନେତା, ପ୍ରଶାସକ, ସାଙ୍ଗସାଥୀ, ବନ୍ଧୁ, ଶୁଭେଚ୍ଛୁ, ଆତ୍ମୀୟ ସ୍ୱଜନ ସମସ୍ତେ ତାଙ୍କୁ ଝୁରୁଛନ୍ତି ଓ ମନେପକାଉଛନ୍ତି। ଆଜି ଆମେ ବି ସମସ୍ତଙ୍କ ସହ ସ୍ୱର ମିଶାଇ ଏଇ ଲେଖାମାଧ୍ୟମରେ ତାଙ୍କ ପ୍ରତି ଆମର ଗଭୀର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କର ପରିବାର ବର୍ଗଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଶକ୍ତି ସାହସ ଓ ଧୈର୍ଯ୍ୟ ପ୍ରଦାନ କରିବାକୁ ବିନମ୍ର ପ୍ରାର୍ଥନା ଜଣାଉଛୁ। କଲିମ୍‌ବାବୁଙ୍କ ଆତ୍ମା ଶାନ୍ତିରେ ଥାଉ ବୋଲି ମଧ ବଡ଼ଠାକୁରଙ୍କ ନିକଟରେ କାମନା କରୁଛୁ।

# ଅଧା ବିଶ୍ୱ ପାଇଁ ଜଳ ସଙ୍କଟ ଓ ଅସନ୍ତୁଳନ ବିଶ୍ୱ !!



ନିବେଦିତା ଶୁକ୍ଳା
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
ଚହଟା ନଗର, ଲେନ୍-୬,
କଟକ-୧୪, ଦୂରଭାଷ :
୭୦୦୮୪୭୮୯୮୬

ବସନ୍ତ ଋତୁ ସରିନି, ସକାଳୁ ସକାଳୁ ଥଣ୍ଡାଳିଆ ପାଗ, ମର୍ଣ୍ଣିଂ ୱାର୍କ ପାଇଁ ବହୁତ ବଢ଼ିଆ ସମୟଟି। ଆଉ ବସନ୍ତ ଋତୁକଥା କହିଲେ କୋଇଲି କଥା ଉଠିବ ନିଶ୍ଚୟ। ବର୍ତ୍ତମାନର ଭୌଗୋଳିକ ଓ ପାଣିପାଗ ଜନିତ ପରିବେଷ୍ଟନୀର ଅବ୍ୟବସ୍ଥା ଯାହା ପାହାନ୍ତି ସକାଳର ବା ପାହାନ୍ତି ମୁହୂର୍ତ୍ତର କୋଇଲିର କୁହୁ କୁହୁ ତାନ ଏବେ ଖରାବେଳେ ମଧ ଶୁଭୁଛି। ଗୋଟିଏ ଧାଡ଼ିରେ କହିବାକୁ ଗଲେ ସମଗ୍ର ପରିବେଶ ଓ ପାଣି ପାଗ ଏକ ବହୁତ ବଡ଼ ବିପର୍ଯ୍ୟୟକୁ ସାମ୍ନା କରିବା ପାଇଁ ଯାଉଛି। ଆମ୍ଭ ମାନଙ୍କର କାର୍ଯ୍ୟକଳାପ ଯୋଗୁଁ ତମାମ ବିଶ୍ୱ ବର୍ତ୍ତମାନ ଅସନ୍ତୁଳନର ଗୋଟାଏ ବିପଦଜନକ ପର୍ଯ୍ୟାୟରେ ପ୍ରବେଶ କରିଛି ବୋଲି ବୈଜ୍ଞାନିକ ଓ ପରିବେଶ ବିଜ୍ଞାନୀ ମାନେ ମଧ ସାବଧାନ କରାଇ ଦେଇଛନ୍ତି। ନିକଟରେ ବୈଷୟିକ ଜଳବାୟୁ ମୂଲ୍ୟାୟନର ଯାହା ରିପୋର୍ଟ ପ୍ରକାଶ ପାଇଛି ତାହା ଆଖି ତରାଟି ଦେଲାଭଳି। ୨୦୧୫ରୁ ୨୦୨୫ ଅର୍ଥାତ୍ ଏଗାର ବର୍ଷ ଭିତରେ ଅସହ୍ୟ ଗରମ ବା ନାହିଁ ନଥିବା ଗରମ ଅନୁଭୂତ ହୋଇଛି। ତେବେ ଖାଲି ପାଣିପାଗର ଏହି ଉଦବେଗ ଏକା ହୋଇ ରହିନାହିଁ ଅନ୍ୟ ଏକ ସମ୍ଭାବିତ ଦିଗଟି ମଧ ଆମ ସମସ୍ତଙ୍କ ପାଇଁ ଚିନ୍ତାଜନକ ନିଶ୍ଚୟ। ନିକଟରେ ବିଶ୍ୱସ୍ତରୀୟ ପରିସଂଖ୍ୟାନର ତଥ୍ୟ ଯାହା ସୂଚୀତ କରିଛି ତାହାକୁ ଆଧାର କରିଦେଖିଲେ ବିଶ୍ୱର ଅଧା ଜନସଂଖ୍ୟା ଏବେ ଜଳ ସଙ୍କଟ ଦେଇ ଗତି କରୁଛି। ଅର୍ଥାତ୍ ୪୦୦ କୋଟି ଲୋକ ଘୋର ଜଳ ସଙ୍କଟରେ ରହିଛନ୍ତି। ଜାତିସଂଘ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଏଭଳି ଉଦବେଗଜନକ ତଥ୍ୟ ଦିଆଯାଇଛି। କେବଳ ସେତିକି ନୁହେଁ, ବିଶ୍ୱର ୧୦୦ଟି ବୃହତ୍ତମ ସହର ମଧ୍ୟରୁ ଅଧା ଅର୍ଥାତ୍ ୫୦ଟି ସହର ଗମ୍ଭୀର ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଉଛି। ଏଥିରେ ଦିଲ୍ଲୀ, ବେଜିଂ, ନ୍ୟୁୟର୍କ ଭଳି ସହର ଅନ୍ତର୍ଭୁକ୍ତ। ରିପୋର୍ଟ ଅନୁଯାୟୀ ୨୯ଟି ସହରର ସ୍ଥିତି ଅତ୍ୟନ୍ତ ଗମ୍ଭୀର ବୋଲି ଦର୍ଶାଯାଇଛି। ଏଥିରେ ଭାରତର ରାଜଧାନୀ ଦିଲ୍ଲୀ ଚତୁର୍ଥ ସ୍ଥାନରେ ରହିଥିବା ବେଳେ କୋଲକାତା ୯ମ, ମୁମ୍ବାଇ ଦ୍ୱାଦଶ, ବେଙ୍ଗାଲୁର ୨୪ତମ ଓ ଚେନ୍ନାଇ ୨୯ତମ ସ୍ଥାନରେ ରହିଛି। ହାଇଦ୍ରାବାଦ, ଅମହଦାବାଦ, ସୁରତ ଓ ପୁଣେ ମଧ ଦୀର୍ଘକାଳୀନ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି।

ଆଫଗାନିସ୍ଥାନ ରାଜଧାନୀ କାବୁଲ ସମ୍ପୂର୍ଣ୍ଣ ଜଳଶୂନ୍ୟ ହେବାରେ ପ୍ରଥମ ଆଧୁନିକ ସହର ହେବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଅତ୍ୟଧିକ ଭୂତଳ ଜଳ ବ୍ୟବହାର କାରଣରୁ ମେକ୍ସିକୋ ସିଟି ପ୍ରତିବର୍ଷ ପ୍ରାୟ ୨୦ ହଜାର ଇଞ୍ଚ ତଳକୁ ଧସିବା ଅର୍ଥାତ୍ ଦବିବାରେ ଲାଗିଛି। ଆମେରିକାର ଦକ୍ଷିଣ-ପଶ୍ଚିମ ରାଜ୍ୟ ଗୁଡ଼ିକରେ କଲୋରାଡ଼ୋ ନଦୀ ଜଳକୁ ନେଇ ଟଣାଓଟରା ଚାଲିଛି। ମଝିରେ ଆମେ ଏକ ଆଶ୍ଚର୍ଯ୍ୟଜନକ ଖବର ଦେଖିଥିଲେ ଯେ ଦୁବାଇ, କୁଏତ ଓ ସାଉଦିଆରବରେ ଅନେକ ବର୍ଷ ପରେ ଅଚାନକ ବର୍ଷା ହୋଇ ମରୁଭୂମିର ଏହି ମୂଳକରେ ବନ୍ୟା ଦେଖିବାକୁ ମିଳିଥିଲା। ଆରବ ମରୁ ରାଜ୍ୟରେ ବନ୍ୟା, ଏ ଦୃଶ୍ୟଟି ସମଗ୍ର ବିଶ୍ୱବାସୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା ମଧ। ପାଣିପାଗର ସନ୍ତୁଳନ କିପରି ଭୟାନକ ଭାବେ ବିଗିଡ଼ି ଯାଇଛି ଏହିଥିରୁ ଅନୁମାନ କରନ୍ତୁ। ରିପୋର୍ଟ ଅନୁଯାୟୀ ନଦୀ ଏବଂ ହ୍ରଦ ସଙ୍କୁଚିତ ହେବାରେ ଲାଗିଛି। ଭୂତଳ ଜଳ ହ୍ରାସ ପାଉଛି ଓ ଆର୍ଦ୍ରଭୂମି ଶୁଖି ଯାଉଛି। ଜମି କମି ଯାଉଛି, ଗର୍ତ୍ତ ସୃଷ୍ଟି ହେଉଛି ଏବଂ ମରୁଭୂମି ବିସ୍ତାର ହେଉଛି। ପ୍ରତିବର୍ଷ ୪ ବିଲିଅନ ବା ୪୦୦ କୋଟି ଲୋକ ଅତିକମରେ ଗୋଟିଏ ମାସ ପାଇଁ ଜଳାଭାବର ଶିକାର ହେଉଛନ୍ତି। ଇରାନ ରାଜଧାନୀ ତେହେରାନ କ୍ରମାଗତ ଷଷ୍ଠ ବର୍ଷ ପାଇଁ ମରୁଡ଼ିର ସମ୍ମୁଖୀନ ହେଉଛି ଓ ଡେ ଜିରୋ ଅର୍ଥାତ୍ ଶୂନ୍ୟ ଦିନର ବହୁତ ନିକଟତର ହେଉଛି। ଅତ୍ୟଧିକ ଜଳ ସଙ୍କଟ ବା ମୌଳିକ ଆବଶ୍ୟକତାର ପୂରଣ ପାଇଁ ପାଣିର ଅଭାବକୁ ଡେ ଜିରୋ ବୋଲି କୁହାଯାଇଥାଏ। ଇରାନରେ ନିକଟ ଭବିଷ୍ୟତରେ ଏପରି ଦିନ ଆସିବ ଯେଉଁ ଦିନ ନାଗରିକଙ୍କ ପାଇଁ ପାଣି ରହିବ ନାହିଁ। ଦକ୍ଷିଣ ଆଫ୍ରିକା ରାଜଧାନୀ କେପ ଟାଉନ ଓ ଚେନ୍ନାଇ ମଧ ପୂର୍ବରୁ ଏହି ସ୍ଥିତିରେ ପହଞ୍ଚି ସାରିଛନ୍ତି। ଜାତିସଂଘ ବିଶ୍ୱବିଦ୍ୟାଳୟ ଜଳ, ପରିବେଶ ଏବଂ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ତଥ୍ୟ ଅନୁଯାୟୀ ଆମକୁ ଏକ ନୂତନ ଓ ସୀମିତ ବାସ୍ତବତା ସହ ବଞ୍ଚିବା ଶିଖିବାକୁ ପଡ଼ିବ। ୧୯୯୦ ପରଠାରୁ ବିଶ୍ୱର ଅଧା ପ୍ରମୁଖ ହ୍ରଦ ଜଳ ହରାଇବାରେ ଲାଗିଛି। ଭୂତଳ ଜଳ ଭଣ୍ଡାର ନିରନ୍ତର ୭୦ ପ୍ରତିଶତ ହ୍ରାସ ପାଇଛି। ଗତ ୫୦ ବର୍ଷ ମଧ୍ୟରେ ୟୁରୋପ ଅନେକ ଆର୍ଦ୍ରଭୂମି ଅଦୃଶ୍ୟ ହୋଇଗଲାଣି। ୧୯୭୦ ପର ଠାରୁ ହିମପ୍ରବାହ ପ୍ରାୟ ୩୦ ପ୍ରତିଶତ ସଙ୍କୁଚିତ ହୋଇଛି। ତେଣୁ ଆଗକୁ ବିଶ୍ୱ ପାଇଁ ଏକ ମହାଜଳ ସଙ୍କଟ ସ୍ଥିତି ଆସୁଛି ବୋଲି ଧରି ନେବାକୁ ହେବ। ସାରା ବିଶ୍ୱର ଅଧିବାସୀ ଏ ନେଇ ସଚେତନ ହେବାର ଆବଶ୍ୟକତା ରହିଛି। ସବୁଠାରୁ ବଡ଼କଥା ହେଉଛି ଆମ୍ଭେମାନେ ପ୍ରାକୃତିକ ଅନେକ ଜଳ ଉତ୍ସକୁ ଏହା ଉପରେ କଂକ୍ରିଟ ଜଙ୍ଗଲ ଗଢ଼ି ଏହାର ସ୍ରୋତକୁ ବନ୍ଦ କରିଦେଉଛୁ ଯାହାର କୁପରିଣତି ସ୍ଥାନୀୟ ଅଧିବାସୀଙ୍କୁ ଭୋଗିବାକୁ ପଡୁଛି ମଧ। ସେହିପରି ଅବିରତ ଭାବେ ଆମ୍ଭେମାନେ ଅନେକ କ୍ଷେତ୍ରରେ ଜଳ ନଷ୍ଟ କରୁଛୁ। ଆପଣ ଅନେକ ସ୍ଥାନରେ ରାସ୍ତାରେ ଗଲାବେଳେ ଲକ୍ଷ୍ୟ ରଖିଥିବେ ରାସ୍ତାକଡ଼ର ଟ୍ୟାପରୁ ଦିନ ରାତି ପାଣି ବୋହି ଚାଲିଥିବ। ଏପଟେ ଆମେ ଏହି ରାଜ୍ୟରେ ମଧ ବାସ କରୁଛେ ଯେଉଁଠି କି ରାଜ୍ୟର କିଛି ଉପାନ୍ତ ଓ ପାର୍ବତ୍ୟ ଘେରା ଅଞ୍ଚଳରେ ସ୍ଥାନୀୟ ଲୋକମାନେ ଅନେକ ବାଟ ଚାଲି ଚାଲି ଯାଉଛନ୍ତି। ସେହିପରି ବିଭିନ୍ନ ସଫା ସଫି ଓ ଅଯଥା ସୌଖିନ କାର୍ଯ୍ୟ ପାଇଁ ଆମେମାନେ ମଧ ଅପର୍ଯ୍ୟାପ୍ତ ଜଳ ନଷ୍ଟ କରୁଛୁ। ଜଳ ଯେ କେତେ ମୂଲ୍ୟବାନ ଆମେ ବ୍ୟକ୍ତିଗତ ଜୀବନରେ ଅନୁଭବ କରିଛେ। ପାଣି ମୁନ୍ଦାଏ ପାଇଁ ଅନେକ ଲୋକଙ୍କ ଜୀବନ ଅକାଳରେ ଚାଲିଯିବାର ଖବର ଆମ ଆଖପାଖରେ ଅନେକଙ୍କ ଠାରେ ଦୁଃଖଦ ଅନୁଭୂତି ଭାବରେ ଥିବ। ତେଣୁ ସମୟ ପହଞ୍ଚିଛି ପ୍ରକୃତିର ଏହି ଶକ୍ତି ଅସନ୍ତୁଳନ କଥା ଚିନ୍ତା କରିବା ବୈଜ୍ଞାନିକମାନେ ମଧ ସହଯେ ସତର୍କ କରିସାରିଲେଣି ଯେ ପୃଥିବୀରେ ଗଚ୍ଛିତ ଥିବା ବରଫ ହ୍ରାସ ପାଇଚାଲିଛି ପ୍ରାୟ ଏକ ଦଶନ୍ଧି ହେବ ସମୁଦ୍ର ଉତ୍ତାପ ମଧ ରେକର୍ଡ଼ ସ୍ତରରେ ପହଞ୍ଚିଛି। ଏଥିଯୋଗୁଁ ଭୀଷଣ ବାତ୍ୟା, ସାମୁଦ୍ରିକ ଝଞ୍ଜି ଏହାର ପ୍ରଭାବରେ ବନ୍ୟା ଓ ମରୁଡ଼ି ପରି ଅନେକ ପ୍ରକୃତିଗତ କୁ ପ୍ରଭାବ ପରିଲକ୍ଷିତ ହେବ। ଦୁଃଖ ଏଇଠି ମଧ ସରିନାହିଁ। ଆମ୍ଭେମାନେ ପରିବେଶକୁ ଦିନକୁ ଦିନ ଯେଉଁପରି ଭାବରେ କାର୍ବନଡାଇଅକ୍ସାଇଡ଼, ମିଥେନ, ନାଇଟ୍ରସ ଅକ୍ସାଇଡ଼ ଭଳି ଗ୍ରୀନ ହାଉସ ଗ୍ୟାସ ବା ଉତ୍ତାପ ଆବଦ୍ଧକାରୀ ବାଷ୍ପ ବଢ଼ାଇବାରେ ପ୍ରମୁଖ ଓ ପରୋକ୍ଷ ଭୂମିକା ନିର୍ବାହ କରୁଛେ ଏହା ତମାମ ବିଶ୍ୱର ଶକ୍ତି ସନ୍ତୁଳନର ବିଭ୍ରାଟ ଘଟାଇବା ପାଇଁ ଯଥେଷ୍ଟ। ବୈଜ୍ଞାନିକଙ୍କ ତଥ୍ୟ ଏହା ମଧ ସ୍ପଷ୍ଟ କରିଛି ଯେ ଜଳବାୟୁ ପରିବର୍ତ୍ତନ କେବଳ ଭୟାନକ ଜଳ ସଙ୍କଟ ନୁହଁ ଖାଦ୍ୟ ସଙ୍କଟ, ସ୍ୱାସ୍ଥ୍ୟ ସମସ୍ୟା ଓ ବିଭିନ୍ନ ସଂକ୍ରାମକ, ଆକସ୍ମିକ ଓ ଦୀର୍ଘକାଳୀନ ରୋଗ ବ୍ୟାପିବା ପାଇଁ ମଧ ଜଡ଼ିତ। ଯାହାର ବିପର୍ଯ୍ୟୟର କୁପରିଣତି ନିମିତ୍ତ ବିପୁଳ ଲୋକ ବାସହରା ହେବେ। ତେଣୁ ଏସବୁ ଦିଗକୁ ଦେଖି ଜଳ ସଙ୍କଟ ଠାରୁ ବିଶ୍ୱରେ ସନ୍ତୁଳନର କିପରି ଯଥାର୍ଥ ଉତ୍ତରଦାୟୀ ଭୂମିକା ନିର୍ବାହ କରିବା ଆସନ୍ତୁ ଏହି ଦାୟିତ୍ୱରେ ଆମେ ସମସ୍ତେ ନିଜକୁ ସାମିଲ କରିବା।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

## ବୁଦ୍ଧଂ ସରଣଂ ଗଚ୍ଛାମି ନା, ଯୁଦ୍ଧଂ ସରଣଂ ଗଚ୍ଛାମି ?

*ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ*



ଯେଉଁମାନେ ଯୁଦ୍ଧରେ ପ୍ରାଣତ୍ୟାଗ କଲେ,
ଯେଉଁ ମାନେ ବାପ- ଛେଉଣ୍ଡ ହେଲେ,
ଯେଉଁ ମାନେ ବୈଧବ୍ୟ ଦେଖିଲେ,
ସେମାନେ କଣ ଯୁଦ୍ଧ ଚାହୁଁଥିଲେ ?
ଛପନ ଲକ୍ଷ କୋଟି ଟଙ୍କା ସ୍ୱାହା କରିଦେଲ
ତୁମ ଦୁର୍ବାର ଆକାଂକ୍ଷା ଓ ସିଂଘନାଦ ଡାକରାରେ ।

ରୁଟି ଖଣ୍ଡେ ପାଇଁ ଯେବେ ମରୁଛି ମଣିଷ,
ସୋମାଲିଆ ଓ ସୁଦାନରେ
ତୁମେ କିନ୍ତୁ ମଣିଷକୁ ମାରୁଛ ଦାମୀ ଦାମୀ ବୁଲେଟରେ
ତୁମ ନିଜ ମଣିଷଙ୍କ ଜୀବନର ବାଜିରେ,
ପ୍ରତି ସେକେଣ୍ଡକୁ ଏଗାର ଲକ୍ଷ ଟଙ୍କାର ଗୁଳିରେ...



ହେ ବିଶ୍ୱ ବିଜୟୀ ଅଲେକଜାଣ୍ଡାର !
ତୁମ ନାଁ କଣ ସତରେ ଲେଖା ହୋଇପାରିଲା
ବିଶ୍ୱ ବିଜୟୀ ତାଲିକା ରେ ! !

ସ୍ୱର୍ଣ୍ଣମୟୀ ଲଙ୍କାପୁରୀ କଣ
ଧ୍ୱଂସ ହୋଇନଥିଲା, ରାବଣ ନାମ୍ନୀ ଜଣେ
ସମ୍ରାଟର ଅହଂକାରରେ...

ସଭ୍ୟ ମନୁଷ୍ୟ-ଗୁଡା ଯେବେ
ନିରବୀ ଯାଆନ୍ତି
ସମ୍ରାଟ ଉଲଗ୍ନ କି ନା,
ସ୍ପଷ୍ଟ କହିବାରେ,
ବିଶ୍ୱ ସେବେ ସ୍ତବ୍ଧ ହୋଇଯାଏ
ଉନ୍ନତ ବୋଲାଉ ଥିବା ସଭ୍ୟତାର
ନୂଆ ସଂସ୍କରଣରେ...

ଖଣ୍ଡା ବୁଲାଇ ବୁଲାଇ
ସମ୍ରାଟ ଅଶୋକ ବି ହାରିଗଲେ
ମଣିଷର ହୃଦୟ ଜିତିବାରେ...
ଯାହା ସାମାନ୍ୟ ବୁଦ୍ଧଦେବ ଜଣେ
କରି ପାରିଥିଲେ:-

"ବୁଦ୍ଧଂ ସରଣଂ ଗଚ୍ଛାମି,
ଶାନ୍ତିଂ ସରଣଂ ଗଚ୍ଛାମି"
ଉଚ୍ଚାରଣରେ...

ପୁଣ୍ୟ ଲବ୍ଧ ମନୁଷ୍ୟ ଜୀବନକୁ
ନଷ୍ଟ କରି ଦିଅନି ହେ ସମ୍ରାଟ !
ତୁମ ଯୁଦ୍ଧଖୋର ରକ୍ତାକ୍ତ ନିଶାରେ...
ଆମଠୁ ଶିଖ ...
ଆମ ଅନ୍ଧ କବି ଗାଇଥିଲା କେବେ,

'ମୋ ଜୀବନ ପଛେ ନର୍କେ ପଡିଥାଉ
ଜଗତ ଉଦ୍ଧାର ପାଉ',

ହୃଦୟ ସ୍ପର୍ଶୀ, କବିତାରେ...

ହେ ସର୍ବ ଶକ୍ତିମାନ !
ତୁମ ବୈଭବ ଓ ପ୍ରାଚୁର୍ଯ୍ୟକୁ
ବାଣ୍ଟି ଦିଅ ମାନବିକତା ରେ...
ଏହା ଯଦି କରିପାର,
ଯୁଗ ପରେ ଯୁଗ
ତୁମ ନାଁ
ଲେଖା ହେବ ସ୍ୱର୍ଣ୍ଣାକ୍ଷରରେ...

*ନୀଳାଦ୍ରି ବିହାର, ଭୁବନେଶ୍ୱର*
*ମୋ-୯୪୩୯୪୯୦୦୦୯*



## କାହିଁକି କେଜାଣି

*ଡ଼ ସୀତାକାନ୍ତ ତ୍ରିପାଠୀ*

କାହିଁକି କେଜାଣି ଏଠି ଖରାଦିନେ ଶୁଖିଶୁଖି ଯାଏ ପାଣିର ଭଣ୍ଡାର,
ହେଲେ ବର୍ଷାଦିନେ ଝରେ ଝରଣାର ଝର ।
ନା ମେଣ୍ଟେ ଶୋଷ ନା ରୋକିହୁଏ ବନ୍ୟାର ତାଣ୍ଡବ ।

କାହିଁକି କେଜାଣି ଛିଣ୍ଡା ଆଉ ମଇଳା ପିନ୍ଧିଥିବା
ମଣିଷଟିକୁ ମିଳେନି ଖଣ୍ଡେ ପିନ୍ଧା ଲୁଗା,
ହେଲେ ଧୋବ ଧାଉଳିଆ ବାବୁମାନଙ୍କ ଘରେ ପହଞ୍ଚିଯାଏ ଗଦାଗଦା
ପୋଷାକ କିଏ ଥାଏ ରଙ୍ଗିନ ତ ଆଉ କିଏ ସାଦା ।
ନା ଲୁଚେଇ ହୁଏ ଲାଜ ନା ଦେଖେଇ ହୁଏ ଦାନର ମାହାତ୍ମ୍ୟ ।

କାହିଁକି କେଜାଣି ରାସ୍ତା କଡ଼ରେ ଶୋଉଥିବା
ମଣିଷ ମାନଙ୍କୁ ମିଳିଯାଏ ପକ୍କା ଘର ମିଳିବାର ପ୍ରତିଶୃତି,
ହେଲେ ତାହା ପଥରର ଗାର ନା ପାଣିର ଗାର ବୁଝିବା ବେଳକୁ
ସରିଯାଇ ଥାଏ ଉଭୟ ଶରୀର ଓ ମନର ଶକ୍ତି ।
ନା ସହି ହୁଏ ତାତି ନା ବର୍ଷା ଆଉ ଶୀତର ପ୍ରକୋପ ।

କାହିଁକି କେଜାଣି ଦିନ ଦିନ ରାତି ରାତି ଆଖି ମିଟି ମିଟି କରି ପଢ଼ି ଆସୁଥିବା
ପିଲାମାନଙ୍କ ଭାଗ୍ୟରେ ଜୁଟେନି ଖଣ୍ଡେ ଚାକିରି କିମ୍ବା ପରିଶ୍ରମର ଫଳ
ହେଲେ ଏଠି ସେଠି ସମୟକୁ ବରବାଦ କରିଥିବା
ପିଲାମାନେ ପାଇଯାଆନ୍ତି ତାଙ୍କ ବେଖିଆଲି ମନର ମୂଲ ।
ନା ଭାବି ହୁଏ ନା କହି ହୁଏ ଠିକ୍ ଭୁଲର ବିଚାର
କେବଳ ହୁଏ ନିଜ ଆତ୍ମ ପ୍ରଚାର ।

କାହିଁକି କେଜାଣି ଭୋକ ମେଣ୍ଟାଇବାକୁ ଧାଉଁଥିବା
ମଣିଷ ମାନଙ୍କୁ ଆଇନ ହାତକଡା ପିନ୍ଧେଇ ଦିଏ,
ହେଲେ ଆଇନ ଓ ବେଆଇନ ଭିତରେ ଥିବା ବ୍ୟବଧାନକୁ କଣ ବୁଝି ହୁଏ !
ନା ସହି ହୁଏ ନା କହି ହୁଏ ଅନ୍ତର ବେଦନା
ଆଉ ଖୋଲି ହୁଏ ଆଖିରେ ବାନ୍ଧିଥିବା କଳା କନାଟିକୁ...

*ତଳଗୋପ ବିନ୍ଧା, ଅର୍ଣ୍ଣପାଳ, ଭଦ୍ରକ*
*ମୋ-୯୭୭୮୭୬୪୩୯୪*

## ଗଙ୍ଗଶିଉଳି

*ଡ. ଦୀପକ କୁମାର ମିଶ୍ର*

ଗହନ ରାତିର ଗମ୍ଭୀର ଗୀତରେ ଦୁଃଖଭିଜା ପ୍ରୀତି ବୋଳେ
ଅନ୍ଧାର ଅନ୍ଧାର ଅନ୍ତୁଡ଼ିଶାଳରେ ଜନ୍ମହୋଇ ଶୋକେ ଖେଳେ
ହସ, ହତାଦର ମିଶ୍ରିତ କ୍ରିୟାର ପ୍ରତିକ୍ରିୟା କିଛି ନାହିଁ
କେଉଁ ବୈଭବକୁ ବାଣ୍ଟି ଦେଇଯାଏ ସୁରଭିତ ମୃତ୍ୟୁ ପାଇଁ ।

ଅନିଦ୍ରା ଆନନ୍ଦେ ତନ୍ଦ୍ରାମୟ ତୃଷ୍ଣା ରାତ୍ରଅର୍ଦ୍ଧେ କିଏ ଖୋଜେ
ନଥାଏ ମଧୁପ, ନାହିଁ ମଧୁଶାଳା କା' ପାଇଁ ଯେ ପ୍ରିୟା ସାଜେ
ଅଲୌକିକ ଅଶ୍ରୁ ଆନନ୍ଦ ମୁଖରେ ସୁଭାଶିଷ ବାର୍ତ୍ତା ଦିଏ
ଶ୍ରଦ୍ଧାଞ୍ଜଳି ସାରି ସକାଳ ପୂର୍ବରୁ ଯେବେ ଫେରୁଥାଏ କବିଟିଏ ।

ସଜ କୁଡ଼ାଧାରେ ଶବ ହୋଇ ପୁଣି ଜୀବନ ଫୁଙ୍କୁଚୁ ଚାହିଁ
ମୃତ୍ୟୁର ପଶ୍ଚାତ୍ ଅହୋ ଭାଗ୍ୟବତୀ ଜୀବନ୍ତରେ ମୁଲ କାହିଁ
ଦେଖିନି ସକାଳ, ଆକାଶର ସୂର୍ଯ୍ୟ, ଅର୍ଘ୍ୟଥାଳି ତାକୁ ମନା
ତଥାପି ଆକାଶେ ବିଚ୍ଛୁରିତ ହୁଏ କେତେ କାମନାର ବାସ୍ନା ।

ଶେଜର ହେଲା ନା କେଶ କୁନ୍ତଳର ଝରି ଝରାଏ ଯେ ବ୍ୟଥା
ତଥାପି ବ୍ୟାକୁଳ ତାଜୁବ୍ ଦୁନିଆ ଗାଇବାକୁ ତା'ର ଗାଥା ।

*ଭୁବନେଶ୍ୱର*
*ମୋ-୮୨୮୦୨୧୧୦୦୦*



## ମିଳନର ଗୀତ

*ଅକ୍ଷୟ କୁମାର ରାଉତ*

ମୁଁ ଯେ ଏକ ଇଛାର ନଈ
ମୋର କଳ୍ପନା ଦୁଇକୂଳ
ଭରା ଅଧିର ବିରହ ଜଳ
ସ୍ରୋତ ହୋଇଯାଏ ନିତିବହି
ଅସୁମାରି ଆଶା ନେଇ ।

ମୋ ଶୋଷର ଅନ୍ତିମ ନାହିଁ,
ଲକ୍ଷେ ଶ୍ରାବଣର ମେଘ ଯେତେ
ପାରେନା ଭିଜାଇ କେବେ ମୋତେ
ନିତି ନିଦାଘର ଗୀତ ହୋଇ
ଯାଏ ମୁଁ ମରମ ଛୁଇଁ ।

ମୋର ପ୍ରେମର ଦିଗନ୍ତ ନାହିଁ,
ମୁଁ ଯେ ସାଥିହୀନ ବଧୂଟିର
ମଧ୍ୟ ନିଶିଥରେ ଅଶ୍ରୁଧାର
ପୁଣି ଅକଳନ କୋହହୋଇ
ନିରବରେ ଯାଏ ବହି ।

ମୋ ସ୍ୱପ୍ନର ସିମାନ୍ତ ନାହିଁ,
ଶେଷ ପ୍ରତୀକ୍ଷାର ସୋପାନରେ
ମୁଁ ଯେ ଦୁଇ ଓଠ ସମୀପରେ
ଏମିତି ଏକ ମୁଁ ପରଷର
ରହିଯାଏ ସ୍ମୃତି ହୋଇ ।

*ମୋ-୯୯୩୭୬୯୧୪୭୫*



## ପଞ୍ଚଭୂତେ ଗଢା ଏ ଶରୀର

*ଅସୀମା ପ୍ରଧାନ*

ପଞ୍ଚଭୂତେ ଗଢା ଏ ଶରୀର ବୋଲି
ଭୁଲି ଯିବି ମନର କୋହ
ଦେହର ଦାହ
ହୃଦରର କ୍ଷୋଭ
ନଶ୍ୱର ଶରୀର ମାଟିରେ ମିଶିବ
ଆତ୍ମା ହେବ ବାୟୁରେ ଲୀନ
କେବେ ହେବ
ହୋଇପାରେ ଆଜି କାଲି ତା ପରଦିନ
କି ବା ଲାଗିଯିବ ଆଉ କିଛି ଦିନ
ବୋଲି ଭାବି
ଭୟରେ କମ୍ପିବି
ଶୋକରେ ବୁଡିବି
ମରି ମରି ବଞ୍ଚିବି, ବଞ୍ଚିବି ଯେତେ ଦିନ ॥
ଭୌତିକ ଶରୀର ପାଉଁଶ ହେବା ପରେ
ରହିବନି କିଛି ଅସ୍ତିତ୍ୱ
ଭୁଲି ଯିବେ ମୋର ବ୍ୟକ୍ତିତ୍ୱ
ମନେ ରଖିବେନି କୃତିତ୍ୱ
ତା ଜାଣି
ତ୍ୟାଗ କରିବି ଭୋଗ ଲାଳସା
ଆଶା ପ୍ରତ୍ୟାଶା
ଦାନ ପ୍ରତିଦାନ
ଆଉ ଯାହା ଦାୟିତ୍ୱ କର୍ତ୍ତବ୍ୟ ॥
ଗଢିବେନି କେହି ସମାଧି
ହେବ ନାହିଁ ସ୍ମାରକୀ
ଲେଖିବେନି ଶୋକର ବାର୍ତ୍ତା
ଘୋଟିବନି କଳା ବାଦଲ ସାରା
ଆକାଶକୁ ଢାଙ୍କି ॥





ତାମାନେ କ'ଣ
ଖୋଲିବିନି ହୃଦୟ ଦରଜା
ବଞ୍ଚିବି ଭାବି କାଟୁଛି ସଜା
ଉଡାଇବିନି ବିଜୟର ଧ୍ୱଜା ॥
ପଞ୍ଚଭୂତେ ଗଢା ଏ ଶରୀର
ତାର ଅର୍ଥ ଏଇଆ ନୁହେଁ ଯେ
ମୃତ୍ୟୁ ତୁମେ ଆସ ବୋଲି
ବଢାଇବି ହାତ
ଖୋଲା ରଖିବି ଦରଜା
ଆଲିଙ୍ଗନ କରିବି ଉତ୍ସୁକତାର ସହ
କାରଣ ଭାବିନେବି
କଣ ଅଛି ମୋର
ବା କ'ଣ ରହିବ ଅବଶିଷ୍ଟ,
ଅବଶେଷ ମୃତ୍ୟୁ ଛୁଇଁ ଯିବା ପରେ ପରେ,
ଭାବି ହୁଏନା ଗୁଢତତ୍ତ୍ୱ
ରହିହୁଏନା ନିର୍ବିକାର, ନିର୍ବିବାଦ, ନିରହଙ୍କାର,
ହୋଇପାରେନା ଏସବୁ ମଣିଷ ଜୀବନେ,
ହେଉ ପଞ୍ଚଭୂତେ ଲୀନ ଆତ୍ମା ଶରୀର
ବଞ୍ଚିବି, ସମାଜ ସାମାଜିକ, ସାମାଜିକତାକୁ ନେଇ
ଶାରୀରିକ, ମାନସିକ ଆବଶ୍ୟକତାକୁ ଧରି
ଭୌତିକ, ଜୈବିକ କ୍ଷୁଧାକୁ ଜୀବିତ କରି
ସ୍ନେହ, ପ୍ରେମ, ଭକ୍ତି, ଭଗବାନଙ୍କୁ ହୃଦୟେ ଥାପି ॥

*ବୀରମହାରାଜପୁର, ସୁବର୍ଣ୍ଣପୁର*

## କବିତା ଲେଖି ହୋଇଯାଏ

*କବିତା ମହାନ୍ତି*



କବିତା ଯେ ଖାଲି
କୋଇଲିର କୁହୁତାନରେ ଆସେ
ଫୁଲରେ
ଫଗୁଣରେ
ମେଘରେ
ବର୍ଷାରେ
କଳା ବାଦଲରେ
ଅବା ନିଛାଟିଆ ଅମା ଅନ୍ଧାରରେ
କାକର ଭିଜା ଘାସ ଗାଲିଚାରେ
ହାଡ ଭଙ୍ଗା ଶୀତ ରାତିରେ
କାଳ ବୈଶାଖୀରେ
ପାର୍ବଣର କାଶ ତଣ୍ଡି ଫୁଲରେ

ତା' ନୁହେଁ
କବିତା ବି ଆସିଥାଏ
ମହଣ ମହଣ ଦୁଃଖ ଭିତରେ
ଲୁଚାଇ ଲୁଚାଇ ଲୁହ ଗଡାଇବାରେ
ଲୁହ ସବୁକୁ ପିଇଯିବାରେ
ନିଜ କଷ୍ଟକୁ ନିଜେ ଭୋଗିବାରେ

କବିତା ବି ଆସିଥାଏ
ଲୁହରେ
ଲହୁରେ
ଦୁଃଖରେ
ସୁଖରେ

କବିତା ଆସୁଥାଏ ଅହରହ
ନିଜ ଛାଇ ଭଳି ଲାଖି ରହିଥାଏ

କବିତାକୁ କେହି ଲେଖେ ନାହିଁ
ସେ ଯେ ଆପେ ଆପେ ବୋହିଯାଏ
ସୁନ୍ଦର୍ ଅଙ୍କା ବଙ୍କା ନଈଟିଏ ପରି
ଅନବରତ ଲେଖି ହୋଇଯାଏ ।

*ଶୈଳ ନିବାସ, ନିଗମାନନ୍ଦ ନଗର, ବମିଖାଲ ଭୁବନେଶ୍ୱର*
*ମୋ-୯୯୩୭୩୪୮୨୫୦*



## ମାଟିର ମଣିଷ

*ବେଣୁଧର ସୂତାର*

ସୁଖର ସୂରୁଜ ଆସେନି ଯା ପାଇଁ
ଆଲୋକର ରୂପ ନେଇ
ସବୁଜ ଧରାର ସିଏ ରୂପକାର
ମାଟିର ମଣିଷ ସେହି ।।

ବିଳାସବାଦର ପ୍ରଚଣ୍ଡ ବିରୋଧି
ରୁଦ୍ର ସାଧନା ତାର
ନିଖିଳ ମୁଖରେ ହସ ଫୁଟାଇବା
ତା ଜୀବନ ଅଙ୍ଗୀକାର ।।

ଧମନୀ ଚିପୁଡି ରକ୍ତ ନିଗାଡି
ଲଗାଇ ପରାଣ ବାଜି
ବସୁମତୀ ହସ ମାଧୁର୍ଯ୍ୟର ଲାସ୍ୟ
ତା ପାଇଁ ସମ୍ଭବ ଆଜି ।।

ଚଇତି ଚମକ ଆଣିନି ତା ପାଇଁ
ଜ୍ୟୋସ୍ନା ଶୀତଳ ରାତି
ସିଏ ଅଖିଳର ଅନ୍ନଦାତା ଯାର
ବିଶ୍ୱ ମାନବ ପ୍ରୀତି ।।

ବସୁମତୀ ସୁତ ନୁହେଁ ବିଚଳିତ
ଦାରିଦ୍ର୍ୟର କଷାଘାତେ
ନିର୍ବିକାରେ ସେଯେ ବିତରେ ବିଭବ
ଆନନ୍ଦ ଅଶ୍ରୁ ପାତେ ।।

ଶୁଣିଛ କି ଥରେ ମାଟି ମଣିଷର
ଅନ୍ତର ତଳର କଥା
ଦେଖିଛ କି କେବେ ବେଦନା ଦଗ୍ଧ ତା
ସଂସାରର ମହା ବ୍ୟଥା ।।

ଯାହା ପାଇଁ ଆଜି ଦେଖୁଛ ଧରାରେ
ଆଗାମୀର ସମ୍ଭାବନା
ବିଦ୍ରୋହେ ତାହାର ବୁଲିବ ମହୀରେ
ମୃତ୍ୟୁର ପରୱାନା ।।

ମୁଗ୍ଧ କରିନି ତା ସନ୍ତାପିତ ପ୍ରାଣ
ସରକାରୀ ସୁରନାମା
ମିଛ ଇସ୍ତାହାରେ ହୋଇକି ପାରିବ
ଧରା ରାଣୀ ମନୋରମା ।।

ଆଗାମୀ ବିଶ୍ୱ କର୍ଣ୍ଣଧାର ସେ
କରନି ତା ପ୍ରତି ହେଳା
ତା ବିନା ଅନନ୍ତ ଉଦରେ ଜଳିବ
ଜ୍ୱାଳାର ଅଗ୍ନି ମାଳା ।।

ପ୍ରାଣଦାତା ସେ ତ ଏମାଟିର ପୁତ୍ର
କର୍ମର ରଣାଙ୍ଗନେ
ତା ଭାଗ୍ୟ ନିଶାଣ ବିଜୟ ବିଷାଣ
କର୍ମର ଜୟଗାନେ ।।

ଅବହେଳିତ ସେ ନିଃସ୍ୱ ମଣିଷଟି
ବିଶ୍ୱ ମୁଖେ ଦିଏ ଦାନା
ମାନବ ପ୍ରୀତିର ପବିତ୍ର ବନ୍ଧନେ
କର ତାରେ ନିରାଜନା ।।

*କେଶଦୁରାପାଳ, କେନ୍ଦୁଝର*
*ଦୂରଭାଷ-୯୧୭୮୫୬୮୨୪୬*

## ଗୀତଟିଏ ତୁମ ପାଇଁ

*ନୀଳମଣି ଚାନ୍ଦ*

ତୁମ ଭୂଗୋଳର ମାନଚିତ୍ର ଦେଖେ
ଆଟଲାସ୍ ହାତେ ଧରି
ଗ୍ଲୋବ୍‌ଟି ଘୂରି ତୁମ କଥା କହେ
ଆପଣା ମଣିଷ ପରି ।

ପଢିନାହିଁ କେବେ ତୁମ ଇତିହାସ
ପୃଷ୍ଠା ପରେ ପୃଷ୍ଠା ଖୋଲି
କହିନାହିଁ ତୁମ ସାମ୍ରାଜ୍ୟ ପତନ
କାରଣ ତୁମେ ତ ବୋଲି
ଅନ୍ତରୀକ୍ଷେ ଅଛ ଯିବି ମୁଁ ଥରୁଟେ
ପକ୍ଷୀରାଜ ଚଢ଼ି କରି ।

ତୁମ ସାହିତ୍ୟର ମୁଖବନ୍ଧ ପଢ଼ା
ସରିନାହିଁ ଆଜିଯାଏ
ମୁଁ ପାଠକଟିଏ ମୋ ସରହଦ୍‌ର
ସୀମା ଭିତରେ ଯେ ଥାଏ
ମୋ ମନକୁ ତୁମ ଭୂଗୋଳ ସମାନ
ଦିଅ ବୈଚିତ୍ର୍ୟରେ ଭରି ।

*ମନ୍ତ୍ର ମାନୋର,ଗୋଠପାଟଣା*
*ମୋ-୯୫୮୩୨୦୨୩୫୭*

## ଆସ ଶପଥନେବା

*ମିନର୍ଭା ସ୍ୱାଇଁ*



ଓଡ଼ିଶା ମାଟିର ପବନ ବହେ
ଆମ ଶ୍ୱାସ ପ୍ରଶ୍ୱାସରେ
ଓଡ଼ିଶାର ପାଣି ରକତ ହୋଇ ମୋ
ବହେ ଶିରା ପ୍ରଶିରାରେ ।
ସେ ମାଟି ମାଆର ମିଠା ଫଳ ଖାଇ
ବଢିଛି ଆମ ଶରୀର
କୁନା କୁନି ଯେତେ ବାଳକ ବାଳିକା
ଆମେ ସବୁ କର୍ମବୀର ।
ବାର ବରଷର ଧର୍ମପଦ ଦେଲା
ଜାତି ପାଇଁ ବଳିଦାନ
ବାରଶ ବଢେଇ ମୁଣ୍ଡ ରକ୍ଷା ଲାଗି
ପାରାବାରେ ହେଲା ଲୀନ ।
ଘାଟ ଜଗୁଆଳ ବାଜିଆ ରାଉତ
ବାର ବରଷର ପିଲା
ଦେଶ ଜାତି ପାଇଁ ବ୍ରିଟିଶ ବନ୍ଧୁକେ
ମରଣକୁ ବରିନେଲା ।
ଅତୀତର ସେହି ଗଉରବ ଗାଥା
ବୀର ଉତ୍କଳ ସନ୍ତାନ
ନିଜର ଶୋଣିତେ ଲେଖିଯାଇଛନ୍ତି
ଓଡ଼ିଶାର ଜୟଗାନ ।
ଆସ ଆଜି ଆମେ ଶପଥ ନେବାରେ
ମାଟି ମାଆ ମଥା ଛୁଇଁ
ଦେଶ ଜାତି ପାଇଁ ସେବାରେ ଆମର
ଜୀବନ ଦବା ଲଗାଇ ।
ମାନବ ଜୀବନ ନୁହେଁ ଚିରସ୍ଥାୟୀ
ଚାଲିଯିବ ଛାଡି ଦିନେ
ଦେଶ ମାତୃକାର ସେବା କରିଥିଲେ
ରହିବ ସବୁରି ମନେ ।

*ସହକାରୀ ଶିକ୍ଷୟିତ୍ରୀ*

## ପ୍ରେମର ଅର୍ଘ୍ୟ ଅର୍ପଣ

*ଶ୍ୟାମା ପ୍ରସାଦ ମିଶ୍ର*

ପଙ୍କଜାକ୍ଷୀ ତବ ପଣତେ ମୋ ସ୍ୱପ୍ନ
ପ୍ରେମର ଆଞ୍ଜୁଳି ଭରି,
ପରମ ସୌଭାଗ୍ୟ ମଣଇ ତୁମରି
ବାହୁରେ ହଜି ମୁଁ ଥିରି ।୧
ପୁଲକିତ ହେଲା ମୋ ହିଆ ଯେ ଦିନ
ପ୍ରୀତିର ଚୁମ୍ବନ ଦେଲ,
ପାଉଁଜି ତୁମର ପାଦରେ ନାଚିଲା
ମନେ ଶିହରିତ ହେଲ ।୨
ପଞ୍ଚବାଣ ଧିରେ କରେ କଲବଲ
ତୁମ ସଂଦର୍ଶନେ ଯେବେ,
ପ୍ରିୟା ଆସ ଥରେ ହଜିଯିବା ଚାଲ
ଗହନ ଅନ୍ଧାରେ ତେବେ ।୩
ପରୀ ତୁମେ ଆସି ସରଗରାଇଜୁଁ
ଚୋରି କଲ ମୋଠୁଁ ମୋତେ,
ପାରିଜାତ ପରି ବିଧାତା ମୋ ହସ୍ତେ
ତୁମକୁ ଦେଇଛି ସତେ ।୪
ପାଣି କି ବୁଝିବ ତୃଷାତୁର ତୃଷ୍ଣା
ଚାତକେ ଜଳଦ ବର,
ପରା ଲାଗେ ଶୂନ୍ୟ ଜନସମାଗମ
ନିମିଷେ ନୟନୁଁ ଦୂର ।୫
ପ୍ରତି କ୍ଷଣେ ତୁମେ ଶୟନେ ସପନେ
ଜାଗରଣେ ଅଛି ଭରି,
ପଉଷ ପଦୁଅଁ ପରକାରେ ପ୍ରାୟ
ହୁଅଇ ତୁମକୁ ଘାରି ।୬
ପରଶ ସରସ ବରଷ ମରୁରେ
ବରଷାର ଧାରା ସରି,
ପ୍ରିୟା ନଦୀ ତୁମେ ଉଚ୍ଛୁଳା ଯୌବନେ
ରତ୍ନାକର ମୁଁ ଯେପରି ।୭
ପଥର ନୁହେଁ ଏ ପତର ଏ ମୋର
ପଢ ତାକୁ ଥିରି ଥିରି,
ପଣ ମୁଁ କରିଛି ପରା ଏ ଜୀବନ-
ପଥେ ତୁ ମୋ ସହଚରୀ ।୮

*ଉଚ୍ଚବିଦ୍ୟାଳୟ, ଭଞ୍ଜନଗର, ଗଞ୍ଜାମ*
*ଭ୍ରାମ୍ୟଭାଷ-୯୦୯୦୫୦୭୯*

## ଭଙ୍ଗାଘର



**ସୁବ୍ରତ କୁମାର ଦାସ**



ଗାଁର ସେହି ଶାନ୍ତ ପରିବେଶରେ ଥିଲା ଗୋଟିଏ ସୁନ୍ଦର ଘର । ସେହି ଘର କେବଳ ଇଟା, ସିମେଣ୍ଟର ଘର ନଥିଲା । ଥିଲା କେବଳ ସ୍ନେହ, ମମତା ଓ ଏକତାର ବନ୍ଧନର ଘର । ସେହି ଘରେ ରହୁଥିଲେ ଦୁଇ ଭାଇ ରାମ ଓ ବଳରାମ । ଶୈଶବରୁ ଦୁହେଁ ଏମିତି ବାନ୍ଧି ହୋଇ ରହିଥିଲେ, ଯେପରି ଗୋଟିଏ ଗଛର ଦୁଇଟି ଶାଖା । ଜଣେ ଯଦି ବା, ବତାସରେ ଝୁଲେ, ଅନ୍ୟଟି ମଧ୍ୟ ସେହି ଡାଳରେ ଦୋହଲିଯାଏ ।

ତାଙ୍କ ଘରେ ଥିଲା ହସ, ଖୁସି ଓ ମମତାର ମାଧୁର୍ଯ୍ୟ । ଗାଁର ଲୋକମାନେ କହୁଥିଲେ, ଏହି ଘରଟା ହେଉଛି ପ୍ରକୃତ ଦୁଇ ଭାଇର ଘର । ସୁନ୍ଦର ପରିବାରର ଉଦାହରଣ । ସମୟ ବିତିଗଲା । ଦୁଇ ଭାଇ ବଡ଼ ହେଲେ । ବିବାହ ହେଲା । ଘରକୁ ଆସିଲେ ଦୁଇ ନୂଆ ସଦସ୍ୟ । ରାମଙ୍କ ପତ୍ନୀ ସୁନୀତା ଓ ବଳରାମଙ୍କ ପତ୍ନୀ କବିତା । ପ୍ରଥମେ ସବୁକିଛି ଠିକ୍ ଠାକ୍ ଥିଲା । କିନ୍ତୁ ଧୀରେ ଧୀରେ ଅଦୃଶ୍ୟ ରୂପକ ଧୂଳି ଘରର ଶାନ୍ତି ଉପରେ ଅଜାଡି ହୋଇପଡ଼ିଲା । ସୁନୀତା ଓ କବିତା ଦୁହିଁଙ୍କର ମନୋଭାବ ଭିନ୍ନ ଥିଲା । ଛୋଟ ଛୋଟ କଥାରେ ମତଭେଦ ସୃଷ୍ଟି ହେଉଥିଲା । ଘରେ ରୋଷେଇ, ଜମି ବାଡି, କାମ ଧନ୍ଦା, ରନ୍ଧା ବଢ଼ା, ଘର ଖର୍ଚ୍ଚ, ପରିବାରର ଦାୟିତ୍ୱ ବହନ ଇତ୍ୟାଦିରେ କଳି ଝଗଡ଼ା ଲାଗି ରହେ । ସାମାନ୍ୟ ଛୋଟ କଥାରେ ପରିବାର ଭିତରେ ମନମାଳିନ୍ୟ, ଅଶାନ୍ତି ଧୀରେ ଧୀରେ ବଡ଼ ହେବାକୁ ଲାଗିଲା । ବଡ ଭାଇର ସ୍ତ୍ରୀ ସୁନୀତା ରାମକୁ କୁହେ, ତୁମେ ସବୁବେଳେ ତୁମ ଭାଇଙ୍କ ପକ୍ଷ ନେଉଛ । ମୁଁ ଏକା ଖଟି ଖଟି ଏହି ଘରେ ମାଟି ହୋଇଗଲିଣି, କେବେହେଲେ ମୋ କଥା ବୁଝିଛ ! ସେହିପରି କବିତା ବଳରାମଙ୍କୁ ପ୍ରଶ୍ନ କରୁଥିଲେ, ଏହି ଘରେ ମୋ ଅଧିକାର କମ୍ କାହିଁକି ? ଏହି ଭଳି କଟାକ୍ଷ, ବିଦ୍ରୂପ ଯୁକ୍ତି ପରସ୍ପରର ଯେପରି ବିଷର ଧାରା, ଧୀରେ ଧୀରେ ଭାଇପଣର ମୂଳକୁ ଖାଇବାକୁ ଲାଗିଲା । ରାମ ଓ ବଳରାମ ପ୍ରଥମେ ଏହାକୁ ଗୁରୁତ୍ୱ ଦେଲେନାହିଁ । ସେମାନେ ଭାବିଲେ- ସମୟ ସହ ସବୁ ଠିକ୍ ହୋଇଯିବ । କିନ୍ତୁ ଏହି ଛୋଟ ବିଷ ସ୍ୱରୂପ କଥା ଦିନକୁ ଦିନ ବଡ଼ ହୋଇ ଘରର ଶକ୍ତ ପ୍ରାଚେରୀକୁ ଭାଙ୍ଗି ଦେଲା । ଦୁଇ ମହିଳାଙ୍କ ଆରୋପ, ପ୍ରତ୍ୟାରୋପ ଓ ମତଭେଦ ଘରର ଶାନ୍ତି, ଏକତାକୁ ଭାଙ୍ଗିବାକୁ ଲାଗିଲା । ଦିନେ ଦୁଇ ଜଣଙ୍କ ଭିତରେ ଏକ ବଡ଼ ଝଗଡ଼ା ହେଲା । କଥାରେ କଥାରେ ଅଭିମାନ, ଅଭିଯୋଗ ଓ ଅସନ୍ତୋଷ ଏତେ ବଢ଼ିଗଲା ଯେ, ଶେଷରେ ଦୁହେଁ ଭାଇ ଭାଇ ଅଲଗା ହୋଇଯିବାର ନିଷ୍ପତ୍ତି ନେଲେ । ସେହି ଦିନ ଘରଟି ଯେପରି ନିଜ ଆତ୍ମାକୁ ହରାଇଦେଲା । ଘରର ଅଗଣାରେ ଆଉ ସେ ହସ ନଥିଲା । ରନ୍ଧା ଘରରେ ଆଉ ସେ ମିଳିତ ବାସ୍ନା ନଥିଲା । ରାମ ଓ ବଳରାମ ଦୁହେଁ ଭିନ୍ନ ହୋଇ ଘରେ ରହିଲେ । ଦୁହିଁଙ୍କର ଦିନ ସେହି ଗୋଟିଏ ଖଞ୍ଜାରେ କଟୁଥିଲା । କିନ୍ତୁ ସେଥିରେ ଥିଲା ଏକ ଅଦୃଶ୍ୟ ଶୂନ୍ୟତା, ଯେପରି ନଦୀରୁ ପାଣି ଶୁଖିଯାଇଛି । ବର୍ଷ ପରେ ବର୍ଷ ବିତିଗଲା । ସମୟ ନିଜ ଗତିରେ ଚାଲିଲା, କିନ୍ତୁ ମନର ଦୂରତା ଆହୁରି ବଢ଼ିଗଲା । ଏମିତି ସମୟରେ ହଠାତ୍ ଏକ ଦୁର୍ଘଟଣା ଘଟିଲା । ବଳରାମ ଗୁରୁତର ଅସୁସ୍ଥ ହୋଇପଡ଼ିଲେ । ଡାକ୍ତର କହିଲେ, ଅବସ୍ଥା ଗୁରୁତର । ଏହି ଖବର ଶୁଣି ରାମଙ୍କ ମନ ଅଥୟ ହେଲା । ଅଭିମାନ, ଦୂରତା ସବୁକିଛି ଗୋଟିଏ ମୁହୂର୍ତ୍ତରେ ତରଳି ଗଲା । ସେ ଦୌଡ଼ି ଗଲା ଭାଇ ପାଖକୁ । ହସ୍ପିଟାଲ୍‌ର ସେହି ନିରବ କକ୍ଷରେ ବଳରାମ ଶୋଇଥିଲେ ନିର୍ଜୀବ ପରି । ରାମ ତାଙ୍କ ହାତ ଧରି କହିଲେ; ବଳିଆରେ, ମୋତେ କ୍ଷମା କର । ଆମେ ଏମିତି କାହିଁକି ହେଲେ ? ବଳରାମ ଧୀରେ ଆଖି ଖୋଲିଲେ । ତା ଆଖିରେ ଲୁହ ଭରି ଯାଇଥିଲା । ଭାଇ, ଭୁଲ୍ ଆମ ଦୁହିଁଙ୍କର ଥିଲା । ଆମେ ଛୋଟ କଥାକୁ ବଡ଼ କରିଦେଲେ ଓ ସମ୍ପର୍କକୁ ବିଚ୍ଛିନ୍ନ କରିଦେଲେ । ସେହି ମୁହୂର୍ତ୍ତରେ ଦୁହିଁଙ୍କର ହୃଦୟ ମିଶିଗଲା । ଯେପରି ଖୁବ୍ ଟାଣ ଖରା ପରେ ପ୍ରଥମ ବର୍ଷାର ଜଳ ଶୁଖିଥିବା ମାଟିକୁ ପୁଣି ଭିଜାଇ ଦେବାକୁ ଚେଷ୍ଟା କରୁଛି । ସୁନୀତା ଓ କବିତା ଡାକ୍ତରଖାନାର ଗୋଟିଏ କୋଣରେ ଏହି ଦୃଶ୍ୟ ଦେଖି ନିଜ ନିଜର ଭୁଲ୍ ବୁଝିଲେ । ଆଖିରୁ ଅଜାଣତରେ ଲୁହ ଧାର ଧାର ହୋଇ ବୋହିଗଲା । ସେମାନେ ଅନୁଭବ କଲେ, ଘର କେବଳ ଇଟା, ପଥର କି ସିମେଣ୍ଟ ସାମଗ୍ରୀରେ ନୁହେଁ, ବରଂ ସମ୍ପର୍କରେ ଗଢ଼ାଯାଏ । ବଳରାମ ସୁସ୍ଥ ହେବା ପରେ ଦୁଇ ଭାଇ ପୁଣି ଏକାଠି ରହିବାକୁ ନିଷ୍ପତ୍ତି ନେଲେ । ଘରକୁ ପୁଣି ଫେରିଲା ହସ, ଖୁସି ଓ ଏକତା । ଅଗଣାର ଆମ୍ବଗଛ ପୁଣି ସେହିପରି ସବୁଜିମାରେ ଭରିଗଲା । କିନ୍ତୁ ଏଥର ତାର ପତ୍ର ଗୁଡ଼ିକ ଅଧିକ ସଜୀବ ଓ ଅଧିକ ଅନୁଭବୀ ଲକ୍ଷ୍ୟ ହେଉଥିଲା । ରାମ କହିଲେ, ସମ୍ପର୍କକୁ ଭାଙ୍ଗିବା ସହଜ, କିନ୍ତୁ ଗଢ଼ିବା କଷ୍ଟକର । ଛୋଟ ମତଭେଦକୁ ନେଇ ବଡ଼ ରୂପ କରିଲେ ଘର ଛାରଖାର ହୋଇଯାଏ । କିନ୍ତୁ ଭଲପାଇବା, କ୍ଷମା ଓ ବୁଝାବଣା ରହିଲେ ସେହି ଭଙ୍ଗା ସମ୍ପର୍କ ମଧ୍ୟ ପୁଣି ଗଢ଼ିଉଠେ ।

*ରାଜେନ୍ଦ୍ରପୁର, ବାରିକପୁର*
*ବଜାର, ଭଦ୍ରକ*
*ମୋ-୯୪୩୭୭୩୧୯୦୩*

# ଯାଞ୍ଚ ହେବ ଡୋପ ଟେଷ୍ଟିଂ ଲାବୋରେଟୋରୀ : ୱାଡା




**ନୂଆଦିଲ୍ଲୀ**

ଭାରତର ଜାତୀୟ ଡୋପ ଟେଷ୍ଟିଂ ଲାବୋରେଟୋରୀ (ଏନ୍‌ଡିଟିଏଲ୍)ର ପ୍ରଦର୍ଶନକୁ ଆଗାମୀ କିଛି ମାସରେ ମୂଲ୍ୟାଙ୍କନ କରାଯିବ। ନୂଆଦିଲ୍ଲୀରେ ବସିଥିବା ଗ୍ଲୋବାଲ ଆଣ୍ଟି-ଡୋପିଂ ଇଣ୍ଟେଲିଜେନ୍ସ ଆଣ୍ଡ୍ ଇନଭେଷ୍ଟିଗେସନ ନେଟୱର୍କ (ଜିଏଆଇଆଇଏନ୍)ର ଅନ୍ତିମ ସମ୍ମିଳନୀ ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ୱାର୍ଲଡ ଆଣ୍ଟି-ଡୋପିଂ ଏଜେନ୍ସି (ୱାଡା) ସଭାପତି ୱିଟୋଲ୍ଡ ବାଙ୍କା ଏହା କହିଛନ୍ତି।

୧୯୯୦ରେ ପ୍ରତିଷ୍ଠିତ ଏନ୍‌ଡିଟିଏଲ୍ ୱାଡା ଦ୍ୱାରା ସ୍ୱୀକୃତିପ୍ରାପ୍ତ ବିଶ୍ୱର ୨୯ ଲାବୋରେଟୋରୀ ମଧ୍ୟରୁ ଅନ୍ୟତମ। ଏସିଆ ମହାଦେଶରେ ଭାରତ ବ୍ୟତୀତ ଏଭଳି ୫ଟି ଲାବୋରେଟୋରୀ ଚାଇନା, ଜାପାନ, ଦକ୍ଷିଣ କୋରିଆ, କାଟାର ଓ ଥାଇଲାଣ୍ଡରେ ରହିଛି। ଭାରତରେ ସଂଗ୍ରହ କରାଯାଉଥିବା ନମୁନାର ଟେଷ୍ଟିଂ କରିବା ସହ ଏନ୍‌ଡିଟିଏଲ୍ ପାକିସ୍ତାନ ଓ ଶ୍ରୀଲଙ୍କା ଭଳି ଦକ୍ଷିଣ ଏସିଆ ଦେଶମାନଙ୍କର ଟେଷ୍ଟିଂ କରିଥାଏ। କାରଣ ସେହି ଦେଶରେ ୱାଡା ସ୍ୱୀକୃତିପ୍ରାପ୍ତ ଲାବୋରେଟୋରୀ ନାହିଁ।

ଏନ୍‌ଡିଟିଏଲ୍ ୱାଡା ସ୍ୱୀକୃତିପ୍ରାପ୍ତ ଏବଂ ଲ୍ୟାବର ପ୍ରଦର୍ଶନକୁ ମୂଲ୍ୟାଙ୍କନ କରାଯିବା ଏକ ରୁଟିନ ପ୍ରକ୍ରିୟା। ସ୍ୱୀକୃତିପ୍ରାପ୍ତ ଅଧିକାରୀମାନେ ଯାଞ୍ଚ କରିବେ ବୋଲି ସୂତ୍ରରୁ କୁହାଯାଇଛି। ତେବେ ୱାଡା ଅଧିକାରୀଙ୍କ ପକ୍ଷରୁ ୨୦୧୯ରେ କରାଯାଇଥିବା ଏକ ପରିଦର୍ଶନ ପରେ ଏନ୍‌ଡିଟିଏଲ୍ ?କୁ ୨ ବର୍ଷ ଲାଗି ଅର୍ଥାତ ୨୦୨୧ ପର୍ଯ୍ୟନ୍ତ ବାସନ୍ଦ କରାଯାଇଥିଲା।

# କୋଲକାତାକୁ ୫ ୱିକେଟ୍‌ରେ ହରାଇଲା ଗୁଜରାଟ




**ଅହମଦାବାଦ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୨୫ତମ ମୁକାବିଲା ରୋମାଞ୍ଚକର ହୋଇଥିଲା। ଏହି ମ୍ୟାଚ୍‌ରେ ଗୁଜରାଟ ବିଜୟୀ ହୋଇଛି। ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ କୋଲକାତା ନାଇଟ୍ ରାଇଡର୍ସକୁ ୫ ୱିକେଟ୍‌ରେ ପରାସ୍ତ କରିଛି। ଦଳ ୧୯.୪ ଓଭରରେ ୫ଟି ୱିକେଟ୍ ହରାଇ ୧୮୧ ରନ୍ କରିଥିଲା। ଅଧିନାୟକ ଶୁବମନ ଗିଲ ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ୫୦ଟି ବଲ୍‌ର ସାମ୍ନା କରି ୮୬ ରନ୍ ସଂଗ୍ରହ କରିଥିଲେ। ଏଥିରେ ସେ ୮ଟି ଚୌକା ଏବଂ ୪ଟି ଛକା ସାମିଲ କରିଥିଲେ। ଏଥି ସହିତ ଗୁଜରାଟ କ୍ରମାଗତ ତୃତୀୟ ମ୍ୟାଚ୍‌ରେ ବିଜୟୀ ହୋଇଛି। ଗୁଜରାଟ ପୂର୍ବରୁ ଦିଲ୍ଲୀ ଓ ଲକ୍ଷ୍ନୌକୁ ପରାସ୍ତ କରିଥିଲା।

୧୮୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଗୁଜରାଟ ବ୍ୟାଟିଂ କରିଥିଲା। ପ୍ରାରମ୍ଭିକ ବ୍ୟାଟର ଶୁବମନ ଗିଲ୍ ଏବଂ ସାଇ ସୁଦର୍ଶନ ପ୍ରଥମ ୱିକେଟ୍ ପାଇଁ ୫୭ ରନ୍‌ର ଭାଗିଦାରୀ କରିଥିଲେ। ଆଉଟ୍ ହେବା ପୂର୍ବରୁ ସୁଦର୍ଶନ ବ୍ୟକ୍ତିଗତ ଭାବେ ୨୨ ରନ୍ ସଂଗ୍ରହ କରିଥିଲେ। ସେ ୧୬ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୨ଟି ଛକା ମାରିଥିଲେ। ଗୁଜରାଟ ଦ୍ୱିତୀୟ ୱିକେଟ୍‌ର ପତନ ବେଳକୁ ୯୫ ରନ୍ ସଂଗ୍ରହ କରିସାରିଥିଲା ବେଳେ ତୃତୀୟ ୱିକେଟ୍ ବେଳକୁ ୧୪୧ ରନ୍ ସଂଗ୍ରହ କରିଥିଲା।

କୋଲକାତାର ଦ୍ୱିତୀୟ ଶିକାର ହୋଇଥିଲେ ଜୋସ୍ ବଟଲର। ସେ ୧୫ଟି ବଲ୍ ଖେଳି ୨ଟି ଚୌକା ଏବଂ ୨ଟି ଛକା ବଳରେ ୨୫ ରନ୍ ସଂଗ୍ରହ କରିଥିଲେ। ୱାସିଂଟନ୍ ସୁନ୍ଦର ୧୩ଟି ବଲ୍ ସାମ୍ନା କରିଥିଲେ ଏବଂ ଦଳ ପାଇଁ ୧୩ ରନ୍ ଯୋଡ଼ିଥିଲେ।

ଆୟୋଜକ ଗୁଜରାଟ ଟାଇଟନ୍ସ ଟସ୍ ହାରି ପ୍ରଥମେ ବୋଲିଂ କରିଥିଲା। କୋଲକାତାର ଅଧିନାୟକ ଆଜିଙ୍କ୍ୟ ରହାଣେ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। କୋଲକାତା ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୮୦ ରନ୍ କରିଥିଲା।

କୋଲକାତା ପାଇଁ ଏକମାତ୍ର ବ୍ୟାଟର ଭାବେ କ୍ୟାମରନ୍ ଗ୍ରିନ୍ ସଫଳତାର ସହିତ ବ୍ୟାଟିଂ କରିଥିଲେ। ଜଣକ ପରେ ଜଣେ ଖେଳାଳି ଆଉଟ୍ ହୋଇ ପାଭିଲିଅନ୍ ଫେରି ଯାଉଥିବା ବେଳେ ମଧ୍ୟକ୍ରମର ବିଦେଶୀ ଖେଳାଳି ଧୈର୍ଯ୍ୟର ସହିତ ବ୍ୟାଟିଂ କରିଥିଲେ। ଗ୍ରିନ୍ ସର୍ବାଧିକ ୭୯ ରନ୍ ସଂଗ୍ରହ କରିଥିଲେ। ଏଥିପାଇଁ ସେ ୫୫ଟି ବଲ୍ ଖେଳିଥିଲେ ଏବଂ ୭ଟି ଚୌକା ସହିତ ୪ଟି ଛକା ମାରିଥିଲେ।

କୋଲକାତା ପାଇଁ ରୋଭମ୍ୟାନ୍ ପାୱେଲ ଦ୍ୱିତୀୟ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୨୦ଟି ବଲ୍ ଖେଳି ୨ଟି ଚୌକା ଏବଂ ୨ଟି ଛକା ସହିତ ୨୭ ରନ୍ କରିଥିଲେ। ଟିମ୍ ସେଫର୍ଟ ୧୪ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ବଳରେ ୧୯ ରନ୍ କରିଥିଲେ। ସେହିପରି ରମନଦୀପ ସିଂହ ୮ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ବଳରେ ୧୭ ରନ୍ ସଂଗ୍ରହ କରିଥିଲେ। ଅନ୍ୟ ବ୍ୟାଟରମାନଙ୍କର ବ୍ୟକ୍ତିଗତ ସ୍କୋର ନୈରାଶ୍ୟଜନକ ଥିଲା।

ଅନ୍ୟପକ୍ଷରେ ଗୁଜରାଟ ଟାଇଟନ୍ସ ପକ୍ଷରୁ କାଗିସୋ ରାବାଡ଼ା ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ସେ ୪ ଓଭର ବୋଲିଂ କରି ୨୯ ରନ୍ ଖର୍ଚ୍ଚ କରିଥିଲେ। ମହମ୍ମଦ ସିରାଜ ଏବଂ ଅଶୋକ ଶର୍ମା ୨-୨ ୱିକେଟ୍ ନେଇଥିଲା ବେଳେ ପ୍ରସିଦ୍ଧ କୃଷ୍ଣ ଓ ରସିଦ ଖାନଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

# ପାକିସ୍ତାନରେ ଦିନିକିଆ ସିରିଜ ଖେଳିବ ଅଷ୍ଟ୍ରେଲିଆ




**କରାଚୀ**

ଅଷ୍ଟ୍ରେଲିଆ କ୍ରିକେଟ ଦଳ ମେ ମାସ ଶେଷ ଭାଗରେ ଅଷ୍ଟ୍ରେଲିଆ ଟୁର୍‌ରେ ଯିବ ଏବଂ ଲାହୋର ଓ ରାଓଲପିଣ୍ଡିରେ ୩ ମ୍ୟାଚ୍ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିବ। ଶୁକ୍ରବାର ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସୂତ୍ରରୁ ସୂଚନା ମିଳିଛି। କ୍ରିକେଟ ଅଷ୍ଟ୍ରେଲିଆ ଓ ପିସିବି ମଧ୍ୟରେ ହୋଇଥିବା ଏକ ରାଜିନାମା ଅନୁସାରେ ଅଷ୍ଟ୍ରେଲିଆ ଟି୨୦ ଦଳ ଟି୨୦ ବିଶ୍ୱକପ୍ ପୂର୍ବରୁ ଲାହୋରରେ ତିନୋଟି ଟି୨୦ ମ୍ୟାଚ ଖେଳିଥିଲା।

କ୍ରିକେଟ ଅଷ୍ଟ୍ରେଲିଆ ସହିତ ଟୁର୍‌ର କାର୍ଯ୍ୟସୂଚୀ ଚୂଡ଼ାନ୍ତ କରାଯାଉଛି। ମ୍ୟାଚଗୁଡ଼ିକ ଆପାତତଃ ମେ ୩୦ରୁ ଜୁନ୍ ୫ ମଧ୍ୟରେ ଖେଳାଯିବ। ଖବର ଅନୁସାରେ ଅଷ୍ଟ୍ରେଲିଆ ଦଳ ପାକିସ୍ତାନରୁ ବାଂଲାଦେଶ ଟୁର୍‌ରେ ଯାଇ ୯ ତାରିଖରୁ ଏକ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିବ।

ଟି୨୦ ମ୍ୟାଚ୍‌ଗୁଡ଼ିକ ପାଇଁ ଅଷ୍ଟ୍ରେଲିଆ ପାକିସ୍ତାନକୁ ଏକ କମ୍‌ଜୋର ଦଳ ପଠାଇଥିଲା, କାରଣ ଏହାର କେତେଜଣ ପ୍ରମୁଖ ଖେଳାଳି ଫିଟ୍‌ନେସ ସମସ୍ୟାରେ ଥିଲେ କିମ୍ବା ଭାରତ ଓ ଶ୍ରୀଲଙ୍କାରେ ବିଶ୍ୱକପ୍ ପାଇଁ ବିଶ୍ରାମ ନେଇଥିଲେ। ଫଳତଃ ଅଷ୍ଟ୍ରେଲିଆ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରି ନ ଥିଲା। ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍) ଶେଷ ହେବା ପରେ ପାକିସ୍ତାନ ମେ’ ୮ରୁ ୨୦ ମଧ୍ୟରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ଲାଗି ବାଂଲାଦେଶ ଯିବ। ମାତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍‌ର ଅଂଶବିଶେଷ ଅଗଷ୍ଟ ଓ ସେପ୍ଟେମ୍ବରରେ ଇଂଲଣ୍ଡରେ ଦଳ ଏକ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ।

# ଏଥର ଆଇପିଏଲ୍ ଚାମ୍ପିଅନ ହେବ ରାଜସ୍ଥାନ ରୟାଲ୍ସ !




**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୬ ସଂସ୍କରଣରେ ରାଜସ୍ଥାନ ରୟାଲ୍ସ (ଆରଆର) ଚମତ୍କାର ପ୍ରଦର୍ଶନ ଜାରି ରଖିଛି। ବର୍ତ୍ତମାନ ସୁଦ୍ଧା ଖେଳିଥିବା ୫ଟି ମ୍ୟାଚ୍‌ରୁ ଦଳ ୪ଟିରେ ବିଜୟୀ ହୋଇଥିବା ବେଳେ ମାତ୍ର ଗୋଟିଏ ମ୍ୟାଚ୍‌ରେ ପରାଜୟର ସ୍ୱାଦ ଚାଖିଛି। ଏହି ପରାଜୟ ଦଳକୁ ସନରାଇଜର୍ସ ହାଇଦ୍ରାବାଦ (ଏସଆରଏଚ) ବିପକ୍ଷରେ ମିଳିଛି। ତେବେ ଏହି ହାରକୁ ନେଇ କ୍ରିକେଟ ପ୍ରେମୀମାନେ ଚିନ୍ତିତ ଥିବାବେଳେ ତଥ୍ୟ କିନ୍ତୁ ଭିନ୍ନ କିଛି କହୁଛି। ଅନେକଙ୍କ ପାଇଁ ଏହା ଆଶ୍ଚର୍ଯ୍ୟଜନକ ହୋଇପାରେ, କିନ୍ତୁ ଏହି ପରାଜୟ ରାଜସ୍ଥାନ ରୟାଲ୍ସ ପାଇଁ ଚଳିତ ବର୍ଷ ଆଇପିଏଲ୍ ଚାମ୍ପିଅନ ହେବାର ଏକ ବଡ଼ ସଙ୍କେତ ନେଇ ଆସିଛି।

ରାଜସ୍ଥାନ ରୟାଲ୍ସର ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ପରାଜୟ ଏକ ରୋଚକ ସଂଯୋଗ ସୃଷ୍ଟି କରିଛି। ପ୍ରାୟ ୧୮ ବର୍ଷ ପୂର୍ବେ, ଅର୍ଥାତ ୨୦୦୮ ମସିହାରେ ଆଇପିଏଲ୍ ପ୍ରଥମ ସଂସ୍କରଣରେ ମଧ୍ୟ ରାଜସ୍ଥାନ ରୟାଲ୍ସର ସ୍ଥିତି ଠିକ୍ ଏହିଭଳି ଥିଲା। ସେହି ବର୍ଷ ଦଳ ନିଜର ପ୍ରଥମ ୫ଟି ମ୍ୟାଚ୍‌ରୁ ୪ଟିରେ ବିଜୟୀ ହୋଇଥିବାବେଳେ ଗୋଟିଏ ମ୍ୟାଚ୍‌ରେ ପରାଜିତ ହୋଇଥିଲା ଏବଂ ଶେଷରେ ରାଜସ୍ଥାନ ରୟାଲ୍ସ ସେହି ବର୍ଷ ଆଇପିଏଲ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା।

ଏଥର କେବଳ ପୁରୁଣା ଇତିହାସ କିମ୍ବା ସଂଯୋଗ ନୁହେଁ, ବରଂ ରାଜସ୍ଥାନ ରୟାଲ୍ସର ଶକ୍ତିଶାଳୀ ଦଳ ମଧ୍ୟ ତାଙ୍କୁ ଟାଇଟଲ ଜିତିବାର ପ୍ରମୁଖ ଦାବିଦାର ଭାବେ ଉଭା କରିଛି। ଦଳର ସମସ୍ତ ଖେଳାଳି ଚଳିତ ସିଜନ୍‌ରେ ଚମତ୍କାର ପ୍ରଦର୍ଶନ କରୁଛନ୍ତି। ବ୍ୟାଟିଂ ବିଭାଗରେ ବୈଭବ ସୂର୍ଯ୍ୟବଂଶୀ ୫ଟି ମ୍ୟାଚ୍‌ରେ ୪୦ ହାରରେ ୨୦୦ ରନ ସଂଗ୍ରହ କରିଛନ୍ତି, ତାଙ୍କର ଷ୍ଟ୍ରାଇକ୍ ରେଟ୍ ୨୬୦ରୁ ଅଧିକ ରହିଛି। ସେହିପରି ଧ୍ରୁବ ଜୁରେଲ ୪୪ ହାରରେ ୧୭୬ ରନ ଏବଂ ଯଶସ୍ୱୀ ଜୟସ୍ୱାଲ ୬୧.୩୩ ହାରରେ ୧୮୪ ରନ ସଂଗ୍ରହ କରି ସାରିଛନ୍ତି।

ବୋଲିଂ ବିଭାଗରେ ମଧ୍ୟ ରାଜସ୍ଥାନ ରୟାଲ୍ସର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରୁଛନ୍ତି। ରବି ବିଷ୍ଣୋଇ ୯ଟି ଉଇକେଟ ଏବଂ ଆର୍ଚର ୭ଟି ଉଇକେଟ ହାସଲ କରିଛନ୍ତି। ଏହାଛଡ଼ା ନାନ୍ଦ୍ରେ ବର୍ଜର ଏବଂ ସନ୍ଦୀପ ଶର୍ମା ମଧ୍ୟ ୫-୫ଟି ଉଇକେଟ ନେବାରେ ସଫଳ ହୋଇଛନ୍ତି।

ରାଜସ୍ଥାନ ରୟାଲ୍ସ ଚଳିତ ସିଜନ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସକୁ ୮ ଉଇକେଟ, ଗୁଜରାଟ ଟାଇଟନ୍ସକୁ ୬ ରନ୍, ମୁମ୍ବାଇ ଇଣ୍ଡିଆନ୍ସକୁ ୨୭ ରନ ଏବଂ ଆରସିବିକୁ ୬ ଉଇକେଟରେ ପରାସ୍ତ କରିଛି। କେବଳ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଦଳର ବ୍ୟାଟିଂ ବିଭାଗ ବିଫଳ ହୋଇଥିଲା ଏବଂ ତାଙ୍କୁ ୫୭ ରନ୍‌ର ବଡ଼ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତଥାପି ଦଳର ବର୍ତ୍ତମାନର ପ୍ରଦର୍ଶନ ଏବଂ ପୁରୁଣା ଇତିହାସର ଏହି ସଂଯୋଗ ଦେଖିଲେ ମନେ ହେଉଛି ଯେ, ରାଜସ୍ଥାନ ରୟାଲ୍ସ ଚଳିତ ବର୍ଷ ଆଇପିଏଲ ଟାଇଟଲ ହାସଲ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି।

## ସିଏମ୍ ଟ୍ରଫି-୨୦୨୬ କବାଡ଼ି ପ୍ରତିଯୋଗିତା

# ବାଳିକା ବର୍ଗରେ ପାଟଣାଗଡ଼ ଓ ବାଳକ ବର୍ଗରେ ବଙ୍ଗୋମୁଣ୍ଡା ଚାମ୍ପିଅନ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲ୍ଲା କବାଡ଼ି ଚାମ୍ପିୟନସିପ୍-୨୦୨୬ ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ୍ ଠାରେ ଉଦ୍‌ଯାପିତ ହୋଇ ଯାଇଛି। ବାଳିକା ବର୍ଗରେ ସଇଁତଲାକୁ ହରାଇ ପାଟଣାଗଡ଼ ଚାମ୍ପିଅନ ହୋଇଛି। ସେହିପରି ବାଳକ ବର୍ଗରେ ତୁରେକେଲାକୁ ହରାଇ ବଙ୍ଗୋମୁଣ୍ଡା ଚାମ୍ପିଅନ ହୋଇଛି। କ୍ରୀଡ଼ା ସଂସଦର ସଭାପତି ଡା. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଉଭୟ ବାଳକ ଓ ବାଳିକା ବର୍ଗକୁ ଯୋଗଦେଇ ବିଜେତା ଓ ଉପବିଜେତାମାନଙ୍କୁ ଟ୍ରଫି ପୁରସ୍କୃତ କରିଥିଲେ। କ୍ରୀଡ଼ା ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସାଧାରଣ ସଂପାଦକ ହରିନାରାୟଣ ପୂଜାରୀ ଓ ସହସଂପାଦକ ପଦ୍ମଚରଣ ଆଚାର୍ଯ୍ୟ, ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, ଫୁଟବଲ ସଂପାଦକ ଶରତ କୁମାର ନନ୍ଦ, ଭଲିବଲ ସଂପାଦକ ସଂଗ୍ରାମ କେଶରୀ ବହିଦାର, ବରିଷ୍ଠ ସଦସ୍ୟ ସୁଧିର ଚନ୍ଦ୍ର ପଣ୍ଡା, ରବିନ୍ଦ୍ର କୁମାର ମିଶ୍ର, ଗୌରଚନ୍ଦ୍ର ପଧାନ, ଅନୁପ କୁମାର ସାହୁ, ଜୟରାମ ମିଶ୍ର, ଡା. ଶୁଭମ ମିଶ୍ର ଓ ସୁନିଲ ଚନ୍ଦ୍ର ବିଶ୍ୱାଳ ଉପସ୍ଥିତ ଥିଲେ। ଖେଳକୁ ବୁଦ୍ଧିରାଜ ବିଶ୍ୱାଳ, ସୁଦର୍ଶନ ସେଠ, ଜନାର୍ଦ୍ଦନ ସାହୁ, ମାଧୁରୀ ପଣ୍ଡା, ଆଶିଷଦେବ ସା ଓ ଯଶୋବନ୍ତୀ ବେହେରା ପରିଚାଳନା କରିଥିଲେ। ପରିଶେଷରେ କବାଡ଼ି ସଂପାଦକ ବିଭୂତି ଭୂଷଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ୧୭ ବର୍ଷରୁ କମ୍ ବାଳିକା କ୍ରିକେଟ ଖେଳିବେ ସାଇ ପ୍ରତୀକ୍ଷା



**କେନ୍ଦୁଝର**

କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ଶାସଙ୍ଗ ପଞ୍ଚାୟତ ହାଇସ୍କୁଲର ଛାତ୍ରୀ ସାଇ ପ୍ରତୀକ୍ଷା ଜେନା ୧୭ ବର୍ଷରୁ କମ୍ ବାଳିକା କ୍ରିକେଟ ଖେଳିବା ପାଇଁ ଚୟନ ହୋଇଛନ୍ତି। ସାଇ ପ୍ରତୀକ୍ଷା ଦଶମ ଶ୍ରେଣୀର ଛାତ୍ରୀ ହୋଇଥିବା ବେଳେ ହାଟଡ଼ିହୀ ପଞ୍ଚାୟତ କୁଣ୍ଡିସାହି ଗ୍ରାମର ଦେବାଶିଷ ଜେନାଙ୍କ ଝିଅ।

ରୋହତକ ହରିୟାଣାରେ ଚଳିତ ମାସ ଏପ୍ରିଲ ୨୯ରୁ ଆସନ୍ତା ମେ’ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ନ୍ୟାସନାଲ ସ୍କୁଲ ଗେମ୍ସରେ ସାଇ ପ୍ରତୀକ୍ଷା ଅଂଶ ଗ୍ରହଣ କରିବେ। ଏନେଇ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ.୯୫୯୫/୧୫ ଏପ୍ରିଲ ୨୦୨୬ ଅନୁଯାୟୀ ପ୍ରକାଶ ପାଇଛି।

ସମଗ୍ର ରାଜ୍ୟରୁ ମୋଟ ୧୮ଜଣ ଛାତ୍ରୀ ଚୟନ ହୋଇଛନ୍ତି। କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକରୁ ଜଣେ ଛାତ୍ରୀ ଚୟନ ହୋଇଥିବାରୁ ଜିଲ୍ଲା ପାଇଁ ଏହା ଏକ ଗର୍ବ ଏବଂ ଗୌରବର ବିଷୟ। ସ୍କୁଲ ପ୍ରଧାନଶିକ୍ଷକ ରାଧାକୃଷ୍ଣ ପତି, ଖେଳ ଶିକ୍ଷକ ଶାନ୍ତନୁ ରାଉତ, ଶିକ୍ଷକ ଶିଶିର କୁମାର ବିଶ୍ୱାଳ, ପଦ୍ମନାଭ ପଣ୍ଡା, ଲକ୍ଷ୍ମୀକାନ୍ତ ମିଶ୍ର ପ୍ରମୁଖଙ୍କ ସମେତ ସମସ୍ତ କର୍ମଚାରୀ ଖୁସି ବ୍ୟକ୍ତ କରିବା ସହ ଛାତ୍ରୀଙ୍କ ଶୁଭ କାମନା କରିଛନ୍ତି।

# ଉଗ୍ର ହେଉଛି ଡୋପିଂ କେଲେଙ୍କାରୀ : ବିଶ୍ୱରେ ଭାରତ ଏକ ନମ୍ବର, ଚିନ୍ତା ପ୍ରକଟ କଲେ ୱାଡ଼ା ମୁଖ୍ୟ



**ନୂଆଦିଲ୍ଲୀ**

ଭାରତୀୟ କ୍ରୀଡ଼ାଜଗତ ଏବେ ଏକ ଅଜବ ସମସ୍ୟାରେ ଜର୍ଜରିତ। ଦେଶରେ ଦିନକୁ ଦିନ ବଢ଼ି ଚାଲିଛି ଡୋପିଂ ମାମଲା। ସଚେତନତାର ଅଭାବ ହେଉ କି ଜାଣିଶୁଣି ଭାରତୀୟ ଖେଳାଳିମାନେ କମ୍ ଦିନରେ ଅଧିକ ସଫଳତା ପାଇବା ଲୋଭରେ ଅଧିକରୁ ଅଧିକ ସଂଖ୍ୟାରେ ନିଷିଦ୍ଧ ଶକ୍ତିବର୍ଦ୍ଧକ ସେବନ କରୁଛନ୍ତି। ଯାହା ଆଗାମୀ ସମୟରେ ଭାରତୀୟ କ୍ରୀଡ଼ା ପାଇଁ ବିଶ୍ୱସ୍ତରରେ ନିଜର ସ୍ୱତନ୍ତ୍ର ଚମକ ଛାଡ଼ିବା ଦିଗରେ ମୁଖ୍ୟ ଅନ୍ତରାୟ ସାବ୍ୟସ୍ତ ହେବ ବୋଲି ଆଶଙ୍କା କରାଯାଉଛି। ବିଶ୍ୱ ଡୋପିଂ ନିରୋଧୀ ସଂସ୍ଥାନ (ୱାଡ଼ା) ଏଥିନେଇ ଚିନ୍ତା ପ୍ରକଟ କରିଛି। ସେହିଭଳି ଜାତୀୟ ଡୋପିଂ ନିରୋଧୀ ସଂସ୍ଥାନ (ନାଡ଼ା)ର କାର୍ଯ୍ୟଶୈଳୀ ଓ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଦିଗରେ ଠୋସ୍ ପଦକ୍ଷେପ ନେବାର ପ୍ରତିଶ୍ରୁତି ଓ ଆହ୍ୱାନର ବାର୍ତ୍ତା ନେଇ ୱାଡା ମୁଖ୍ୟ ୱିଟୋଲ୍‌ଡ ବାଙ୍କା ସଂପ୍ରତି ଭାରତ ଗସ୍ତରେ ଅଛନ୍ତି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତକରି ଦେଶରେ ଡୋପିଂ ମାମଲାର ବର୍ଦ୍ଧିତ ସଂଖ୍ୟା ଉପରେ ଅଙ୍କୁଶ ଲଗାଇବା ଲାଗି ସିବିଆଇ ଓ ଅନ୍ୟାନ୍ୟ ଏଜେନ୍ସିର ସହାୟତା ନେବାକୁ ଅନୁରୋଧ କରିଛନ୍ତି। ସେହିଭଳି ଭାରତୀୟ କ୍ରୀଡ଼ା ଦୁନିଆରେ ଖେଳୁଆଡ଼ ମନୋଭାବ ସୃଷ୍ଟି ଏବଂ ଖେଳକୁ ଦୁର୍ନୀତି ତଥା ନିଶା ମୁକ୍ତ କରିବା ନେଇ ବିସ୍ତୃତ ଆଲୋଚନା କରିଛନ୍ତି। ଏହା ନହେଲେ ଭାରତୀୟ ଖେଳାଳିଙ୍କ ବିଶ୍ୱସନୀୟତା ନେଇ ସନ୍ଦେହ ଓ ଆଶଙ୍କା ସୃଷ୍ଟି ହେବ ବୋଲି ଆଶଙ୍କା ଜାହିର କରିଛନ୍ତି ବାଙ୍କା।

ନିଜର ଏହି ଚର୍ଚ୍ଚିତ ଗସ୍ତ ଅବସରରେ ବାଙ୍କା ମଧ୍ୟ ସିବିଆଇ ଓ ନାଡ଼ାର କିଛି ଅଧିକାରୀଙ୍କୁ ଭେଟି ଏହି ବିଷୟରେ ଆଲୋଚନା ପର୍ଯ୍ୟାଲୋଚନା କରିଛନ୍ତି। ବାଙ୍କାଙ୍କ ସହ ସକାରାତ୍ମକ ଆଲୋଚନା ହୋଇଥିବା ମାଣ୍ଡବୀୟ ନିଜ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି। ସେହିଭଳି ବାଙ୍କା ମଧ୍ୟ ମାଣ୍ଡବୀୟଙ୍କୁ ଭେଟିଥିବାର ସୂଚନା ନିଜ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଦେଇଛନ୍ତି। ସେ ଲେଖିଛନ୍ତି, ଆମେ ଡୋପିଂ ବିରୋଧୀ ପ୍ରୟାସକୁ ଆଗକୁ ବଢ଼ାଇବା ଏବଂ ଭାରତରେ କ୍ରୀଡ଼ାର ଅଖଣ୍ଡତାକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଥିଲୁ, ଯେଉଁଥିରେ ବିଶ୍ୱ ମାନଦଣ୍ଡ ଅନୁଯାୟୀ ନିରନ୍ତର ପ୍ରଗତି ଓ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନର ଗୁରୁତ୍ୱ ଅନ୍ତର୍ଭୁକ୍ତ।

ଏହି ବିଷୟକୁ ଭାରତ ସରକାର ଗମ୍ଭୀରତାର ସହ ନେଇଥିବା ବେଳେ ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକ ମନୋଜ ଶଶିଧର ନିକଟରେ କ୍ରୀଡ଼ା ସଚିବ ହରି ରଞ୍ଜନ ରାଓଙ୍କୁ ଭେଟି ଉଭୟ ସଂସ୍ଥା ମଧ୍ୟରେ ଡୋପିଂ ରୋକିବା ନେଇ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଲଜ୍ଜାଜନକ ରେକର୍ଡୱାଡ଼ାର ଗତ ୧୦ବର୍ଷର ଡୋପିଂ ବିଫଳତା ରେକର୍ଡ ଅନୁସାରେ ଭାରତ ଏହି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ଗତ ତିନିବର୍ଷ ହେବ ଭାରତୀୟ ଖେଳାଳି ଡୋପିଂ ଟେଷ୍ଟ୍‌ରେ ବିଫଳତା ହେବା ସଂଖ୍ୟାରେ ଶୀର୍ଷରେ ରହିଛନ୍ତି। ସୂଚନା ଅନୁସାରେ ୨୦୨୪ରେ ୭୧୧୩ ଭାରତୀୟ ଖେଳାଳିଙ୍କ ଡୋପ୍ ଟେଷ୍ଟ୍ ହୋଇଥିଲା। ସେଥିମଧ୍ୟରେ ବିଫଳତା ସଂଖ୍ୟା ୨୬୦ ଥିଲା। ପୁଣି ଏଥିରୁ ୩.୬ ପ୍ରତିଶତ ଖେଳାଳି ନିଷିଦ୍ଧ ଶକ୍ତିବର୍ଦ୍ଧକ ସେବନ କରିଥିବା ସ୍ପଷ୍ଟ ହୋଇଥିଲା। ଯାହା ବିଶ୍ୱରେ ସବୁଠାରୁ ଅଧିକ। ଏହିକ୍ଷେତ୍ରରେ ରୁଷିଆ ଓ ଚୀନ ଭଳି ଦେଶର ସ୍ଥିତି ମାତ୍ର ୦.୭ ଓ ୦.୨ ପ୍ରତିଶତ ରହିଛି।

ଏକ ବଡ଼ ଲଜ୍ଜାଜନକ କଥା ହେଉଛି, ଚଳିତ ଏପ୍ରିଲରେ ପ୍ରକାଶିତ ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ତାଲିକାରେ ଭାରତର ଖେଳାଳିମାନେ ଶୀର୍ଷରେ ଅଛନ୍ତି। ଡୋପିଂ ପାଇଁ ଅଯୋଗ୍ୟ ଖେଳାଳିଙ୍କ ସଦ୍ୟତମ ବିଶ୍ୱ ତାଲିକାରେ ପୂର୍ବତନ ୧୦୦ ମିଟର ଜାତୀୟ ରେକର୍ଡଧାରୀ ଦୂତୀ ଚାନ୍ଦ, ସ୍ପ୍ରିଣ୍ଟର ଧନଲକ୍ଷ୍ମୀ ସେକର ଓ ମଧ୍ୟଦୂର ଧାବକ ପରଭେଜ ଖାନ ସାମିଲ ଅଛନ୍ତି। ବିଶ୍ୱ ଆଥଲେଟିକ୍ସର ଡୋପିଂ ୱାଚ୍ ଡଗସ୍ ତାଲିକାରେ ଭାରତ (୧୪୮ ଖେଳାଳି) ଲଜ୍ଜାଜନକ ଭାବେ କେନିଆ (୧୪୬)କୁ ପଛରେ ପକାଇ ଦେଇଛି। ଭାରତର ଦୁଇ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜୟୀ ତାରକା ଅଭିଷେକ ଶର୍ମା ଓ ଅକ୍ଷର ପଟେଲ ନାଡାର ପଞ୍ଜିକୃତ ପରୀକ୍ଷା ପୁଲ୍ (ଆରଟିପି)ରେ ଲଗାତାର ଦ୍ୱିତୀୟ ତ୍ରୈମାସିକ ପାଇଁ ସାମିଲ ରହିଛନ୍ତି। ଧାବକ, ଧାବିକାଙ୍କ ଅଧିକ ଉପସ୍ଥିତି ଥିବା ଏହି ତାଲିକାରେ ସାମିଲ ହେବା ପରେ ଉଭୟଙ୍କୁ ନିଜ ସ୍ଥିତି ଓ ଅବସ୍ଥିତି ବିଷୟରେ ନାଡାକୁ ନିୟମିତ ଭାବେ ସୂଚନା ଦେବାକୁ ହେବ। ସେମାନଙ୍କୁ ମଧ୍ୟ ଅଧିକ ପରୀକ୍ଷା ପାଇଁ ନିଜ ମୂତ୍ର ନମୁନା ନାଡାକୁ ଦେବାକୁ ହେବ। ତାଲିକାରେ ମୋଟ ୩୪୮ଜଣ ଖେଳାଳି ରହିଛନ୍ତି। ଅଭିଷେକ ଓ ଅକ୍ଷର ଏହି କ୍ଷେତ୍ରରେ ମହିଳା କ୍ରିକେଟର ସ୍ମୃତି ମନ୍ଧାନା ଓ ମଧ୍ୟକ୍ରମ ବ୍ୟାଟର ଶ୍ରେୟସ୍ ଆୟରଙ୍କ ସ୍ଥାନ ନେଇଛନ୍ତି।

# ଶ୍ରେୟାସ ଆୟର ଧରିଲେ କ୍ୟାଚ୍ ଅଫ୍ ଦି ସିଜିନ୍




**ନୂଆଦିଲ୍ଲୀ**

ଚଳିତ ଆଇପିଏଲ୍‌ରେ ପଞ୍ଜାବ ଦଳର ଆଧିପତ୍ୟ ଜାରି ରହିଛି। ୫ଟି ମ୍ୟାଚ ଖେଳି ୪ ବିଜୟ ସହ ଦଳ ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନ ଦଖଲ କରିଛି। ପଞ୍ଜାବ ମୋଟ୍ ୯ ପଏଣ୍ଟ ଅର୍ଜନ କରି ସାରିଛି। ୨୪ତମ ଲିଗ୍ ମ୍ୟାଚରେ ଦଳ ୭ ୱିକେଟ୍ରେ ଘରୋଇ ମୁମ୍ବାଇକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୬ ୱିକେଟ୍ ବିନିମୟରେ ୧୯୫ ରନ ସଂଗ୍ରହ କରିଥିଲା। ଜବାବରେ ପଞ୍ଜାବ ୧୬.୩ ଓଭରରେ ୩ ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା। ମ୍ୟାଚରେ ମୁଖ୍ୟ ଆକର୍ଷଣ ଥିଲା କ୍ୟାପ୍ଟେନ୍ ଶ୍ରେୟାସ ଆୟରଙ୍କ କ୍ୟାଚ୍। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ କ୍ୟାଚ୍ ଧରି ଶ୍ରେୟାସ ସିଜିନରେ ଶ୍ରେଷ୍ଠ କ୍ୟାଚ୍ ଧରିଥିବା କୁହାଯାଉଛି। ତାଙ୍କର ଏହି କ୍ୟାଚ୍ ମ୍ୟାଚର ଗତିପଥ ବଦଳାଇଥିଲା। ଆୟରଙ୍କର କ୍ୟାଚ୍ ଧରିବା ପରେ ରୋହିତ ଶର୍ମା ଏବଂ ସୂର୍ଯ୍ୟକୁମାର ଦେଇଥିବା ରିଆକ୍ସନ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

**ପୁନଃ ନିଳାମ ବିଜ୍ଞାପନ** 1001/13/2627

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି, ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲଠାରେ ଅବସ୍ଥିତ ଶାରଳା ବାଙ୍ଗରା ନାରିକେଳ ଫାର୍ମରେ ଥିବା ଫଳନ୍ତି କାଜୁ, ଆମ୍ବ, ପିଜୁଳି ଏବଂ ସପେଟା ଗଛର ଫଳ ବିକ୍ରୟ ଲାଗି ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଋତୁ କାଳୀନ ନିଲାମ ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଜଗତସିଂହପୁରଙ୍କ ଦ୍ୱାରା ଇଚ୍ଛୁକ ବ୍ୟକ୍ତିଙ୍କ ଠାରୁ ନିଲାମ ପତ୍ର ଆହ୍ୱାନ କରାଯାଉଅଛି। ଆଗ୍ରହୀ ବ୍ୟକ୍ତି ବିଶେଷ ନିଲାମ ବିଜ୍ଞାପନ ପ୍ରକାଶ ଦିନ ଠାରୁ ନିଲାମ ଦରଖାସ୍ତ ଟ.୫୦.୦୦ ଦେୟରେ ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଜଗତସିଂହପୁର ବା ଦାଇତ୍ୱ ରେ ଥିବା ଶାରଳା ବାଙ୍ଗରା ନାରିକେଳ ଫାର୍ମ ତିର୍ତ୍ତୋଲ ଙ୍କ କାର୍ଯାଳୟରୁ ପ୍ରାପ୍ତ କରିପାରିବେ। ନିର୍ଦ୍ଧାରିତ ଆବେଦନ ଫର୍ମ ସହିତ ଫର୍ମ କିଣା ରସିଦ୍ ଓ ଅମାନତ ରାଶି ଟ.୧୦,୦୦୦.୦୦ ଙ୍କା (ଦଶହଜାର)(ଡିମାଣ୍ଡ ଡ୍ରାଫ୍ଟ/ବ୍ୟାଙ୍କ ଡ୍ରାଫ୍ଟ- in favour of Assistant Director of Horticulture, Jagatsinghpur ଜଲମୁଦ୍ରା ଦିଆ ଲଫାପାରେ ନିମ୍ନ ସ୍ୱାକ୍ଷରକାରୀ କାର୍ଯ୍ୟାଳୟ ଠିକଣା: ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଜଗତସିଂହପୁର, ୭୫୪୧୦୩ ରେ ତା ୨୮/୦୪/୨୦୨୬ ରିଖ ଦିବା ୧୧.୦୦ ଘଟିକା ସୁଦ୍ଧା ପହଁଚିବା ଆବଶ୍ୟକ। ବିନା ଅମାନତ ରାଶି ଟ.୧୦,୦୦୦.୦୦ ଙ୍କା (ଦଶହଜାର) ରେ ନିଲାମ ଦରଖାସ୍ତ ଗ୍ରହଣଯୋଗ୍ୟ ନୁହେଁ। ତା ୨୮/୦୪/୨୦୨୬ ରିଖ ଦିବା ୧୨.୦୦ ଘଟିକା ସମୟରେ ନିଲାମ ପତ୍ର ଦାଖଲ କରିଥିବା ବ୍ୟକ୍ତି କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ନିଲାମ ପତ୍ର ଖୋଲାଯାଇ ସର୍ବାଧିକ ନିଲାମ ରାଶି ଦେଇଥିବା ବ୍ୟକ୍ତି ବିଶେଷଙ୍କୁ ବିଗ୍ରରକୁ ନିଆଯିବ ଏବଂ ଉକ୍ତ ଦିନ ତାଙ୍କୁ ନିଲାମ ରାଶି ର ୨୫% ଟଙ୍କା ଜମା ଦେବାକୁ ପଡିବ ଯଦି ଉକ୍ତ ବ୍ୟକ୍ତି ଜମା ନ କରନ୍ତି ତାଙ୍କର ନିଲାମ ଖାରଜ ହୋଇଯିବ। ଏବଂ ତାହା ପରବର୍ତ୍ତୀ ସର୍ବାଧିକ ନିଲାମ ରାଶି ଦେଇଥିବା ବ୍ୟକ୍ତି ବିଶେଷଙ୍କୁ ବିଗ୍ରରକୁ ନିଆଯିବ। ନିଲାମ ରେ ଅସଫଳ ହୋଇଥିବା ବ୍ୟକ୍ତିଙ୍କର ଅମାନତ ରାଶି ଉକ୍ତ ଦିବସରେ ଫେରାଇ ଦିଆଯିବ। ସଫଳ ନିଲାମ ଧାରି ସମ୍ପୂର୍ଣ୍ଣ ନିଲାମ ରାଶିକୁ ନିଲାମ ଘୋଷଣା ହେବାର ୨୪ ଘଣ୍ଟା ମଧ୍ୟରେ ପଇଠ କରିବେ। ପଇଠ କରିବାର ପରବର୍ତ୍ତୀ କାର୍ଯ୍ୟ ଦିବସରେ ତାଙ୍କୁ ଫାର୍ମ ପରିସର ରେ ଫଳ ତୋଳିବାକୁ ଅନୁମତି ଦିଆଯିବ। ଯାହାର ସମୟ ସୀମା (୧୫ ଜୁଲାଇ ୨୦୨୬ କିମ୍ବା ଫଳତୋଳିବାର ଶେଷ ଦିନ ଯାହା ପ୍ରଥମେ ଘଟିବ)। ଯଦି ଉକ୍ତ ସମୟ ସୀମା ମଧ୍ୟରେ ଫାର୍ମରେ ବିନା କାରଣରେ କୌଣସି କ୍ଷୟକ୍ଷତି ହୋଇଥାଏ ତାହାର ଭରଣା ନିଲାମ ଧାରିଙ୍କର ପଇଠ ଥିବା ଅମାନତ ରାଶି ରୁ କରାଯିବ। ପ୍ରାର୍ଥୀ ଯେକୌଣସି କାର୍ଯ୍ୟ ଦିବସରେ କାର୍ଯ୍ୟାଳୟ ସମୟସୀମା ମଧ୍ୟରେ ଫାର୍ମ ଦାୟିତ୍ୱରେ ଥିବା ଉଦ୍ୟାନ ଅଧିଦର୍ଶକଙ୍କ ଅନୁମତି କ୍ରମେ ଫାର୍ମ ବୁଲି ଦେଖିପାରିବେ। ଅନ୍ୟାନ୍ୟ ସର୍ତ୍ତାବଳୀ ଲାଗୁ ରହିବ।

ସର୍ବାଧିକ ନିଲାମ ରାଶି କିମ୍ବା ସମସ୍ତ ନିଲାମ ପତ୍ରକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିବାର ସମ୍ପୂର୍ଣ୍ଣ କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି।

ସ୍ୱା- ସହକାରୀ ଉଦ୍ୟାନ କୃଷିନିର୍ଦ୍ଦେଶକ
ଜଗତସିଂହପୁର

OIPR-1001/1382/1/26-27/0001

# ଆମ୍ବେଦକର ଜୟନ୍ତୀରେ ବରପୁତ୍ରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର, ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଧୀର ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ପ୍ରଥମେ ଅତିଥିମାନେ ସଂସ୍କୃତି ଭବନ ପରିସରରେ ଥିବା ଆମ୍ବେଦକର ଏବଂ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଶ୍ରୀ କର ବାବାସାହେବ ଆମ୍ବେଦକରଙ୍କ ଜୀବନୀ ଓ ଦର୍ଶନ ଏବଂ ଦେଶର ସମ୍ବିଧାନ ପ୍ରଣୟନରେ ତାଙ୍କର ଯୋଗଦାନ ସମ୍ବନ୍ଧରେ ପ୍ରେରଣାଦାୟୀ ବକ୍ତବ୍ୟ ଦେଇଥିଲେ। ସମାଜରୁ ପାତର ଅନ୍ତର, ଭେଦଭାବ ଦୂର ହେଲେ ଯାଇ ଉନ୍ନତି ସମ୍ଭବ ବୋଲି ସେ କହିଥିଲେ। ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା ଆମ୍ବେଦକରଙ୍କ ସଂଘର୍ଷମୟ ଜୀବନରୁ ଆମେ ସମସ୍ତେ ଶିକ୍ଷା ନେବା ଉଚିତ ବୋଲି କହିଥିଲେ। ମୁଖ୍ୟ ବକ୍ତା ସୁଧୀର ଚନ୍ଦ୍ର ଜେନା ଗଣତନ୍ତ୍ର ଏବଂ ସାମାଜିକ ବ୍ୟବସ୍ଥାକୁ ନେଇ ଆମ୍ବେଦକରଙ୍କ ଚିନ୍ତାଧାରା ସମ୍ପର୍କରେ ଏକ ବୌଦ୍ଧିକ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଆୟୋଜିତ ହୋଇଥିବା ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଁ ୧୦୦ ପ୍ରତିଶତ ଫିଟ୍ ନାହିଁ : କୋହଲି




**ନୂଆଦିଲ୍ଲୀ**

୨୦୨୬ ଆଇପିଏଲ ସିଜିନରେ ବିରାଟ କୋହଲିଙ୍କ ବ୍ୟାଟିଂ ସଫଳ ହୋଇଛି। ତାଙ୍କ ବ୍ୟାଟିଂକୁ ବହୁତ ପ୍ରଶଂସା ମିଳୁଥିଲେ ମଧ୍ୟ ତାଙ୍କ ଫିଟନେସକୁ ମଧ୍ୟ ସମାନ ଭାବରେ ପ୍ରଶଂସା କରାଯାଉଛି। ବିରାଟ ତାଙ୍କ ଆଘାତର ଚିକିତ୍ସା କରୁଛନ୍ତି। ଲକ୍ଷ୍ନୌ ସୁପରଜାଏଣ୍ଟସ ବିପକ୍ଷ ମ୍ୟାଚ ପୂର୍ବରୁ ସେ ଏହି ଆଘାତ ପାଇଥିଲେ। ତଥାପି ସେ ଜଣେ ‘ପ୍ରଭାବ ଖେଳାଳି’ ଭାବରେ ପଡ଼ିଆକୁ ଓହ୍ଲାଇଥିଲେ ଏବଂ ୪୯ ରନର ଏକ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ଲକ୍ଷ୍ନୌ ବିପକ୍ଷ ମ୍ୟାଚ ପରେ ବିରାଟ ତାଙ୍କ ଆଘାତ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଥିଲେ।

ମ୍ୟାଚ ପରେ ତାଙ୍କ ଆଣ୍ଠୁ ଆଘାତ ବିଷୟରେ ପଚରାଯିବାରୁ, ବିରାଟ କୋହଲି କହିଥିଲେ, ଗତ ମ୍ୟାଚ ଅପେକ୍ଷା ଏହା ବହୁତ ଭଲ, ଯଦିଓ ମୁଁ ଏପର୍ଯ୍ୟନ୍ତ ୧୦୦ ପ୍ରତିଶତ ଫିଟ୍ ନୁହେଁ। ପୂର୍ବ ଖେଳ ସମୟରେ ମୋ ଆଣ୍ଠୁରେ ଫୁଲା ଦେଖାଯାଇଥିଲା। ଏହା ବ୍ୟତୀତ, ସାଧାରଣ ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ, ମୁଁ ଗତ ଚାରି କିମ୍ବା ପାଞ୍ଚ ଦିନ ଧରି ଭଲ ଅନୁଭବ କରୁ ନ ଥିଲି। ମୁଁ ମୋର ଲଢୁଆ ମନୋଭାବରେ ସନ୍ତୁଷ୍ଟ। ମୋତେ ମ୍ୟାଚ ଶେଷ କରିବା ପାଇଁ ରହିବା ଉଚିତ୍ ଥିଲା।

ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବ୍ୟାଟିଂ ଅନୁକୂଳ ଉଇକେଟ ଉପରେ ଦ୍ରୁତ ବୋଲରମାନେ କିଛି ସହାୟତା ପାଉଥିଲେ, ଯାହା ଫଳରେ ରନ ସ୍କୋର କରିବା କିଛିଟା କଷ୍ଟକର ହୋଇ ଯାଇଥିଲା। ତେଣୁ ମ୍ୟାଚ ପରେ ପିଚ ବିଷୟରେ ପଚରାଯିବାରୁ, ବିରାଟ କୋହଲି ମନ୍ତବ୍ୟ ଦେଇ ଥିଲେ, ପିଚ୍‌ରେ ବହୁତ ଘାସ ନ ଥିଲା; ଏହା ସାଧାରଣ ଅପେକ୍ଷା ଧୀର ଥିଲା। ଗତ କିଛି ଦିନ ହେଲା ବହୁତ ଗରମ ଥିଲା ଏବଂ ପିଚ ଟିକେ ଭିନ୍ନ ଭାବରେ ଖେଳିଥିଲା। ମୋର ଉଦ୍ଦେଶ୍ୟ ଥିଲା ପାୱାରପ୍ଲେ ମଧ୍ୟରେ ପ୍ରତିପକ୍ଷ ଦଳଠାରୁ ଖେଳକୁ ଦୂରେଇ ନେବା। ମୁଁ ଯେଉଁଭଳି ଖେଳିଲି ସେଥିରେ ମୁଁ ଖୁସି।

ଏହା ଉଲ୍ଲେଖନୀୟ ଯେ, ଏହା ଆଇପିଏଲ୍ ପ୍ରଥମ ଥର ପାଇଁ ବିରାଟ କୋହଲି ‘ପ୍ରଭାବଶାଳୀ ଖେଳାଳି’ ଭାବରେ ଖେଳିଥିଲେ। ସେ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ବିପକ୍ଷରେ ଏହି କ୍ଷମତାରେ କ୍ଷେତ୍ରକୁ ଆସିଥିଲେ ଏବଂ ୪୯ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ସେ ୩୪ ବଲରୁ ୪୯ ରନ କରିବା ପରେ ପାଭିଲିୟନ ଫେରିଥିଲେ। ଆଇପିଏଲ ଇତିହାସରେ ପ୍ରଥମ ଥର ପାଇଁ ‘କିଙ୍ଗ୍ କୋହଲି’ ୪୯ ରନ ସ୍କୋରରେ ଆଉଟ ହୋଇଥିଲେ। ଏହି ମ୍ୟାଚ୍‌ରେ, ଲକ୍ଷ୍ନୌ ପ୍ରଥମେ ବ୍ୟାଟିଂ କରିବା ପରେ ମୋଟ ମାତ୍ର ୧୪୬ ରନ କରିଥିଲା; ଜବାବରେ ଆରସିବି ୨୯ ବଲ ବାକି ଥାଇ ସଫଳତାର ସହ ଲକ୍ଷ୍ୟ ହାସଲ କରିଥିଲା।

ଭୁବନେଶ୍ୱର, ୧୮ ଅପ୍ରେଲ, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀମନ୍ଦିରରେ ପଡ଼ିଲା ରକ୍ତ ଛିଟା : ବନ୍ଦ ହେଲା ଜଗା ଦର୍ଶନ



ପୁରୀ, ୧୭।୪

ନ୍ୟୁଜ୍‌ବ୍ୟୁରୋ

ଶୁକ୍ରବାର ସକାଳେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବଡ଼ ମହାସ୍ନାନ ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ଭିତର କାଠ ନିକଟରେ ରକ୍ତ ପଡ଼ିଥିବା କାରଣରୁ ମହାପ୍ରଭୁଙ୍କ ବଡ଼ ମହାସ୍ନାନ କରାଯାଇଛି। ଶୁକ୍ରବାର ଶ୍ରୀବିଗ୍ରହମାନଙ୍କ ମଙ୍ଗଳ ଆଳତି ସମୟରେ କାଠ ନିକଟରେ ରକ୍ତ ଛିଟା ପଡ଼ିଥିବା ସେବାୟତ ଦେଖିବାକୁ ଯାଇଥିଲେ।

ଭିତର କାଠ ନିକଟରେ ରକ୍ତ ଛିଟା ପଡ଼ିବା ସେବାୟତଙ୍କ ଦୃଷ୍ଟିଗୋଚର ହେବା କ୍ଷଣି ସମସ୍ତ ନୀତିକୁ ବନ୍ଦ କରାଯିବା ସହ ସର୍ବସାଧାରଣ ଦର୍ଶନ ବନ୍ଦ କରାଯାଇଥିଲା। ପରେ ଶ୍ରୀବିଗ୍ରହଙ୍କ ବଡ଼ ମହାସ୍ନାନ ନିମନ୍ତେ ନୀତି ଆରମ୍ଭ ହୋଇଥିଲା। ଧୁଆ ଧୋଇ ହୋଇ ଚୂନ ପାଣି ପଡ଼ିଥିଲା। ସିଂହାସନ ଧୁଆ, ମହାସ୍ନାନ ପୂଜା, ମହାସ୍ନାନ ପୂଜା ଶେଷ ପରେ ମଇଲମ ହୋଇ ସମସ୍ତ ନୀତି ସମ୍ପନ୍ନ ହେବା ପରେ ପୁନଃବାର ଦର୍ଶନ ଆରମ୍ଭ ହୋଇଥିଲା।

# ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ଦୃଢ଼ ସମର୍ଥନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୧୭।୪

ନ୍ୟୁଜ୍‌ବ୍ୟୁରୋ

ନାରୀ କେବଳ ପରିବାରର ନୁହେଁ, ସମାଜ ଓ ଜାତିର ମୂଳ ଶକ୍ତି ଭାବେ ପରିଚିତ। ନାରୀଶକ୍ତିର ବିଶାଳ ସମାଗମ ଭବିଷ୍ୟତ ଓଡ଼ିଶାର ଉନ୍ନତି ପାଇଁ ଏକ ସକାରାତ୍ମକ ସଙ୍କେତ ବୋଲି ଅନୁଗୋଳରେ ଆୟୋଜିତ 'ନାରୀଶକ୍ତି ବନ୍ଦନ' କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ପଞ୍ଚାୟତରୁ ସଂସଦ ପର୍ଯ୍ୟନ୍ତ ନେତୃତ୍ୱ ନେବାକୁ ଆହ୍ୱାନ କରି କହିଥିଲେ ଯେ ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସମସ୍ତେ ସମର୍ଥନ କରିବା ଆବଶ୍ୟକ। ସେ କହିଥିଲେ ଯେ ନାରୀଙ୍କ ଉନ୍ନତି ବିନା ଦେଶର ସମ୍ପୂର୍ଣ୍ଣ ବିକାଶ ସମ୍ଭବ ନୁହେଁ ଓ ନାରୀ ସଶକ୍ତିକରଣ ହେଉଛି ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତର ମୂଳ ଆଧାର।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି 'ମହିଳାଙ୍କ ନେତୃତ୍ୱରେ ବିକାଶ' ଆଜି ଦେଶର ମହିଳାମାନଙ୍କୁ ନୂଆ ଦିଗ ଦେଉଛି। ମହିଳାମାନେ ଆଜି ଶିକ୍ଷା, ସୁରକ୍ଷା, ବିଜ୍ଞାନ, କ୍ରୀଡ଼ା ଓ ପ୍ରଶାସନ ସମେତ ପ୍ରତ୍ୟେକ କ୍ଷେତ୍ରରେ ନିଜ ସାମର୍ଥ୍ୟ ପ୍ରମାଣ କରୁଛନ୍ତି। ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସେ ନାରୀଶକ୍ତିର ପ୍ରେରଣାଦାୟୀ ପ୍ରତୀକ ବୋଲି କହିଥିଲେ।

ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଅନୁଗୋଳ ଜିଲ୍ଲାରେ ୯୦ ହଜାରରୁ ଅଧିକ ଲକ୍ଷପତି ଦିଦି ଥିବାବେଳେ ସମଗ୍ର ରାଜ୍ୟରେ ୧୭ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ଅଛନ୍ତି ବୋଲି ପ୍ରକାଶ କରିଥିଲେ। ଏହାଛଡ଼ା "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା"ରେ ୩୮୮ ଜଣ କନ୍ୟାଙ୍କ ବିବାହ ପାଇଁ ୧.୭୧ କୋଟି ଟଙ୍କାରୁ ଅଧିକ ସହାୟତା ଦିଆଯାଇଛି ଏବଂ ଆଗାମୀ ବର୍ଷ ପାଇଁ ୧୧.୮୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି କହିଥିଲେ। ଏହି ଅବସରରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜୋନ ୨୮ ଜିଲ୍ଲା ପାରିଷଦ ମୀରା ଗଡ଼ନାୟକ, ଏନଏସି ଭାଇସ୍ ଚେୟାରମ୍ୟାନ୍ ଅନୁପମା ସାହୁ, ଅନୁଗୋଳ ଜିଲ୍ଲାପାଳ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍ତର ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୨୭ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବ ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍

ଭୁବନେଶ୍ୱର, ୧୭।୪

ନ୍ୟୁଜ୍‌ବ୍ୟୁରୋ

ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍ (ଟିଏଫଏଲ) କାର୍ଯ୍ୟକାରୀ ଅଗ୍ରଗତି ସଂପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଓପିଟିସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଶର୍ମା, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଟିପିସିଓଡିଏଲ, ଅତିରିକ୍ତ ରେଲୱେ ମଣ୍ଡଳ ପ୍ରବନ୍ଧକ (ଏଡିଆରଏମ୍), ଖୋର୍ଦ୍ଧା, ପୂର୍ବତଟ ରେଳପଥ ପ୍ରମୁଖ ଯୋଗଦେଇଥିବା ବେଳେ ଅନୁଗୋଳ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ବନ ଖଣ୍ଡ ଅଧିକାରୀ ପ୍ରମୁଖ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ।



ବୈଠକରେ ଟିଏଫଏଲ ପ୍ରକଳ୍ପ କାର୍ଯ୍ୟକାରୀ ହେବା ନେଇ ରହୁଥିବା ଆନୁଷଙ୍ଗିକ ସମସ୍ୟା ଓ ସେସବୁର ତ୍ୱରିତ ସମାଧାନ ନେଇ ଆଲୋଚନା କରାଯାଇଥିଲା। ଏହି ପ୍ରକଳ୍ପ ଡିସେମ୍ବର ୨୦୨୭ ସୁଦ୍ଧା କାର୍ଯ୍ୟକାରୀ ହେବା ପାଇଁ ପ୍ରସ୍ତୁତି ତ୍ୱରାନ୍ୱିତ ହୋଇଛି। ଏହି ପ୍ରକଳ୍ପ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ନିୟମିତ ସମୀକ୍ଷା କରାଯାଉଥିବା 'ପ୍ରଗତି' ପ୍ଲାଟଫର୍ମରେ ସ୍ଥାନ ପାଇ ଅଛି। ଅନୁଷ୍ଠିତ ବୈଠକରେ ଏହି ପ୍ରକଳ୍ପ କାର୍ଯ୍ୟକାରିତାରେ ଆବଶ୍ୟକ ହେଉଥିବା ୨୨୦ କେଭି ଲାଇନ୍ ବିଦ୍ୟୁତ୍ ସଂଯୋଗୀକରଣ କାର୍ଯ୍ୟ ଆଗାମୀ ୨୦୨୬ ଡିସେମ୍ବର ସୁଦ୍ଧା ଯୋଗାଇଦେବା ପାଇଁ ଓପିଟିସିଏଲ ତରଫରୁ ପ୍ରତିଶ୍ରୁତି ଦିଆଯାଇଛି। ସେହିଭଳି ୩୩ କେଭି ଲାଇନ୍ ଯିବା ପାଇଁ ରେଲୱେ ସାଇଡିଂ କାର୍ଯ୍ୟ କରାଯିବା ନେଇ ପଦକ୍ଷେପ ନିଆଯାଇଛି। ରହୁଥିବା ଜବରଦଖଲ ଉଚ୍ଛେଦ କାର୍ଯ୍ୟ, ଧାର୍ଯ୍ୟ ଅନୁସାରେ ବିସ୍ଥାପନ କ୍ଷତିପୂରଣ ଆଦି ସଂପର୍କରେ ବୈଠକରେ ଆଲୋଚନା କରାଯାଇ ପରାମର୍ଶ ଦିଆଯାଇଥିଲା।

## ସ୍କୁଲ ପାଚେରୀ ଭୁଶୁଡ଼ି ୨ ଛାତ୍ରୀ ମୃତ୍ୟୁ ଘଟଣା : ପ୍ରଧାନ ଶିକ୍ଷକ ନିଲମ୍ବିତ

ମୋହନା, ୧୭।୪

ନ୍ୟୁଜ୍‌ବ୍ୟୁରୋ

ଗଜପତି ଜିଲ୍ଲା ରା.ଉଦୟଗିରି ଥାନା ଗୁବୁଡିସିଂ ସ୍କୁଲ ପାଚେରୀ ପଡ଼ି ଦୁଇ ଜଣ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଘଟଣାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୱେତ ରାଇକାଙ୍କୁ ନିଲମ୍ବିତ କରାଯାଇଛି। ଏଥିସହ ବିଦ୍ୟାଳୟ କୋଠା କାମ କରୁଥିବା ଠିକାଦାର ପ୍ରମିଳା ପୂଜାରୀଙ୍କ ନାଁରେ ମାମଲା ରୁଜୁ ହୋଇଛି।

ଶୁକ୍ରବାର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ରଙ୍କ ସମୀକ୍ଷା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଥିସହ ୭ଦିନ ମଧ୍ୟରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ସମ୍ପୃକ୍ତ ଘଟଣାର ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା।

# ଜମି ହରାଇଥିବା କ୍ଷତିଗ୍ରସ୍ତଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୧୭।୪ :ନ୍ୟୁଜ୍‌ବ୍ୟୁରୋ

ଅପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ପାଇଁ ଜମି ହରାଇଥିବା କ୍ଷତିଗ୍ରସ୍ତଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ମାମଲାରେ ଓଡ଼ିଶା ହାଇକୋର୍ଟ ଆସନ୍ତା ଜୁଲାଇ ଶେଷ ସୁଦ୍ଧା ଆବେଦନର ଶୁଣାଣି ଶେଷ କରି ଅକ୍ଟୋବର ସୁଦ୍ଧା କ୍ଷତିପୂରଣ ଅର୍ଥ ପ୍ରଦାନ କରିବାକୁ ଜମି ଅଧିଗ୍ରହଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ କେ.ଆର. ମହାପାତ୍ର ଏବଂ ଜଷ୍ଟିସ ସଞ୍ଜୟ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି। ଆଲାନ୍ତି ରଣା ଏବଂ ଅନ୍ୟମାନେ ଜମି ଅଧିଗ୍ରହଣ ଆଇନର ଧାରା ୨୮-ଏ ଅନୁଯାୟୀ କୁସୁମଖୁଣ୍ଟିସ୍ଥିତ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀଙ୍କ ନିକଟରେ କ୍ଷତିପୂରଣ ପାଇଁ ଆବେଦନ କରିଥିଲେ। ୨୦୧୯ ମସିହାରେ ଭବାନୀପାଟଣା ନିମ୍ନ ଅଦାଲତଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏକ ରାୟ ଆଧାରରେ ଅଧିକ କ୍ଷତିପୂରଣ ଦାବି କରାଯାଇଥିଲା। ମାତ୍ର ଦୀର୍ଘ ଦିନ ଧରି ଏହି ଆବେଦନ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ସମୟରେ ଜମି ଅଧିଗ୍ରହଣ ଅଧିକାରୀଙ୍କ ପକ୍ଷରୁ କୁହାଯାଇଥିଲା ଯେ, ଏହି ମାମଲାର



ସମାଧାନ ପାଇଁ ତାଙ୍କୁ ଆଉ ୩ ମାସ ସମୟ ଆବଶ୍ୟକ। ଅଦାଲତ ଉଭୟପକ୍ଷଙ୍କୁ ଶୁଣିବା ପରେ ନିର୍ଦ୍ଦେଶ ଦେଇଛନ୍ତି ଯେ, ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ୨୦୨୬ ଜୁଲାଇ ଶେଷ ସୁଦ୍ଧା ଆଇନ ଅନୁଯାୟୀ ଆବେଦନର ଶୁଣାଣି ଶେଷ କରିବେ। ଯଦି ଆବେଦନକାରୀମାନେ ଅଧିକ କ୍ଷତିପୂରଣ ପାଇବାକୁ ଯୋଗ୍ୟ ବିବେଚିତ ହୁଅନ୍ତି, ତେବେ ସେମାନଙ୍କୁ ୨୦୨୬ ଅକ୍ଟୋବର ଶେଷ ସୁଦ୍ଧା ସମସ୍ତ ବକେୟା ଅର୍ଥ ପ୍ରଦାନ କରାଯିବ। ଅର୍ଥ ପ୍ରଦାନ ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଆବଶ୍ୟକୀୟ କାଗଜପତ୍ରର ଯାଞ୍ଚ କରାଯିବ।

# ନୂତନ ଅପରାଧିକ ଆଇନରେ ବଢ଼ୁଛି ଦଣ୍ଡବିଧାନ ହାର : ଡିଜିପି

କଟକ, ୧୭।୪

ନ୍ୟୁଜ୍‌ବ୍ୟୁରୋ

୧ ଜୁଲାଇ ୨୦୨୪ରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଲାଗୁ ହୋଇଥିଲା। ଏହି ନୂତନ ଆଇନ ଲାଗୁ ହେବାର ୧ ବର୍ଷ ମଧ୍ୟରେ ଏହାର ସୁଫଳ ଅନୁଭୂତ ହୋଇଛି। ଗୋଟିଏ ବର୍ଷ ଭିତରେ ଦଣ୍ଡ ବିଧାନ ହାର ୮୭ ପ୍ରତିଶତରୁ ଅଧିକ ହୋଇପାରିଛି ବୋଲି ଡିଜିପି ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି।

କଟକ ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇ ପୁଲିସ ମହାନିର୍ଦ୍ଦେଶକ କହିଛନ୍ତି, ନ୍ୟାୟ ସଂହିତା ଆସିବା ପରେ ଜଘନ୍ୟ ଅପରାଧ ମାମଲାରେ ତଦନ୍ତକୁ ଶୀଘ୍ର ଶେଷ କରି ଦଣ୍ଡବିଧାନକୁ ତ୍ୱରିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଗଲା ବର୍ଷକ ଭିତରେ ରାଜ୍ୟରେ ୩୬୦ ମାମଲାରେ ତ୍ୱରିତ ଗତିରେ ତଦନ୍ତ ସରି ଦଣ୍ଡବିଧାନ ହୋଇଛି। ଏସବୁ ମାମଲାରେ ୭ ବର୍ଷରୁ ଅଧିକ ଦଣ୍ଡ



ବିଧାନ କରାଯାଇଛି। ତିନିଟି ମାମଲାରେ ଫାଶୀ ଦଣ୍ଡାଦେଶ କରାଯାଇଛି। ଅନେକ ମାମଲାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଅନେକ ମାମଲାରେ ୧୦ବର୍ଷରୁ ଅଧିକ ଜେଲ୍ ଦଣ୍ଡ ବିଧାନ କରାଯାଇଛି।

ଦୋଷୀଙ୍କୁ ଧରିବା, ମାମଲାର ତଦନ୍ତ କରି ଅଭିଯୋଗ ଫର୍ଦ୍ଦ ଦାଖଲ କରିବାରେ ଜିଲ୍ଲାରେ ତଦନ୍ତକାରୀ ଅଫିସର, ସୁପରଭାଇଜିଂ ଅଫିସର୍ ଏକ ସୁସଂଗଠିତ ଦଳ ଭାବେ କାମ କରିଥିବାରୁ ପୁଲିସ ମହାନିର୍ଦ୍ଦେଶକ ଧନ୍ୟବାଦ ଜଣାଇଛନ୍ତି। ଏହା ସହ ୧୦ ଜିଲ୍ଲାର ୨୭ଟି ମାମଲାରେ ତଦନ୍ତକୁ ଅଫିସର, ସୁପରଭାଇଜିଂ ଅଫିସର, ପବ୍ଲିକ ପ୍ରସେକ୍ୟୁଟର, ଜିଲ୍ଲା ଏସ୍‌ପିଙ୍କୁ ଡକାଯାଇ ସେମାନଙ୍କୁ ସମ୍ମାନିତ କରାଯାଇଛି।

୨୭ଟି ମାମଲଲାରେ ତ୍ୱରିତ ପଦକ୍ଷେପ ନେଇ ଦଣ୍ଡବିଧାନ କରାଯାଇଥିବାରୁ ସେମାନଙ୍କୁ ପ୍ରଶଂସାପତ୍ର ସହ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବରିଷ୍ଠ ପୋଲିସ ପଦାଧିକାରୀ ଉପସ୍ଥିତ ରହିଥିଲେ।

# କଟକରୁ ଅପହୃତ ଛାତ୍ରୀଙ୍କୁ ପୁରୀରେ ଗଣଦୁଷ୍କର୍ମ : ୪ ଗିରଫ

କଟକ, ୧୭।୪

ନ୍ୟୁଜ୍‌ବ୍ୟୁରୋ

କଟକରୁ ଅପହୃତ କଲେଜ ଛାତ୍ରୀଙ୍କୁ ପୁରୀରେ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ପୁରୀର ଏକ ହୋଟେଲରେ କଲେଜ ଛାତ୍ରୀଙ୍କୁ ନିଶା ଦେଇ ୪ ଜଣ ସାଙ୍ଗ ଦୁଷ୍କର୍ମ କରିଥିବା ଜଣାପଡିଛି। କ୍ୟାଣ୍ଟନମେଣ୍ଟ ଥାନା ପୁଲିସ୍ ଏହି ଘଟଣାରେ ଯାଜପୁର ରୋଡ୍ ଷ୍ଟେସନରୁ ଜଣଙ୍କୁ ଗିରଫ କରିଛି। ଟ୍ରେନ୍‌ରେ ଦିଲ୍ଲୀରୁ ଫେରିବା ସମୟରେ ଷ୍ଟେସନରୁ ମୁଖ୍ୟ ଅଭିଯୁକ୍ତ ସମେତ ୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଏବେବି ଅନ୍ୟ ଜଣେ ଫେରାର୍ ଅଛି। ମୁଖ୍ୟ ଅଭିଯୁକ୍ତ ଜଣକ ଯାଜପୁର ବିଞ୍ଝାରପୁର ଥାନା କଲ୍ୟାଣୀପୁର ଅଞ୍ଚଳର ସତ୍ୟବ୍ରତ ପରିଡ଼ା। ପୁଲିସର ଆଉ ଏକ ଟିମ୍ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ନାବାଳିକା ଛାତ୍ରୀ ଜଣକ କଟକରେ ଏକ କଲେଜରେ



ଯୁକ୍ତ ତିନିରେ ପଢୁଛନ୍ତି। ବିଞ୍ଝାରପୁରର ସତ୍ୟବ୍ରତ ଦିଲ୍ଲୀରେ ଏକ କମ୍ପାନୀରେ ଚାକିରି କରେ। ଉଭୟଙ୍କ ମଧ୍ୟରେ ପୂର୍ବରୁ ପରିଚୟ ଥିଲା। ଫେବୃଆରୀରେ ସତ୍ୟବ୍ରତ ଏକ ବାଇକ୍‌ରେ ଛାତ୍ରୀଙ୍କୁ କଟକରୁ ଅପହରଣ କରି ପୁରୀ ନେଇଯାଇଥିଲା। ସାଙ୍ଗରେ ସତ୍ୟବ୍ରତର ଅନ୍ୟ ତିନି ଜଣ ବନ୍ଧୁ ମଧ୍ୟ ଥିଲେ। ଦୁଇଟି ବାଇକ୍‌ରେ ଏମାନେ ପୁରୀ ଯାଇଥିଲେ। ସେମାନେ ସମସ୍ତେ ବିଞ୍ଝାରପୁର ଅଞ୍ଚଳର ବାସିନ୍ଦା। ପୁରୀରେ ପହଞ୍ଚିବା ପରେ ଏକ ହୋଟେଲ୍‌ରେ ସମସ୍ତେ ରହିଥିଲେ। ସେଠାରେ ନାବାଳିକାଙ୍କୁ ଅଟକ ରଖି ଖାଦ୍ୟ ଓ ପାନୀୟ ଦେଇଥିଲେ। ଖାଇବା ପରେ ନାବାଳିକା ଜଣକ ଅଚେତ ହୋଇପଡ଼ିଥିଲେ। ଏହାର ସୁଯୋଗ ନେଇ ସତ୍ୟବ୍ରତ ଓ ଅନ୍ୟ ତିନିଜଣ ବନ୍ଧୁ ଏହି ନାବାଳିକାଙ୍କୁ ହୋଟେଲ୍ ଭିତରେ ବାରମ୍ବାର ଗଣଦୁଷ୍କର୍ମ କରିଥିଲେ। ଥାନାରେ ମାମଲା ପରେ ମୁଖ୍ୟ ଅଭିଯୁକ୍ତ ସମେତ ୩ ଜଣଙ୍କୁ ପୁଲିସ୍ ଗିରଫ କରିଛି।

# ଭୁବନେଶ୍ୱରରେ ଚାଞ୍ଚଲ୍ୟ : ସ୍ତ୍ରୀ ଚରିତ୍ରକୁ ସନ୍ଦେହ କରି ସ୍ୱାମୀର ଛୁରାମାଡ଼

ଭୁବନେଶ୍ୱର, ୧୭।୪

ନ୍ୟୁଜ୍‌ବ୍ୟୁରୋ

ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ସ୍ୱାମୀ ଛୁରୀ ମାଡ଼ କରିଛନ୍ତି। ଫଳରେ ସ୍ତ୍ରୀ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏଭଳି ଘଟଣା ଚନ୍ଦ୍ରଶେଖରପୁର ଥାନା ଇଶାନେଶ୍ୱର ବସ୍ତିରେ ଦେଖିବାକୁ ମିଳିଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଶ୍ୟାମ ସୁନ୍ଦର ବିଶୋଇଙ୍କୁ ଗିରଫ ପାଇଁ ଚଢ଼ଉ ଜାରି ରଖିଛି।

ଅଭିଯୋଗ ଅନୁସାରେ, ଶ୍ୟାମ ସୁନ୍ଦର ବିବାହ କରିବାର ୧୫ ବର୍ଷ ହୋଇଯିବ। ଉଭୟଙ୍କ ଦୁଇଟି ପିଲା ଥିବାବେଳେ ସ୍ତ୍ରୀ ଏକ ଘରୋଇ କ୍ଲିନିକରେ କାମ କରୁଛନ୍ତି। ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରୁଥିବାରୁ



ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗି ଅଲଗା ହୋଇ ରହୁଥିଲେ। ଶିଖରଚଣ୍ଡୀରେ ଶ୍ୟାମସୁନ୍ଦର ରହୁଥିବା ବେଳେ ଇଶାନେଶ୍ୱର ବସ୍ତିରେ ସ୍ତ୍ରୀ ରହୁଥିଲେ। ପରେ ଅଭିଯୁକ୍ତ ଶ୍ୟାମସୁନ୍ଦର ସ୍ତ୍ରୀଙ୍କ ନିକଟକୁ ଆସିଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ଶ୍ୟାମସୁନ୍ଦର ସାଥିରେ ଆଣିଥିବା ଛୁରିରେ ସ୍ତ୍ରୀଙ୍କ ବେକ ଏବଂ ମୁହଁକୁ ଭୁଷି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ତ୍ରୀ ପଡ଼ିଥିବା ବେଳେ ଅଭିଯୁକ୍ତ ସେଠାରୁ ଚମ୍ପଟ ମାରିଥିଲେ।



ସମ୍ପାଦକୀୟ
ପୃଷ୍ଠା-୪
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
ଓଡ଼ିଆ ଭାଷା ଆନ୍ଦୋଳନର ମହାନାୟକ ଥିଲେ ଗୌରୀଶଙ୍କର
୭୮ ବର୍ଷରେ ପାଦ ଥାପିଲା ରାଜଧାନୀ: ଟେମ୍ପଲ୍ ସିଟିରୁ ସ୍ମାର୍ଟ ସିଟି, ଆଗକୁ ହେବ ହାଇଟେକ୍ ସିଟି

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ବ୍ରଜରାଜନଗର ବିକାଶ କାର୍ଯ୍ୟର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୧୭।୪

ନ୍ୟୁଜ୍‌ବ୍ୟୁରୋ

ବ୍ରଜରାଜନଗର ପୌରାଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ମାଣାଧୀନ ଥିବା ସମସ୍ତ ୨୪୦ଟି ପ୍ରକଳ୍ପକୁ ଆଗାମୀ ୬ ମାସ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଯେଉଁ ଠିକାଦାର ଅଥବା ସଂସ୍ଥାମାନେ କାମ କରୁନାହାନ୍ତି କିମ୍ବା ବିଭିନ୍ନ କ୍ଷେତ୍ରରେ ଅବହେଳା କରୁଛନ୍ତି, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ମନ୍ତ୍ରୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଭିନ୍ନ ବଡ଼ ପ୍ରକଳ୍ପ ମଧ୍ୟରେ ସୁପର୍ ମାର୍କେଟ୍, ନଦୀତଟର ସୌନ୍ଦର୍ଯ୍ୟକରଣ, ଚଣ୍ଡୀ ମନ୍ଦିରର ପାରିପାର୍ଶ୍ୱିକ ବିକାଶ, ପାଠାଗାର ଆଦିର ଅଗ୍ରଗତି ନେଇ ସମୀକ୍ଷା କରାଯାଇଛି। ଏଥିସହିତ କଲ୍ୟାଣ ମଣ୍ଡପ, ଅଡିଟୋରିୟମ୍, ଅଟଳ ବସ୍ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପ୍ତ କରିବା ନେଇ ଆଲୋଚନା ହୋଇଛି। ଇବ୍ ନଦୀତଟରେ ନୂତନ ରିଂ ରୋଡ୍ ତଥା ନଦୀବନ୍ଧ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବା ସହ ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ସହ ମନ୍ତ୍ରୀ ଶ୍ରୀ ପୂଜାରୀ ଆଲୋଚନା କରିଛନ୍ତି। ସେହିପରି କୁତାବଗା ନିକଟରେ ଇବ୍ ନଦୀରେ ନୂତନ ପୋଲ ସହ ନୂଆ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଏଥିସହିତ ଚଳିତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବ୍ରଜରାଜନଗର ଏବଂ ବେଲପାହାଡ଼ ପୌରାଞ୍ଚଳରେ ୨୪ ଘଣ୍ଟା ଜଳଯୋଗାଣ ସୁନିଶ୍ଚିତ କରିବା ନେଇ ୱାଟ୍‌କୋର ପରିଚାଳନା ନିର୍ଦ୍ଦେଶକଙ୍କ ସହ ମନ୍ତ୍ରୀ ଆଲୋଚନା କରିବା ସହ ଜଳାକ୍ଲିଷ୍ଟ ଅଞ୍ଚଳରେ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୭/୦୪/୨୦୨୬
୫,୫୨,୫୦୮/- ଟଙ୍କା
ସୁନା:-ଶୂନ୍ୟ
ରୂପା:-ଶୂନ୍ୟ

# ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ଏକାଠି ହେଲେ ବିଜୁ ଲିଗାସିର ନେତା

ଭୁବନେଶ୍ୱର, ୧୭।୪

ନ୍ୟୁଜ୍‌ବ୍ୟୁରୋ

ଶୁକ୍ରବାର ବିଜୁଙ୍କ ଶ୍ରାଦ୍ଧ ଦିବସରେ ଏକାଠି ହେଲେ ବିଜୁ ଲିଗାସିର ନେତା। ଦଳମତ ନିର୍ବିଶେଷରେ ବିଜୁଙ୍କ ଅନୁଗତ ଏବଂ ବିଜୁଙ୍କୁ ଭଲପାଉଥିବା ନେତା, ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବିଜୁଙ୍କ ସହ ବିତାଇଥିବା ମୁହୂର୍ତ୍ତକୁ ମନେ ପକାଇଛନ୍ତି ବିଜୁଙ୍କ ଖାସ ଅନୁଗତ ଓ ପାଖରୁ ଦେଖିଥିବା ନେତାଗଣ। ଏହାସହ କଥା ଛଳରେ ବିଜୁଙ୍କ ନୀତି ଆଦର୍ଶକୁ କିଭଳି ଗତ ୨ ଦଶନ୍ଧି ମଧ୍ୟରେ ଜଳାଞ୍ଜଳି ଦିଆଯାଇଛି ସେନେଇ କଟାକ୍ଷ କରିଛନ୍ତି। ବିଜୁ ବାବୁଙ୍କୁ ଦେଖିନଥିବା ଲୋକ ଏବେ ବିଜୁଙ୍କୁ ନେଇ ଲମ୍ବା ଭାଷଣ ମାରୁଥିବା କହି କଟାକ୍ଷ କରିଛନ୍ତି ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ। ବିଜୁ ପରିବାରର ପରିଭାଷା ଓଡ଼ିଶାବାସୀଙ୍କ ସାମ୍ନାରେ ରଖିଛନ୍ତି ବିଜୁଙ୍କ ଅନୁଗତ। ବିଜୁଙ୍କ ଆଦର୍ଶରେ ଓଡ଼ିଶାର ବିକାଶ କରିବାକୁ ଆହ୍ୱାନ ଦେଇଛନ୍ତି ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ



ପଟ୍ଟନାୟକ।

ଓୟୁଏଟି ସମ୍ମିଳନୀ କକ୍ଷରେ ଓଡ଼ିଶା ନାଗରିକ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ବିଜୁଙ୍କ ଶ୍ରାଦ୍ଧ ଦିବସରେ ବିଜୁ ଲିଗାସିର ନେତା ଏକାଠି ହୋଇ ପ୍ରବାଦ ପୁରୁଷଙ୍କୁ ମନେ ପକାଇଛନ୍ତି। ବିଜୁଙ୍କ ନୀତି ଆଦର୍ଶକୁ ଗାଁ ଗାଁରେ ପହଞ୍ଚାଇବାକୁ ନିଷ୍ପତ୍ତି ନେଇଛନ୍ତି। ବରିଷ୍ଠ ରାଜନେତା ବିଜୟ ମହାପାତ୍ର ଏହି ସମାବେଶରେ ଭାଷଣ ଦେଇ କହିଛନ୍ତି, ଓଡ଼ିଶା ନାଗରିକ ମଞ୍ଚ ଆଗାମୀ ଦିନରେ ଓଡ଼ିଶାବାସୀଙ୍କ ଏକମାତ୍ର ସ୍ୱର ହେବ। ଓଡ଼ିଶାର ସ୍ୱାର୍ଥ ରକ୍ଷା ଲାଗି ବିଜୁ ପଟ୍ଟନାୟକଙ୍କ ଲଢେଇର ଇତିହାସ ସ୍ମରଣ କରିବା ସହ ରାଜ୍ୟ ବିକାଶରେ ତାଙ୍କର ପ୍ରମୁଖ ଅବଦାନ ସମ୍ପର୍କରେ ସୂଚନା ଦେଇଛନ୍ତି। ସେହିପରି ବିଜୁଙ୍କ ଭଳି ସାହସୀ ହେବାକୁ ପ୍ରତିଟି ଓଡ଼ିଆଙ୍କୁ ଆହ୍ୱାନ ଦେଇଛନ୍ତି ଏକଦା ବିଜୁଙ୍କ ବିରୋଧରେ ଲଢିଥିବା ସୌମ୍ୟରଞ୍ଜନ ପଟ୍ଟନାୟକ। ବିଜୁଙ୍କ ନୀତି ଆଦର୍ଶକୁ ଗାଁ ଗାଁରେ ପହଞ୍ଚାଇବାକୁ ଆଗକୁ ବ୍ଲକ୍ ଓ ପଞ୍ଚାୟତରେ ନାଗରିକ ମଞ୍ଚର ପରିକଳ୍ପନା କରାଯାଇଛି। ଅନ୍ୟପଟେ ବିଜେଡିରୁ ନିଲମ୍ବିତ ହୋଇଥିବା ୩ ବିଧାୟକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବିଜୁ ଲିଗାସିକୁ ଆଗକୁ ନେବାକୁ ପଣ କରିଛନ୍ତି।

ଅନ୍ୟପକ୍ଷରେ ବରିଷ୍ଠ ରାଜନେତା ଅମର ପ୍ରସାଦ ଶତପଥି କହିଛନ୍ତି ଓଡିଶା ନାଗରିକ ମଞ୍ଚ କୌଣସି ରାଜନୈତିକ ଦଳ ନୁହେଁ। ଅନେକ ଲୋକ କହିଲେ ବିଜୁ ସାମୁଖ୍ୟ ହେଇଗଲା, ଦଳ ହୋଇଗଲା କିନ୍ତୁ ଓଡିଶାର ନାଗରିକମାନଙ୍କୁ ସଚେତନ କରିବାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ହୋଇଛି ବୋଲି ସେ କହିଛନ୍ତି। ବିଜୁ ବାବୁଙ୍କ ସ୍ୱପ୍ନ ଥିଲା ଯୁବ ଶକ୍ତିକୁ ଜାଗ୍ରତ କରିବା। ପ୍ରକୃତରେ ଯେଉଁମାନେ ବିଜୁ ବାବୁଙ୍କୁ ସେବା ଦେଇଥିଲେ ସେମାନେ ଅଖୋଜା ଅଲୋଡ଼ା ହୋଇଯାଇଥିଲେ। ଆଜି ଓଡିଶା ନାଗରିକ ମଞ୍ଚ ସେମାନଙ୍କୁ ସମ୍ମାନିତ କରିଛି।

ବିଜୁ ଲିଗାସୀ ଏକାଠି ହେବା ଉପରେ ପ୍ରତିକ୍ରିୟା ରଖିଛନ୍ତି ସାଂସଦ ଦିଲ୍ଲୀପ ରାୟ। ସେ କହିଛନ୍ତି ଯେ, ଏହା ଫ୍ୟାମିଲି ଗେଟ ଟୁଗେଦର ଭଳି ଲାଗିଲା। ବିଜୁ ଲିଗାସୀ କଥା ଟିଭି ଓ ସୋସିଆଲ ମିଡ଼ିଆରେ ଚାଲିଛି। ବିଜୁଙ୍କ ରୋଷେଆ ଖଇରାତି, ଡ୍ରାଇଭର ପ୍ରଫୁଲ୍ଲ ଓ ଟାଇପିଷ୍ଟ ମୁନା ଖାନ ହେଲେ ପ୍ରକୃତ ବିଜୁ ଲିଗାସୀ। ବିଜୁଙ୍କ କାର୍ଯ୍ୟ ଆଦର୍ଶ କେତେ ପ୍ରଭାବ ପକାଇଛି ତାହା ପ୍ରକୃତ ବିଜୁ ଲିଗାସୀ। ଯେଉଁ ମାନେ ବିଜୁ ବାବୁଙ୍କୁ ଦେଖି ନାହାନ୍ତି, ଜାଣି ନାହାନ୍ତି ସେମାନେ ବିଜୁ ବାବୁଙ୍କ କଥା ଆମକୁ ବୁଝାଉଛନ୍ତି। ବିଜୁ ବାବୁଙ୍କ ସ୍ନେହ, ଉପଦେଶ, ରାଗ ସବୁ ଦେଖିଛି। ବିଜୁ ବାବୁଙ୍କ ଶେଷ ଦେଢ଼ ବର୍ଷ ତାଙ୍କ ସେବା କରିବାର ସୁଯୋଗ ପାଇଛି ବୋଲି ଶ୍ରୀ ରାୟ କହିଛନ୍ତି।

ବିଜୁ ତିରୋଧାନ ଦିବସରେ ବିଜୁ ପଟ୍ଟନାୟକଙ୍କ ଡ୍ରାଇଭର, ରୋଷେୟାଙ୍କ ପରିବାରରୁ ଜଣ ଜଣଙ୍କୁ ସମ୍ମାନିତ କରିବା ସହ ବିଜୁ ବାବୁଙ୍କ ଟାଇପିଷ୍ଟଙ୍କୁ ସମ୍ମାନିତ କରି ଆମେ ଗର୍ବିତ ବୋଲି ବିଜୟ ମହାପାତ୍ର କହିଛନ୍ତି।

## ଲୋକସେବା ଭବନରୁ ଏସି ଯନ୍ତ୍ରାଂଶ ଚୋରି : ୨ ଗିରଫ

ଭୁବନେଶ୍ୱର, ୧୭।୪ :ନ୍ୟୁଜ୍‌ବ୍ୟୁରୋ

ଲୋକସେବା ଭବନ ଅର୍ଥ ବିଭାଗରୁ ଏସି ଯନ୍ତ୍ରାଂଶ ଚୋରି କରିବା ଅଭିଯୋଗରେ ୨ ଜଣଙ୍କୁ କ୍ୟାପିଟାଲ ଥାନା ପୁଲିସ ଗିରଫ କରିଛି। ସେମାନେ ହେଲେ ତମାଣ୍ଡୋ ସିଜିପୁଟରେ ରହୁଥିବା କଟକ ନିଶ୍ଚିନ୍ତକୋଇଲିର ମନୋଜ କୁମାର ଦାସ (୨୫) ଏବଂ ସାଲିଆସାହି ମଇଳାଟାଙ୍କି ବସ୍ତିରେ ରହୁଥିବା ଯାଜପୁର ବିଞ୍ଝାରପୁରର ଚନ୍ଦନ ପଲାଇ (୨୭)। ସେମାନଙ୍କ ଠାରୁ ଏସି କମ୍ପ୍ରେସରର ବିଭିନ୍ନ ସାମଗ୍ରୀ ଜବତ ହୋଇଛି। ଲୋକସେବା ଭବନ ଅର୍ଥବିଭାଗର ଉପସଚିବ ଚକ୍ରଧର ବିଶ୍ୱାଳଙ୍କ ଏତଲା ଆଧାରରେ କ୍ୟାପିଟାଲ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଅର୍ଥ ବିଭାଗର ଛାତ, ତଳ ମହଲା, ଉପସଚିବଙ୍କ ଚାମ୍ବର ଓ ଲାଇବ୍ରେରୀରେ ଲଗା ଯାଇଥିବା ୭ଟି ଏସିର କମ୍ପ୍ରେସର ଏବଂ ତମ୍ବା ପାଇପ୍ ଚୋରି ହୋଇଥିଲା। ସଚିବାଳୟର ସୁରକ୍ଷାକର୍ମୀ ଏହି ୨ ଅଭିଯୁକ୍ତଙ୍କୁ ଅଟକ ରଖିଥିଲେ। ତଲାସୀ ସମୟରେ ସେମାନଙ୍କ ଠାରୁ ଏସିର ବିଭିନ୍ନ ଉପକରଣ ମିଳିଥିଲା। ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।